# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୭/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, July 17/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 232 | ମୂଲ୍ୟ ₹୭/-


DSPL-175



ଓଡ଼ିଶା ସରକାର

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା

୨୦୨୫-୨୬ ରେ ଦେଶର ପ୍ରମୁଖ ତୀର୍ଥସ୍ଥାନ ଦର୍ଶନ ପାଇଁ ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଆବଶ୍ୟକୀୟ ସୂଚନା



**ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବସବାସ କରୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ ସୁବିଧା ନିମନ୍ତେ ଓଡିଶା ସରକାର **ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା** ୧ ଫେବୃଆରୀ ୨୦୧୬ ରୁ ଶୁଭାରମ୍ଭ କରିଛନ୍ତି । ଏହା ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ (IRCTC) ର ସହଯୋଗୀତାରେ କାର୍ଯ୍ୟକାରୀ ହେଉଛି । ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ dot.odisha.gov.in ରେ ଉପଲବ୍ଧ । ଏହି ଯୋଜନାରେ ସୁବିଧା ପାଇବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ମାନଦଣ୍ଡ ନିର୍ଦ୍ଧାରଣ କରିଅଛନ୍ତି । **ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବାର ସୁଯୋଗ ପାଇବେ ।**

## ୧. ଯୋଗ୍ୟତା

(କ) ଇଚ୍ଛୁକ ତୀର୍ଥଯାତ୍ରୀମାନେ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୭୫ବର୍ଷରୁ କମ୍ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
(ଖ) ଆର୍ଥିକ ଦୁର୍ବଳ ଶ୍ରେଣୀ/ ଦାରିଦ୍ର୍ୟ ସୀମାରେଖାର ତଳେ ରହୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଗସ୍ତ ଖର୍ଚ୍ଚର ସମ୍ପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଅଛି ।
(ଗ) ୭୦ ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ । ସହାୟକ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କ ସହାୟକଙ୍କ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ "ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱର"ଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବାକୁ ହେବ ।
(ଘ) ଆୟକର ଦେଉଥିବା ବରିଷ୍ଠ ନାଗରିକ ମାନେ ଏହି ଯୋଜନାର ପରିସରଭୁକ୍ତ ହେବେ ନାହିଁ ।
(ଙ) ଇଚ୍ଛୁକ ବରିଷ୍ଠ ନାଗରିକ ନିର୍ଦ୍ଧାରିତ ଫର୍ମ, ଫଟୋଗ୍ରାଫ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ଼, ବୟସ ପ୍ରମାଣପତ୍ରର ନକଲ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ର ସହ ନିଜ ଜିଲ୍ଲାର ପର୍ଯ୍ୟଟନ ଉନ୍ନୟନ ଅଧିକାରୀ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।
(ଚ) ଇଚ୍ଛୁକ ତୀର୍ଥ ଯାତ୍ରୀ ଦୂରଯାତ୍ରା ପାଇଁ ଶାରିରୀକ ଏବଂ ମାନସିକ ସ୍ତରରେ ସୁସ୍ଥ ହୋଇଥିବେ । ସେ କୌଣସି ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, କୁଷ୍ଠ, ଶ୍ୱାସଜନିତ ରୋଗ ଓ ହୃଦରୋଗ ଇତ୍ୟାଦି ଦ୍ୱାରା ଆକ୍ରାନ୍ତ ହୋଇନଥିବେ ।

## ୨. ଆବେଦନ ପ୍ରଣାଳୀ

(କ) ଆବେଦନ ଫର୍ମ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗ ୱେବସାଇଟ dot.odisha.gov.in ରେ ଉପଲବ୍ଧ ।
(ଖ) ଆବେଦନକାରୀ ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତା ୧୫.୦୮.୨୦୨୫ ରିଖ ସୁଦ୍ଧା ବ୍ୟକ୍ତିଗତଭାବେ କିମ୍ବା ଡ଼ାକଯୋଗେ ଦାଖଲ କରିବେ ।
(ଗ) ଚଳିତ ବର୍ଷ ଆବେଦନକାରୀ ୧୭.୦୭.୨୦୨୫ ଠାରୁ ୧୫.୦୮.୨୦୨୫ ପର୍ଯ୍ୟନ୍ତ ଅନଲାଇନ ଲିଙ୍କ yatra.odisha.gov.in ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ।

## ୩. ଚୟନ ପ୍ରଣାଳୀ

(କ) ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କଲା ପରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦରଖାସ୍ତ ଗୁଡ଼ିକୁ ମାର୍ଗଦର୍ଶିକା ଅନୁଯାଇ ତନଖି କରିବେ । ପ୍ରତ୍ୟେକ ଜିଲ୍ଲାପାଇଁ ଉଦ୍ଦିଷ୍ଟ ତୀର୍ଥଯାତ୍ରୀଙ୍କର ସଂଖ୍ୟା ଠାରୁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେଲେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯାଇ ବଛାଯାଇଥିବା ତୀର୍ଥ ଯାତ୍ରୀଙ୍କୁ ଆବଶ୍ୟକ ସୂଚନା ଜଣାଇ ଦିଆଯିବ ।
(ଖ) ଚଳିତ ଆର୍ଥିକ ବର୍ଷରେ ନିମ୍ନଲିଖିତ ସ୍ଥାନମାନଙ୍କରୁ ୧୦ ଟି ଟ୍ରେନ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବ ।

| କ୍ରମିକ ସଂଖ୍ୟା | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଜଣ ପିଚ୍ଛା ଯାତ୍ରା ଖର୍ଚ୍ଚ | ଯାତ୍ରା ଆରମ୍ଭ ତାରିଖ | ଯାତ୍ରା ଶେଷ ତାରିଖ |
|---|---|---|---|---|---|---|---|
| ୧. | ଭୁବନେଶ୍ୱର | ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଜଗତସିଂହପୁର | ୧. ଅଯୋଧ୍ୟା-ବାରଣାସୀ | ୬ ଦିନ | ୨୧୦୦୦/- | ୧୦.୦୯.୨୦୨୫ | ୧୫.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୬ ଦିନ | ୨୧୦୦୦/- | ୨୫.୧୧.୨୦୨୫ | ୩୦.୧୧.୨୦୨୫ |
| ୨. | ବ୍ରହ୍ମପୁର | ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ, ନୟାଗଡ | ୧. ଅଯୋଧ୍ୟା-ବାରଣାସୀ | ୬ ଦିନ | ୨୧୦୦୦/- | ୧୯.୦୯.୨୦୨୫ | ୨୪.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୬ ଦିନ | ୨୧୦୦୦/- | ୧୭.୧୧.୨୦୨୫ | ୨୨.୧୧.୨୦୨୫ |
| ୩. | ସମ୍ବଲପୁର | ସମ୍ବଲପୁର, ଅନଗୁଳ, ଦେବଗଡ, ଝାରସୁଗୁଡା, ସୁନ୍ଦରଗଡ, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ | ୧. ଅଯୋଧ୍ୟା-ବାରଣାସୀ | ୬ ଦିନ | ୨୧୦୦୦/- | ୦୮.୧୦.୨୦୨୫ | ୧୩.୧୦.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୬ ଦିନ | ୨୧୦୦୦/- | ୦୫.୧୨.୨୦୨୫ | ୧୦.୧୨.୨୦୨୫ |
| ୪. | ରାୟଗଡ | ରାୟଗଡ, କୋରାପୁଟ, ମାଲକାନଗିରି, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି | ୧. ଅଯୋଧ୍ୟା-ବାରଣାସୀ | ୬ ଦିନ | ୨୧୦୦୦/- | ୨୯.୧୦.୨୦୨୫ | ୦୩.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୬ ଦିନ | ୨୧୦୦୦/- | ୧୫.୧୨.୨୦୨୫ | ୨୦.୧୨.୨୦୨୫ |
| ୫. | ବାଲେଶ୍ୱର | ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର | ୧. ଅଯୋଧ୍ୟା-ବାରଣାସୀ | ୬ ଦିନ | ୨୧୦୦୦/- | ୦୭.୧୧.୨୦୨୫ | ୧୨.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୬ ଦିନ | ୨୧୦୦୦/- | ୦୭.୦୧.୨୦୨୬ | ୧୨.୦୧.୨୦୨୬ |

ବିଦ୍ର –
୧. ଆବେଦନକାରୀ ବରିଷ୍ଠ ନାଗରିକମାନେ କେବଳ ନିଜ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତୀର୍ଥସ୍ଥାନକୁ ଯାତ୍ରା କରିପାରିବେ ।
୨. (କ) ଚୟନ କରାଯାଇଥିବା ତୀର୍ଥଯାତ୍ରୀଙ୍କୁ ନିଜ ବାସସ୍ଥାନରୁ ଷ୍ଟେସନ ଏବଂ ତୀର୍ଥଯାତ୍ରା ପରେ ନିଜ ବାସସ୍ଥାନକୁ ଫେରିବା ବାବଦ ଗସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।
(ଖ) ଯାତ୍ରୀମାନେ କେବଳ ୨ୟ ଶୟନ ଶ୍ରେଣୀ ରେ (2nd Class Sleeper) ଯାତ୍ରା କରିପାରିବେ ।
୩. ଯାତ୍ରୀମାନଙ୍କୁ ଯାତ୍ରାକାଳୀନ ସୁବିଧା
(କ) ଯାତ୍ରୀମାନଙ୍କୁ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ) ଏବଂ ପରିଚୟ ପତ୍ର ଯୋଗାଇ ଦିଆଯିବ ।
(ଖ) ଟ୍ରେନ ଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କୁ ସକାଳ ଏବଂ ସଂନ୍ଧ୍ୟାରେ ଜଳଖିଆ, ନିରାମିଷ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନର ବ୍ୟବସ୍ଥା ସହିତ ରେଳ ଷ୍ଟେସନରୁ ତୀର୍ଥସ୍ଥାନକୁ ନେବା ଓ ଆଣିବା ପାଇଁ ପରିବହନ ବ୍ୟବସ୍ଥା ରାଜ୍ୟସରକାରଙ୍କ ଦ୍ୱାରା କରାଯିବ ।

ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ,
ଓଡିଶା ସରକାର

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ଆବେଦନ ଫର୍ମ**

କ. ଏକକ ଆବେଦନକାରୀଙ୍କ ନିମନ୍ତେ :

| | | | | | | |
|---|---|---|---|---|---|---|
| ୧. | ନାମ* | | | | | ଆବେଦନକାରୀଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ | | | | | |
| ୩. | ଠିକଣା* | | | | | |
| ୪. | ଆଧାର ନମ୍ବର* | | | | | |
| ୫. | ଫୋନ, ମୋବାଇଲ ନଂ/ ଇ ମେଲ | | | | | |
| ୬. | ଜନ୍ମ ତାରିଖ * | ୭. | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୮. | ପରିବାରର ଶ୍ରେଣୀ* | ଆର୍ଥିକ ଦୁର୍ବଳ ଶ୍ରେଣୀ | | ୯. | ବ୍ଲଡ଼ଗ୍ରୁପ୍ | |

ଖ. ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକତ୍ର ଯାତ୍ରା ପାଇଁ ଇଚ୍ଛୁକ ଥିଲେ ନିମ୍ନଲିଖିତ ସୂଚନା ଆବଶ୍ୟକ (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ):

| | | | | |
|---|---|---|---|---|
| ୧. | ସ୍ତ୍ରୀଙ୍କ ନାମ* | | | ସ୍ତ୍ରୀଙ୍କ ଫଟୋ |
| ୨. | ଜନ୍ମ ତାରିଖ * | | | |
| ୩. | ଆଧାର ନମ୍ବର * | ୪. ବ୍ଲଡ଼ଗ୍ରୁପ୍ | | |

ଗ. କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସହ ଯାଉଥିବା ସହାୟକଙ୍କ ନିମନ୍ତେ ନିମ୍ନଲିଖିତ ସୂଚନା ଆବଶ୍ୟକ। (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ)

| | | | | | | |
|---|---|---|---|---|---|---|
| ୧. | ନାମ* | | | | | ସହାୟକଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ | | | | | |
| ୩. | ଠିକଣା* | | | | | |
| ୪. | ଫୋନ, ମୋବାଇଲ ନଂ/ ଇ ମେଲ୍ | | | | | |
| ୫. | ଜନ୍ମ ତାରିଖ * | ୬ | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୭. | ଆଧାର ନମ୍ବର | ୮ | ବ୍ଲଡ଼ଗ୍ରୁପ୍ | | | |

ଘ. ସହାୟକଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟର ସମ୍ପୂର୍ଣ୍ଣ ବିବରଣୀ:

| ବ୍ୟାଙ୍କର ନାମ | ବ୍ୟାଙ୍କ ଡ୍ରାଫ୍ଟ ନମ୍ବର | ତାରିଖ | ପରିମାଣ |
|---|---|---|---|
| | | | |

ମୁଁ ଶ୍ରୀ/ଶ୍ରୀମତୀ ........................................ ପିତା/ସ୍ୱାମୀ ........................................ ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ଆୟକର ଦାତା ନୁହେଁ, ମୁଁ ଏହି ତୀର୍ଥଯାତ୍ରା କରିବା ପାଇଁ ଶାରିରୀକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଅଟେ ଓ ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବିବରଣୀ ମୋର ଜ୍ଞାନ ଓ ବିଶ୍ୱାସ ମତେ ସତ୍ୟ ଅଟେ। ଉପରୋକ୍ତ ଫର୍ମରେ ଦେଇଥିବା କୌଣସି ବିବରଣୀ ଅସତ୍ୟ ହୋଇଥିଲେ ଏଥିପାଇଁ ମୁଁ ଦାୟୀ ରହିବି ଏବଂ ଯାତ୍ରା ପାଇଁ ଅଯୋଗ୍ୟ ବିବେଚିତ ହେବି । ଯାତ୍ରା ସମୟରେ କୌଣସି ଦୁର୍ଘଟଣା କିମ୍ବା ଅଘଟଣ ନିମନ୍ତେ ସରକାର ଦାୟୀ ରହିବେ ନାହିଁ।

ତାରିଖ:
ସ୍ଥାନ : ଆବେଦନକାରୀଙ୍କ ସ୍ୱାକ୍ଷର

ପ୍ରାପ୍ତି ସ୍ୱୀକାର ପତ୍ର
ଶ୍ରୀ/ଶ୍ରୀମତୀ ........................................ ପିତା/ସ୍ୱାମୀ ........................................
ଠିକଣା ........................................................................ ଙ୍କ ଠାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବା ନିମନ୍ତେ ଆବେଦନ ପତ୍ର ତଥା ଏଥି ସହ ସଂଲଗ୍ନ ନିମ୍ନଲିଖିତ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଡ୍ରାଫ୍ଟର ପ୍ରାପ୍ତି ସ୍ୱୀକାର କରାଗଲା।

ତାରିଖ: ଗ୍ରହଣକାରୀଙ୍କ ସ୍ୱାକ୍ଷର

ବି. ଦ୍ର. –
୧. ଆବେଦନକାରୀ ନିଜ ଦ୍ୱାରା ସଠିକ ଭାବେ ପୂରଣ କରାଯାଇଥିବା ଫର୍ମ ସହିତ ପରିଚୟପତ୍ର , ଆଧାର କାର୍ଡ , ବୟସ ଓ ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର , ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଓ ଦୁଇଗୋଟି ପାସପୋର୍ଟ ଫଟୋ ଦରଖାସ୍ତ ସହ ସଂଲଗ୍ନ କରିବେ ।
୨. ଆବେଦନକାରୀ ନିଜର ପରିଚୟ, ବୟସ, ଠିକଣା ଇତ୍ୟାଦିର ପ୍ରମାଣପତ୍ର ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦରଖାସ୍ତ ସହ ଦାଖଲ କରିବେ । ଏତଦ୍‌ବ୍ୟତିତ ଏମ୍.ଜି.ଏନ୍.ଆଁ.ଇ.ଜି.ଏସ୍ କାର୍ଡ଼/ ଅନ୍ତୋଦୟ/ ଅନ୍ନପୂର୍ଣ୍ଣା କାର୍ଡ଼/ ବାର୍ଦ୍ଧକ୍ୟ ଭତ୍ତା/ ବିଧବା ଭତ୍ତା/ ଖାଉଟି କାର୍ଡ଼ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଗତ) ଇତ୍ୟାଦି ଯେଉଁଥିରେ କି ସେମାନଙ୍କର ନାମ ଓ ବୟସର ବିବରଣୀ ଥିବ ସେଥିରୁ ଯେକୌଣସି ଗୋଟିଏ ଆର୍ଥୀକ ଦୁର୍ବଳଶ୍ରେଣୀର ଅନ୍ତର୍ଗତ ପ୍ରମାଣପତ୍ର ଭାବରେ ଦରଖାସ୍ତ ସହ ସଂଲଗ୍ନ କରିବେ ।
୩. ସହାୟକ ବାବଦ ବ୍ୟାଙ୍କ ଡ୍ରାଫ୍ଟ ପର୍ଯ୍ୟଟନ, ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ କରାଯାଇ ଦାଖଲ କରାଯିବ। (Bank Draft in the Name of Director, Tourism & Payable at Bhubaneswar)
୪. ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ (ଫୋନ ନଂ) - ୯୬୬୮୬୬୨୯୭୮ / ୬୩୭୧୨୯୮୩୧୭ ରେ ସମ୍ପର୍କ କରନ୍ତୁ ।

ଫର୍ମ୍ ପାଇଁ ସ୍କାନ୍ କରନ୍ତୁ



ODISHA INDIA'S BEST KEPT SECRET

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର, ପର୍ଯ୍ୟଟନ ଭବନ,
ଲୁଇସ୍ ରୋଡ୍, ଭୁବନେଶ୍ୱର

OIPR-37001/13/0050/2526

odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

# ଭାଜପା ରାଜ୍ୟରେ ବଙ୍ଗାଳୀ ନିର୍ଯାତିତ: ମମତା

## ➩ ଏନ୍‌ଆର୍‌ସି ପାଇଁ ଏସ୍‌ଆଇଆର୍ ଚଳାଇଛନ୍ତି ଇସି ➩ ରାଜନୈତିକ ପରିଣାମ ଭୋଗିବ ଭାଜପା

କୋଲକାତା, ୧୬।୭



କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ।

ବିହାର ଭଳି ପଶ୍ଚିମବଙ୍ଗରେ ମଧ୍ୟ ନିର୍ବାଚନ କମିଶନ (ଇସି) ଭୋଟର ତାଲିକାର ସ୍ପେସିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ଆରମ୍ଭ କରିବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଏହା ବିରୋଧରେ ବଡ଼ ଲଢ଼େଇ ଆରମ୍ଭ କରିଛନ୍ତି। ଭୋଟର ତାଲିକାରେ ଯେଉଁମାନଙ୍କ ନାମ ନ ଥିବ, ସେମାନଙ୍କୁ ଇସି ଏବଂ ଭାଜପା ଜେଲରେ ପୂରାଇଦେବେ। ତେଣୁ ପଶ୍ଚିମବଙ୍ଗର ମତଦାତାମାନେ ସବୁ କାମ ଛାଡ଼ି ପ୍ରଥମେ ଭୋଟର ଲିଷ୍ଟରେ ନିଜ ନିଜ ନାମ ଚଢ଼ାଇବାକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ପରାମର୍ଶ ଦେଇଛନ୍ତି।

ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ନିର୍ବାଚନ ହେବାକୁ ଥିବାବେଳେ ଭାରତର ନିର୍ବାଚନ କମିଶନ(ଇସିଆଇ) ରାଜ୍ୟରେ ଏସ୍‌ଆଇଆର୍ କରାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମମତା ଏହାକୁ ଭୋଟର ତାଲିକାରୁ ବୈଧ ମତଦାତା ବିଶେଷକରି ପ୍ରବାସୀ ଓ ବଞ୍ଚିତ ବର୍ଗଙ୍କ ନାମ ହଟାଇବା ଉଦ୍ଦେଶ୍ୟରେ ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ମମତା ଇସିଆଇଙ୍କୁ ଭାଜପାର କଣ୍ଢେଇ ବୋଲି କହି ସମାଲୋଚନା କରିଥିଲେ। ଇସିଙ୍କ ପକ୍ଷରୁ କରାଯିବାକୁ ଥିବା ଭୋଟର ତାଲିକା ସଂଶୋଧନକୁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ ପାଇଁ ଏକ ପଛଦ୍ୱାର ଉଦ୍ୟମ ରୂପେ ସେ ଅଭିହିତ କରିଥିଲେ। ଇତିମଧ୍ୟରେ ଏହି ବିବାଦ ବଢ଼ିବାରେ ଲାଗିଥିବାବେଳେ ବୁଧବାର ମମତା ବର୍ଷାରେ ଭିଜିଭିଜି କୋଲକାତାରେ ପଦଯାତ୍ରା କରିଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ବଙ୍ଗାଳୀ ପ୍ରବାସୀଙ୍କୁ ଟାର୍ଗେଟ କରାଯାଉଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କୁ ହଇରାଣ କରୁଛନ୍ତି। ମମତା ଆହୁରି କହିଛନ୍ତି, ଭାଜପା କ'ଣ ଭାବୁଛି? ସେମାନେ ବଙ୍ଗାଳୀମାନଙ୍କୁ ରୋହିଙ୍ଗ୍ୟା ବୋଲି କହୁଛନ୍ତି। ରୋହିଙ୍ଗ୍ୟାମାନେ ମ୍ୟାନ୍‌ମାରରେ ଅଛନ୍ତି, ଏଠି ନାହାନ୍ତି। ୨୨ ଲକ୍ଷ ଗରିବ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରାଯାଉଛି। ସେମାନେ ଘରକୁ ଫେରିଆସନ୍ତୁ। ପଶ୍ଚିମବଙ୍ଗରେ ସେମାନେ ସୁରକ୍ଷିତ ରହିବେ। ଭାଜପା ବଙ୍ଗଳାଭାଷୀମାନଙ୍କୁ ଅଟକ ରଖି କେନ୍ଦ୍ରକୁ ପଠାଉଛି। ପଶ୍ଚିମବଙ୍ଗ କ'ଣ ଭାରତରେ ନାହିଁ, ବୋଲି ମମତା ପ୍ରଶ୍ନ କରିଛନ୍ତି। ପଶ୍ଚିମବଙ୍ଗ ଭାରତର ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲା। ସେହି ବଳିଦାନକୁ ଭାଜପା ଭୁଲିଗଲା କି ବୋଲି ମମତା ପ୍ରଶ୍ନ କରିବା ସହ ଏହି ଦଳ ଲଜ୍ଜିତ ହେବା ଉଚିତ କହି ସମାଲୋଚନା କରିଛନ୍ତି।

ଟିଏମ୍‌ସି ସରକାର ବାଂଲାଦେଶୀଙ୍କୁ ସମର୍ଥନ କରୁଛି ବୋଲି ଭାଜପା ପକ୍ଷରୁ ହେଉଥିବା ଅଭିଯୋଗ ଉପରେ ମମତା କହିଛନ୍ତି, ସୀମା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ସେମାନେ କାହିଁକି ଅନୁପ୍ରବେଶକାରୀଙ୍କୁ ରୋକୁ ନାହାନ୍ତି? ସେମାନେ ୨୦୦୨ର ଭୋଟର ତାଲିକା ଯାଞ୍ଚ କରିବେ ବୋଲି କହୁଛନ୍ତି। ବହୁ ଲୋକ ମରିଗଲେଣି, ବହୁ ଶିଶୁ ଜନ୍ମ ନେଲେଣି। ଭୋଟର ତାଲିକା ସଂଶୋଧନ ଆରମ୍ଭ ହେଲେ ସମସ୍ତେ ଆବଶ୍ୟକ ହେଲେ କାମ ଛାଡ଼ି ତାଲିକାରେ ନିଜ ନାମ ଚଢ଼ାଇବା ନେଇ ସୁନିଶ୍ଚିତ କରନ୍ତୁ। ଅନ୍ୟଥା ତାଲିକାରେ ଯାହାଙ୍କ ନାମ ନ ଥିବ ସେମାନେ ତାଙ୍କୁ ଜେଲକୁ ମଧ୍ୟ ପଠାଇପାରନ୍ତି ବୋଲି ମମତା ନିଜ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି।

# ଦିଲ୍ଲୀର ୫ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୬।୭

ଦିଲ୍ଲୀର ୫ ଘରୋଇ ସ୍କୁଲକୁ ବୁଧବାର ସକାଳେ ଇ-ମେଲ୍ ଯୋଗେ ବୋମା ଧମକ ହସ୍ତଗତ ହୋଇଛି। ଦ୍ୱାରକାସ୍ଥିତ ସେଣ୍ଟ ଥୋମାସ୍ ସ୍କୁଲ, ବସନ୍ତ କୁଞ୍ଜସ୍ଥିତ ବସନ୍ତ ଭ୍ୟାଲି ସ୍କୁଲ, ହଜ୍‌ଖାସ୍‌ସ୍ଥିତ ମଦର ଇଣ୍ଟରନ୍ୟାଶନାଲ ସ୍କୁଲ, ପଶ୍ଚିମ ବିହାରସ୍ଥିତ ରିଚ୍‌ମଣ୍ଡ ଗ୍ଲୋବାଲ ସ୍କୁଲ ଏବଂ ଲୋଧୀ ଇଷ୍ଟେଟ୍‌ସ୍ଥିତ ସର୍ଦ୍ଦାର ପଟେଲ ବିଦ୍ୟାଳୟକୁ ଏହି ଧମକ ମିଳିଛି। ଧମକ ପରେ ସ୍କୁଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇ ବିଦ୍ୟାଳୟ ପରିସରକୁ ଖାଲି କରାଇଥିଲେ। ତେବେ ସେଠାରୁ ବୋମା କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିବା ପୋଲିସ କହିଛି। ୩ ଦିନ ମଧ୍ୟରେ ୧୦ ସ୍କୁଲକୁ ବୋମାରେ ଉଡ଼ାଇଦେବାକୁ ଇ-ମେଲ ଯୋଗେ ଧମକ ମିଳିଥିବା ଜଣାପଡ଼ିଛି।

# କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଅ: କଂଗ୍ରେସ

ନୂଆଦିଲ୍ଲୀ, ୧୬।୭

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବା ପାଇଁ ସୋମବାର ଆରମ୍ଭ ହେବାକୁ ଥିବା ମୌସୁମୀ ଅଧିବେଶନରେ ସ୍ୱତନ୍ତ୍ର ଆଇନ ଆଣିବାକୁ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ରାଜ୍ୟ ସଭା ବିରୋଧୀ ଦଳ ନେତା ଖାର୍ଗେ ଓ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଏଥିସହ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ କରିବା ପାଇଁ ଆଇନ ଆଣିବାକୁ ମଧ୍ୟ ଏଥିରେ ଉଲ୍ଲେଖ କରିଛନ୍ତି। ମିଳିତ ପତ୍ରରେ ଦୁହେଁ ଲେଖିଛନ୍ତି, ଗତ ୫ ବର୍ଷ ହେଲା ଜମ୍ମୁ-କଶ୍ମୀରର ଲୋକେ ରାଜ୍ୟ ମାନ୍ୟତା ଦାବି କରିଆସୁଛନ୍ତି। ଏହା ସେମାନଙ୍କ ବୈଧ, ସାମ୍ବିଧାନିକ ଦାବି ଏବଂ ଗଣତାନ୍ତ୍ରିକ ଅଧିକାର। ୨୦୨୪ ମେ' ୧୯ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏକ ସାକ୍ଷାତ୍‌କାର ବେଳେ କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ମୋଦି ପାଳନ କରନ୍ତୁ ବୋଲି ୨ ବିରୋଧୀ ଦଳ ନେତା ଉକ୍ତ ମିଳିତ ପତ୍ରରେ ଉଲ୍ଲେଖ କରିଛନ୍ତି।

# ୨ ଏନ୍‌ଇଇଟି ଆଶାୟୀଙ୍କ ଆତ୍ମହତ୍ୟା

ନାଗପୁର, ୧୬।୭

## ମା'ବାପା କ୍ଷମା କରିବ, ମୁଁ ଉତ୍ତୀର୍ଣ୍ଣ ହୋଇପାରିବି ନାହିଁ

ମହାରାଷ୍ଟ୍ରର ନାଗପୁରରେ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ପାଇଁ ପ୍ରସ୍ତୁତି କରୁଥିବା ୨ ଜଣ ଆଶାୟୀ ବୁଧବାର କିଛି ଘଣ୍ଟା ସମୟ ମଧ୍ୟରେ ଆତ୍ମହତ୍ୟା କରିଛନ୍ତି। ନାଗପୁରର ଆମବଜାରୀଠାରେ ୧୬ ବର୍ଷୀୟ ଖ୍ୱାଇସ୍ ଦେବରାମ ନାଗରେ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମଧ୍ୟପ୍ରଦେଶର ବାଲଘାଟ ସହରର ମୂଳନିବାସୀ ଖ୍ୱାଇସ୍ ନାଗପୁରର ଏକ କୋଚିଂ ସେଣ୍ଟର ଜରିଆରେ ଏନ୍‌ଇଇଟି ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇଛି, ଯେଉଁଥିରେ ସେ ଲେଖିଛନ୍ତି, ବାପାମା' ମତେ କ୍ଷମା କରିବ, ମୁଁ ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ ହୋଇପାରିବି ନାହିଁ। ଖ୍ୱାଇସ୍‌ଙ୍କ ଆତ୍ମହତ୍ୟାର କିଛି ଘଣ୍ଟା ପୂର୍ବରୁ ନାଗପୁରର ହିଙ୍ଗ୍‌ନା ଥାନା ଅଞ୍ଚଳରେ ରହୁଥିବା ବୈଦେହୀ ଅନିଲ ଉଇକ୍ ନାମ୍ନୀ ଜଣେ ୧୭ ବର୍ଷୀୟା ଏନ୍‌ଇଇଟି ଆଶାୟୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।

# ଭାରତକୁ ନାଟୋର କଟକଣା ଚେତାବନୀ

ୱାଶିଂଟନ୍, ୧୬।୭

## ପୁଟିନ୍‌ଙ୍କୁ ଶାନ୍ତି ଚୁକ୍ତି ପାଇଁ ଗମ୍ଭୀର ହେବାକୁ କୁହ, ନଚେତ୍ ପରିଣାମ ଭୋଗିବ: ରୁଟେ



ମାର୍କ ରୁଟେ

ରୁଷିଆ ସହ ଭାରତ, ଚାଇନା ଓ ବ୍ରାଜିଲ ବାଣିଜ୍ୟିକ କାରବାର ଜାରି ରଖିଲେ ଏହି ଦେଶଗୁଡ଼ିକ କଟକଣା ଭୋଗିବେ ବୋଲି ବୁଧବାର ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ମହାସଚିବ ମାର୍କ ରୁଟେ ଚେତାବନୀ ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ୟୁକ୍ରେନ୍‌କୁ ନୂଆ ଯୁଦ୍ଧାସ୍ତ୍ର ଯୋଗାଣ ନେଇ ଘୋଷଣା କରିଥିଲେ। ଏଥିସହ ରୁଷିଆଠାରୁ ସାମଗ୍ରୀ ଆମଦାନୀ କରୁଥିବା ଦେଶଗୁଡ଼ିକ ଉପରେ ୧୦୦% ଟାରିଫ ଲଗାଯିବ ବୋଲି ଚେତାବନୀ ଦେଇଥିଲେ। ଏହାର ଦିନକ ପରେ ୟୁଏସ୍ କଂଗ୍ରେସର ସିନେଟରମାନଙ୍କୁ ଭେଟିବା ସମୟରେ ରୁଟେ ଏହି ମନ୍ତବ୍ୟ ଦେଇଛନ୍ତି। ୱାଶିଂଟନ୍ ଡିସିର କ୍ୟାପିଟୋଲ ହିଲ୍‌ରେ ଖବରଦାତାମାନଙ୍କୁ ରୁଟେ କହିଛନ୍ତି, ଏହି ଚେତାବନୀ ବିଶେଷକରି ୩ ରାଷ୍ଟ୍ର ପାଇଁ ଉଦ୍ଦିଷ୍ଟ। ଯେଉଁମାନେ ବେଜିଂ, ନୂଆଦିଲ୍ଲୀରେ ରହୁଛନ୍ତି କିମ୍ବା ଯିଏ ବ୍ରାଜିଲ ରାଷ୍ଟ୍ରପତି, ସେମାନେ ଏହି ବିଷୟ ପ୍ରତି ଗମ୍ଭୀରତା ସହ ଧ୍ୟାନଦେବା ଉଚିତ। କାରଣ ଏହା ସେମାନଙ୍କୁ ବହୁତ ଆଘାତ ଦେଇପାରେ। ସେମାନେ ପୁଟିନ୍‌ଙ୍କୁ ଫୋନ୍ କଲ୍ କରି ଶାନ୍ତି ଚୁକ୍ତି ପାଇଁ ଗମ୍ଭୀର ହେବାକୁ କୁହନ୍ତୁ, ନଚେତ୍ କଟକଣା ଭୋଗିବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି ନାଟୋ ମୁଖ୍ୟ ଭାରତ, ଚାଇନା ଓ ବ୍ରାଜିଲକୁ ରୁଷିଆ ସହ ସମ୍ପର୍କ ଉପରେ ଚେତାବନୀ ଦେଇଛନ୍ତି।



ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୭/୨୦୨୫ | Bhubaneswar, Thursday, July 17/2025 | ପୃଷ୍ଠା-୧



**ହକି ତାରକା ଦୀପିକା ପୁରସ୍କୃତ**

ଭାରତୀୟ ମହିଳା ହକି ଦଳର ତାରକା ଷ୍ଟ୍ରାଇକର ଦୀପିକା ଶେରାୱତ୍‌ଙ୍କୁ ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ପୁରସ୍କାର ପ୍ରଦାନ କରାଯାଇଛି। ୧୨

୧୧ **ରହସ୍ୟ ଖୋଲିଲେ ରାଜକୁମାର**

ନିଜ ନାମ ମଝିରେ 'ଏମ୍' ଯୋଡ଼ିବା ପଛର ରହସ୍ୟ ଖୋଲି କହିଛନ୍ତି ବଲିଉଡ୍ ଅଭିନେତା ରାଜକୁମାର ରାଓ।



# ଆଜି ଓଡ଼ିଶା ବନ୍ଦ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ସରକାରୀ ଉଦାସୀନତାର ପ୍ରତିବାଦରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଗୁରୁବାର(୧୭ ଜୁଲାଇ) 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି। ଏଥିରେ ବାମପନ୍ଥୀଙ୍କ ସମେତ ୮ଦଳ ସାମିଲ ହୋଇଛନ୍ତି। 'ସୌମ୍ୟାଶ୍ରୀଙ୍କ ଆତ୍ମାହୁତିକୁ ନେଇ ବିଭିନ୍ନ ମହଲ, ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ ପାଉଥିବାରୁ ଓଡ଼ିଶା ବନ୍ଦକୁ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିବା ଅନୁମାନ କରାଯାଉଛି। ବିରୋଧୀ ଦଳଗୁଡ଼ିକ ଗୁରୁବାର ଯାନବାହନ ଚଳାଚଳ, ଦୋକାନବଜାର, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନକୁ ବନ୍ଦ ରଖିବା ପାଇଁ ନିବେଦନ କରିଛନ୍ତି। ତେବେ ବନ୍ଦ ପାଳନ ସମୟରେ କେତେକ ସ୍ଥାନରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇପାରେ। ଏହାକୁ ନେଇ ପୋଲିସ ସଜାଗ ହୋଇଉଠିଛି। ବିଶେଷକରି ଭୁବନେଶ୍ୱର, କଟକ ଟୁଇନ୍ ସିଟିରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ ସମସ୍ତ ଆନ୍ଦୋଳନକାରୀଙ୍କ ଉପରେ ଏଆଇ କ୍ୟାମେରା ଓ ଡ୍ରୋନ୍ ନଜର ରଖିବ। ଆଇନ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଚେତାବନୀ ଦେଇଛନ୍ତି। ଲୋକସେବା ଭବନ, ବିଧାନସଭା, ରାଜୀବ ଭବନ କଡ଼ା ସୁରକ୍ଷା ବଳୟରେ ରହିବ। ସେହିପରି ଛକ, ବଜାର, ସରକାରୀ କାର୍ଯ୍ୟାଳୟରେ ସଶସ୍ତ୍ର ପୋଲିସ ମୁତୟନ ହେବେ ବୋଲି କମିଶନର କହିଛନ୍ତି।

**ଭୁବନେଶ୍ୱର, ୧୬।୭ (ରବି ନାରାୟଣ ଜେନା)**

କଲେଜରେ ଅଧ୍ୟାପକ (ଶିକ୍ଷା ବିଭାଗ ଏଚ୍‌ଓଡି ସମୀର କୁମାର ସାହୁ)ଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ସୌମ୍ୟାଶ୍ରୀ ନ୍ୟାୟ ପାଇଁ ବିଭିନ୍ନ ସରକାରୀ କର୍ତ୍ତୃପକ୍ଷ, ନେତା, ମନ୍ତ୍ରୀ, ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତା ନ୍ୟାୟ ତ ପାଇଲେ ନାହିଁ, ବରଂ ଅଭିଯୁକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କ ପ୍ରରୋଚନାରେ କେତେଜଣ ଛାତ୍ରୀଛାତ୍ର ତାଙ୍କ ଚରିତ୍ର ଉପରେ ଅଙ୍ଗୁଳି ଉଠାଇଥିଲେ। ତାଙ୍କୁ ଟାହିଟାପରା କରିଥିଲେ ଏବଂ ଅଧ୍ୟକ୍ଷ ଯୌନ ନିର୍ଯାତନାର ପ୍ରମାଣ ମାଗିବା ସହ ତାହା ନ ଦେଲେ ତାଙ୍କ ବିରୋଧରେ ☞ପୃଷ୍ଠା-୨

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

## ସଂସଦ ଘେରାଉ କରିବ କଂଗ୍ରେସ

**ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଦାବି**

**ଭୁବନେଶ୍ୱର, ୧୬।୭ (ରବିନାରାୟଣ ଜେନା)**

ଚଳିତ ମାସ ୨୧ ତାରିଖରେ ଆରମ୍ଭ ହେବାକୁଥିବା ମୌସୁମୀ ଅଧିବେଶନ କାଳରେ ସଂସଦ ଘେରାଉ କରାଯିବ ବୋଲି ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି। ବୁଧବାର ଭୁବନେଶ୍ୱର କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଲକା କହିଛନ୍ତି, ସଂସଦ ଘେରାଉ ବେଳେ ଓଡ଼ିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ। ଓଡ଼ିଶାରେ ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି ସେ ଦାବି କରିଛନ୍ତି। ସେ କହିଛନ୍ତି, ଲୋକ ସଭାର ବିରୋଧୀ ☞ପୃଷ୍ଠା-୨

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାର ସତ୍ୟାସତ୍ୟ କିଭଳି ଖୁବ୍‌ଶୀଘ୍ର ଲୋକଲୋଚନକୁ ଆସିବ ସେନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ କ୍ରାଇମ୍‌ବ୍ରାଞ୍ଚ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଏକ ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ସେଥିରେ ସେ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନାରେ ଚଳିତମାସ ୧୨ରେ ରୁଜୁ ହୋଇଥିବା ☞ପୃଷ୍ଠା-୨



ଯୌନ ନିର୍ଯାତନା ଘଟଣାରେ ଆତ୍ମାହୁତି ଦେଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦେବା ଦାବିରେ ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଉ ଉଦ୍ୟମ ବେଳେ ଲୋୟର ପିଏମ୍‌ଜିରେ ପୋଲିସ ସହ ଧସ୍ତାଧସ୍ତି। (ଫଟୋ: ବିକାଶ ନାୟକ)

## ପୋଲିସ-ବିଜେଡି କର୍ମୀ ମୁହାଁମୁହିଁ

**ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)**

**ବବି, ଡାନି, ସୁଲତା ଆହତ**

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ତାଙ୍କୁ ନ୍ୟାୟ ଦେବା ଦାବିରେ ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଉ ପାଇଁ ମଙ୍ଗଳବାରଠାରୁ ଦଳ ଡାକରା ଦେଇଥିଲା। ଘୋଷଣା ଅନୁଯାୟୀ ବିଜେଡି ନେତାମାନେ ନିଜ ନିଜର ସମର୍ଥକମାନଙ୍କ ସହ ବୁଧବାର ପୂର୍ବାହ୍ନ ୧୦ଟା ବେଳକୁ ଆସି ମାଷ୍ଟର କ୍ୟାଣ୍ଟିନ ନିକଟରେ ଏକାଠି ହୋଇଥିଲେ। ଏହାପରେ ନେତାମାନେ ନିଜର ସମର୍ଥକଙ୍କ ସହ ଲୋୟର ପିଏମ୍‌ଜି ଦେଇ ଲୋକସେବା ଭବନ ଆଡ଼କୁ ଅଗ୍ରସର ହୋଇଥିଲେ। ପୂର୍ବରୁ ପୋଲିସ ଲୋୟର ପିଏମ୍‌ଜି ସ୍ଥିତ ପୋଷ୍ଟ ଅଫିସ୍ ପାଖାପାଖି ରାସ୍ତା ବନ୍ଦ କରି ଜଗି ରହିଥିଲା। ବିଜେଡି ନେତାମାନେ ଗୋଟିଏ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବା ବେଳକୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଧୀରେ ଧୀରେ ସ୍ଥିତି ଜଟିଳ ☞ପୃଷ୍ଠା-୨

## ସୌମ୍ୟାଶ୍ରୀଙ୍କ ବାପାଙ୍କ ସହ କଥା ହେଲେ ରାହୁଲ

**ବାଲେଶ୍ୱର, ୧୬।୭ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ରାଜନୈତିକ ବାତାବରଣ ସରଗରମ ରହିଛି। ବିଜେଡି, କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଘଟଣାକୁ ନିନ୍ଦା କରାଯିବା ସହ ବନ୍ଦ ଡାକରା ଦିଆଯାଇଛି। କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୃତ ସୌମ୍ୟାଶ୍ରୀଙ୍କ ବାପାଙ୍କ ସହ ମଙ୍ଗଳବାର ଫୋନ୍ ଯୋଗେ କଥା ହୋଇଛନ୍ତି। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଗଭୀର ସମବେଦନା ଜଣାଇ ପରିବାର ସହ କଂଗ୍ରେସ ଅଛି, ପରିବାରକୁ ନ୍ୟାୟ ଦେବା ପାଇଁ ସବୁପ୍ରକାର ଚେଷ୍ଟା କରିବୁ ବୋଲି ରାହୁଲ କହିଛନ୍ତି। ଘଟଣାକୁ ନେଇ ମଙ୍ଗଳବାର ଟୁଇଟ୍ କରି ସରକାରଙ୍କ ଉପରେ ବର୍ଷିଥିଲେ ରାହୁଲ। ସେ ଟୁଇଟ୍ କରି ଲେଖିଥିଲେ, ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ☞ପୃଷ୍ଠା-୨

## ପୁରୁଣା ଅସ୍ତ୍ରରେ ଜିତିହେବନି ନୂଆ ଯୁଦ୍ଧ

**ନୂଆଦିଲ୍ଲୀ, ୧୬।୭**



ଅନିଲ ଚୌହାନ

ପୁରୁଣା ଅସ୍ତ୍ରଶସ୍ତ୍ର ଧରି ଆଧୁନିକ ଯୁଦ୍ଧରେ ବିଜୟ ଅସମ୍ଭବ ବୋଲି ବୁଧବାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିଛନ୍ତି। ସମ୍ପ୍ରତି ଯୁଦ୍ଧ ଲଢ଼ିବାକୁ ହେଲେ ଯୁଦ୍ଧାସ୍ତ୍ରଗୁଡ଼ିକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ରହିଛି। ବିଶେଷକରି ଭବିଷ୍ୟତରେ ଆହ୍ୱାନଗୁଡ଼ିକୁ ସାମ୍ନାକରିବା ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ୍ ଓ କାଉଣ୍ଟର-ୟୁଏଭି ସାମର୍ଥ୍ୟ ତଥା ଆତ୍ମନିର୍ଭରଶୀଳତା ବୃଦ୍ଧି କରିବାକୁ ପଡ଼ିବ ବୋଲି ସିଡିଏସ୍ ଗୁରୁତ୍ୱାରୋପ କରିଛନ୍ତି। 'ଅପରେଶନ୍ ସିନ୍ଦୂର' ପରିପ୍ରେକ୍ଷୀରେ ହାସଲ ଅଭିଜ୍ଞତାକୁ ଭିତ୍ତିକରି ସିଡିଏସ୍ ଚୌହାନ ନୂଆଦିଲ୍ଲୀର ମାନେକ୍‌ଶ ସେଣ୍ଟରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବାବେଳେ ଯୁଦ୍ଧର ବୈଶିଷ୍ଟ୍ୟରେ କିପରି ଭାବେ ମୌଳିକ ପରିବର୍ତ୍ତନ ଆସିଛି ତାହା ଉପରେ ଆଲୋକପାତ କରିଛନ୍ତି। ଜେନେରାଲ ଚୌହାନ କହିଛନ୍ତି, ଯୁଦ୍ଧର ଇତିହାସରେ ଆମେ ଭାରି ରାଇଫଲ୍ସଠାରୁ ନେଇ ହାଲୁକା, ଅଧିକ ଉନ୍ନତ ☞ପୃଷ୍ଠା-୨

## 'ସୁପର ଆର୍ଥ' ଆବିଷ୍କୃତ



**ୱାଶିଂଟନ, ୧୬।୭**

ଆମେରିକୀୟ ମହାକାଶ ସଂସ୍ଥା (ନାସା) ପକ୍ଷରୁ ୧୫୪ ଆଲୋକବର୍ଷ ଦୂରରେ ଏକ ରହସ୍ୟମୟ ବିଶାଳ ଗ୍ରହ 'ସୁପର ଆର୍ଥ'କୁ ଆବିଷ୍କାର କରାଯାଇଛି। ଏହି ଗ୍ରହଠାରୁ ବାରମ୍ବାର ରହସ୍ୟମୟ ସଙ୍କେତ ଆସୁଥିବା ନାସା କହିଛି। ଏହି ବିଶାଳ ଗ୍ରହର ନାମ 'ଟିଓଆଇ-୧୮୪୬ ବି' ରଖାଯାଇଥିବା ବେଳେ ଏହା ପୃଥିବୀ ଅପେକ୍ଷା ପ୍ରାୟ ୨ ଗୁଣା ଚଉଡ଼ା ଏବଂ ପ୍ରାୟ ୪ ଗୁଣ ଓଜନିଆ। ବୈଜ୍ଞାନିକମାନେ ଏହି ଗ୍ରହକୁ ନର୍ଦେନ ସ୍କାଏର ଲିରା ନକ୍ଷତ୍ରମଣ୍ଡଳରେ ଆବିଷ୍କାର କରିଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଭୋକ ଓ ଭୟ**







# ଆଜି କ'ଣ କେଉଁଠି

## କଟକ
- ଶ୍ରୀମଦ୍ ଭାଗବତ ସପ୍ତାହ କାର୍ଯ୍ୟକ୍ରମର ଉଦ୍‌ଯାପନୀ, ସ୍ଥାନ: ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମ ପରିସର, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଡାକରାରେ ଜଟଣୀ ନଗର କଂଗ୍ରେସର ବାଇକ୍ ରାଲି ଓ ଜଟଣୀ ବନ୍ଦ, ସ୍ଥାନ: ସୀତାରାମ ଛକ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ, ସ୍ଥାନ: ଭଦ୍ରକ, ସମୟ: ସକାଳ ୬ ଟା।

## ମୟୂରଭଞ୍ଜ
- ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଦମକଳ କେନ୍ଦ୍ର, ବଡ଼ସାହି ବ୍ଲକ ଅଧୀନ ଗୁହାଳଡିହି,ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମିଳିତ ବିରୋଧୀ ଦଳ ତରଫରୁ ଓଡିଶା ବନ୍ଦ, ସ୍ଥାନ: କେନ୍ଦ୍ରାପଡା ଜିଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳ, ସମୟ:ସକାଳ ୮ଟା।
- ରାଜ୍ୟସ୍ତରୀୟ ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଜୟନ୍ତୀ ପାଇଁ ସ୍ମୃତିସଭା, ସ୍ଥାନ: ଖଡିଅଙ୍ଗ ଛକ, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲା ବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ:ଭାପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- କଂଗ୍ରେସ ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ରାୟଗଡା ସହର ପ୍ରତ୍ୟକ ଛକ, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।
- କଂଗ୍ରେସର ବନ୍ଦ ପାଳନ, ସ୍ଥାନ: ଗୁଡାରି ଏଟିଏମ୍ ଛକ, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ, ସ୍ଥାନ: ଝରିଗାଁ, ସମୟ ସକାଳ ୬ରୁ ସନ୍ଧ୍ୟା ୬ଟା।
- ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଗଜପତି ଛକ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ, ସ୍ଥାନ: କୋରାପୁଟ ଟ୍ରାଫିକ ଛକ, ସମୟ: ସକାଳ ୬ଟା।
- ବିଶ୍ୱ ଜନସଂଖ୍ୟା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଡିଟିୟୁ ସଭାଗୃହ, ସମୟ : ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ଜିଲା କଂଗ୍ରେସ ପକ୍ଷରୁ ରେଲରୋକୋ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ରେଲୱେ ଷ୍ଟେଶନ, ସମୟ: ପ୍ରାତଃ ୫ଟା।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : କାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସାଓଲିନ କୁମ୍ପୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଫକୀର ମୋହନ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ପ୍ରତିବାଦରେ ବଲାଙ୍ଗୀର କଂଗ୍ରେସ ପକ୍ଷରୁ ବନ୍ଦ ପାଳନ, ପ୍ରତିବାଦ ସଭା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୬ଟାରୁ ।

## ରାଉରକେଲା
- ଓଡ଼ିଶା ବନ୍ଦ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ବିର୍ସା ଛକ, ସମୟ: ସକାଳ ୬ଟା।
- ଝିରପାଣି କଂଗ୍ରେସ ପକ୍ଷରୁ ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁକୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।
- ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ଶିବ ପୁରାଣ ପାରାୟଣ,ସ୍ଥାନ:ଜଗନ୍ନାଥ ପରିସର, ଗାଇସିଲେଟ୍, ସମୟ: ସକାଳ ୯ଟା।

## କଳାହାଣ୍ଡି
- କଳାହାଣ୍ଡିରେ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ପାଳନ, ରାସ୍ତାରୋକୋ, ସ୍ଥାନ: ଭବାନୀପାଟଣା ନକଟିଗୁଡା ଛକ, ସମୟ: ସକାଳ ୬ଟା।
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବହାଲ, କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ସାହାଣୀ କପ ଆନ୍ତଜିଲା ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ:ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼
- ଜିଲା କଂଗ୍ରେସ ପକ୍ଷରୁ ଦେବଗଡ଼ ବନ୍ଦ ପାଳନ, ସ୍ଥାନ: ଦେବଗଡ଼ ଜିଲା, ସମୟ: ସକାଳ ୬ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଫକୀରମୋହନ କଲେଜର ଛାତ୍ରୀ ଆତ୍ମାହୁତି ପ୍ରତିବାଦରେ ବନ୍ଦ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର, ସମୟ: ସକାଳ ୬ଟା।

# ଇଗ୍ନୁ ନାମଲେଖା ଅବଧି ୩୧କୁ ବୃଦ୍ଧି

**ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ଜୁଲାଇ-୨୦୨୫ ଶିକ୍ଷାସତ୍ର ପାଇଁ ନାମଲେଖା ପ୍ରକ୍ରିୟା ଚାଲିଛି। ବିଭିନ୍ନ ପାଠ୍ୟକ୍ରମରେ ଅଣ୍ଡର ଗ୍ରାଜୁଏଟ୍(ସ୍ନାତକ), ପୋଷ୍ଟ ଗ୍ରାଜୁଏଟ୍(ସ୍ନାତକୋତ୍ତର) ଡିପ୍ଲୋମା(ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଅବଧି ୩୧ ତାରିଖକୁ ବୃଦ୍ଧି କରାଯାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା କୌଣସି ବୟସର ବ୍ୟକ୍ତିବିଶେଷ ଏହାର ସୁଯୋଗ ନେଇପାରିବେ। ଅଣ୍ଡର ଗ୍ରାଜୁଏଟ୍(ସ୍ନାତକ) ପ୍ରୋଗ୍ରାମ ଯଥା କଳା (ସାଧାରଣ), ବିଜ୍ଞାନ(ସାଧାରଣ), ବାଣିଜ୍ୟ(ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ ସେମାନେ ଇଗ୍ନୁ ପକ୍ଷରୁ ଦିଆଯାଉଥିବା ରିହାତି ପାଇବାକୁ ଯୋଗ୍ୟ ହେବେନାହିଁ। ଆଗ୍ରହୀ ଛାତ୍ରୀଛାତ୍ର ଇଗ୍ନୁ ୱେବ୍‌ସାଇଟ୍ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମାନସିକ ଅସ୍ଥିରତା ମଧ୍ୟରେ ପ୍ରତ୍ୟେକ କାମ କରିବାକୁ ବାଧ ହେବେ। ମାତ୍ର ଧନଭାବସ୍ଥ ଶୁକ୍ରଙ୍କ ପ୍ରଭାବରେ ଭୋଗ,ବିଳାସ ଓ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶର ସୁଯୋଗ ପାଇବେ। କିନ୍ତୁ ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମ୍ପର୍କିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ ସଫଳତା ପାଇବା ଦୁର୍ଲଭ ହୋଇପଡିବ।

**ବୃଷ** କୌଣସି କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ପଡିପାରେ। ଅଫିସ କାମରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ଶିଳ୍ପ, କାରିଗରି, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ପ୍ରତିବନ୍ଧକ ଦୂରେଇଯିବ। ବନ୍ଧୁଙ୍କ ଆସିବା ବାଟକୁ ଚାହିଁରହି ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରୁ ପ୍ରତ୍ୟେକ ସ୍ତରରେ କାମ ହାସଲ ସହ ପ୍ରଶଂସିତ ଓ ପ୍ରତିଷ୍ଠିତ ହୋଇପାରିବେ। ଦୀର୍ଘଦିନ ହେଲା ଆର୍ଥିକ ଅନଟନ ଲାଗିରହିଥିବା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସାଙ୍ଗମାନଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ଆଜି ଯୁକ୍ତତର୍କ କରିବା ଠିକ୍ ହେବ ନାହିଁ।

**କର୍କଟ** ବୁଧଙ୍କ କୁପ୍ରଭାବଜନିତ ସାମାନ୍ୟ ବ୍ୟତିକ୍ରମ ମଧ୍ୟଦେଇ ଯାହା ଭାବୁଛନ୍ତି ତାହା ହିଁ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ମାତ୍ର କେତେକ କ୍ଷେତ୍ରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି। ବିନା କାରଣରେ ବିରକ୍ତ ହେବା ଅନର୍ଥର କାରଣ ହୋଇପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ଖୁସି ହୋଇପାରନ୍ତି।

**ସିଂହ** ଭାଗ୍ୟାଧିପ ପାପଗ୍ରହ କେତୁ ଯୁକ୍ତ ଯୋଗୁ ବ୍ୟସ୍ତ ବହୁଳ କର୍ମକ୍ଷେତ୍ର ମାନସିକ ଅସ୍ଥିରତାର କାରଣ ହେବ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବେ। ଆନୁଷ୍ଠାନିକ କାମରେ ନୀଚ ମନୋଭାବ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** ବୁଧାଦିତ୍ୟ ଯୋଗ ପ୍ରଭାବରେ ନିଜର ବୁଦ୍ଧିମତ୍ତାର ପରିଚୟ ଦେଇ ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବେ। କିନ୍ତୁ କାମରେ ବ୍ୟତିକ୍ରମ କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗିରହିବ। ପ୍ରତିବେଶୀଙ୍କଠାରୁ ସାହାଯ୍ୟ, ସହାନୁଭୂତି ପାଇବେ।

**ତୁଳା** ସ୍ୱଗୃହୀ ରାଶ୍ୟାଧିପ ଏକାଧାରରେ ଶାରୀରିକ ଓ ମାନସିକ ସ୍ଥିତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବେ। ଆର୍ଥିକ ସ୍ଥିତି ନିମ୍ନାଭିମୁଖୀ ଯୋଗୁ କରଜ କରିବାକୁ ବାଧ ହେବେ। ପ୍ରଶାସନ, ପ୍ରକାଶନ, ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା** ଗ୍ରହଙ୍କ ବିଷମ ସ୍ଥିତି କାରଣରୁ ସମସ୍ୟା ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଆତ୍ମୀୟଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସମ୍ଭାବନା ରହିଛି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସଂପର୍କ ମଧୁର ରହିବା ବୁଦ୍ଧିମାନର କାମ ହେବ।

**ଧନୁ** ଦେବଗୁରୁଙ୍କ ରାଶିପ୍ରତି ପ୍ରତ୍ୟକ୍ଷଦୃଷ୍ଟିଜନିତ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସୂଚନା ରହିଛି। ସାଧାରଣ କଥାକୁ ଅତିରଞ୍ଜିତ କରି ନିଜପାଇଁ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ ସମାଲୋଚନାର ପାତ୍ର ହେବେ। ଶନି ସହ ଚନ୍ଦ୍ରଙ୍କ ସମ୍ବନ୍ଧ କାରଣରୁ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ।

**ମକର** ରବି ଓ ବୁଧ ସପ୍ତମସ୍ଥ ହେତୁ ବିବାଦରେ ପଶିବା ଠିକ୍ ହେବ ନାହିଁ। ସବୁ ସମୟରେ ନିଜ ପାଖରେ ରହୁଥବା କର୍ମଚାରୀଟିର ମନୋଭାବ ବଦଳିଯିବାର ସୂଚନା ପାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ସହ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ଆଜି ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ରାଶିରେ ରାହୁଙ୍କ ସ୍ଥିତିଜନିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସତର୍କତା ଅବଲମ୍ବନ ନ କଲେ ହଇରାଣ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ ସ୍ତରରେ ସମ୍ବର୍ଦ୍ଧିତ ହୋଇପାରନ୍ତି।

**ମୀନ** ତୃତୀୟଭାବରେ ଶୁକ୍ରଙ୍କ ସ୍ଥିତି ହେତୁ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ପାଇ କାମ ହାସଲ କରିପାରିବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବନ୍ଧୁ ସୁବିଧା ହାସଲ ସକାଶେ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ ପରିବହନ ପ୍ରାୟତଃ ମାନ୍ଦା ହେବ ନାହିଁ।

ଆଜି ଜୁଲାଇ ୧୭ ତାରିଖ, ଅନ୍ତର୍ଜାତୀୟ ନ୍ୟାୟ ଦିବସ, ଶ୍ରାବଣ କୃଷ୍ଣ ସପ୍ତମୀ ଗୁରୁବାର। ରାଶି ନକ୍ଷତ୍ର-ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୦ ଗତେ ଘ.୦୭.୦୫ ମଧ୍ୟେ, ଘ.୧୦.୩୪ ଗତେ ଘ.୦୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୩୦ମି. ଗତେ ଘ.୦୩.୦୮ମି. ମଧ୍ୟେ ରାହୁ କାଳ ।

# ପ୍ରଥମ ପୃଷ୍ଠାରୁ...

## 'ସୁପର ଆର୍ଥ'...

ଏହି ସୁପର ଆର୍ଥର ପତଳା ବାୟୁମଣ୍ଡଳ ତଳେ ଘନ ବରଫର ଏକ ସ୍ତର ଥାଇପାରେ କିମ୍ବା ହୁଏତ ଅଳ୍ପ ଗଭୀର ସମୁଦ୍ର ଥାଇପାରେ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି 'ସୁପର ଆର୍ଥ'ର ପୃଷ୍ଠ ତାପମାତ୍ରା ୩୦୦ ଡିଗ୍ରୀ ସେଲ୍‌ସିୟସ (ପ୍ରାୟ ୬୦୦ ଡିଗ୍ରୀ ଫାରେନହାଇଟ) ଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ମଧ୍ୟ ସେଠାରେ ଜଳର ଉପସ୍ଥିତି ନେଇ ସମ୍ଭାବନା ରହିଥିବା ବୈଜ୍ଞାନିକମାନେ ଅନୁମାନ କରିଛନ୍ତି। ଏହି ଗ୍ରହର ଗୋଟିଏ ପାର୍ଶ୍ୱ ସର୍ବଦା ତାରା ଆଡ଼କୁ ମୁହଁ କରି ରହୁଥିବା ବେଳେ ଅନ୍ୟ ପାର୍ଶ୍ୱଟି ଅନ୍ଧାରରେ ରହିଥାଏ। ତେଣୁ ଜଳ ହୁଏତ ଗ୍ରହର ଶୀତଳ ଏବଂ ଅନ୍ଧାର ପାର୍ଶ୍ୱରେ ଲୁଚି ରହିଥିବା ନେଇ ବୈଜ୍ଞାନିକମାନେ କହିଛନ୍ତି। ତେବେ ଏହାର ବାୟୁମଣ୍ଡଳରେ ତାପ କିପରି ପ୍ରବାହିତ ହେଉଛି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ଜଳର ଉପସ୍ଥିତି ନିର୍ଭର କରୁଛି। ତେବେ ତାପମାତ୍ରା ଅତ୍ୟଧିକ ଥିବାରୁ ଏହି ଗ୍ରହରେ ଜୀବନଯାପନ ଅସମ୍ଭବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। 'ଟିଓଆଇ-୧୮୪୬ ବି' ଗ୍ରହର ଆବିଷ୍କାରକୁ ନିଶ୍ଚିତ କରି ମରକ୍କୋସ୍ଥିତ ଓକାଇମେଡେନ୍ ଅବ୍‌ଜରଭେଟୋରିରେ କାର୍ଯ୍ୟରତ ବରିଷ୍ଠ ବୈଜ୍ଞାନିକ ଆବ୍‌ଦେରାହମାନ୍ ସୌବକିଉ କହିଛନ୍ତି, ନାସାର ଟ୍ରାନ୍‌ଜିଟିଂ ଏକ୍ସୋପ୍ଲାନେଟ ସର୍ଭେ ସାଟେଲାଇଟ (ଟିଇଏସ୍‌ଏସ୍), ମଲ୍ଟି କଲର ଗ୍ରାଉଣ୍ଡ ବେସ୍‌ଡ ଫଟୋମେଟ୍ରିକ୍ ଡେଟା, ହାଇ ରିଜୋଲ୍ୟୁସନ ଇମେଜିଂ, ସ୍ପେକ୍ଟ୍ରୋସ୍କୋପିକ୍ ଅବଜରଭେସନ୍ସ ଆଦିର ବ୍ୟବହାରରେ ଏହି ସୁପର ଆର୍ଥର ଆବିଷ୍କାର କରାଯାଇଛି।

## ସୌମ୍ୟାଶ୍ରୀଙ୍କ ବାପାଙ୍କ ...

ଝିଅର ମୃତ୍ୟୁ ଭାଜପା ବ୍ୟବସ୍ଥା ଦ୍ୱାରା ସିଧାସଳଖ ହତ୍ୟା। ସାହସୀ ଛାତ୍ରୀଜଣକ ଯୌନଶୋଷଣ ବିରୋଧରେ ସ୍ୱର ଉଠାଇଥିଲେ। କିନ୍ତୁ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ହଇରାଣ ଓ ଅପମାନ ଦିଆଯାଇଥିଲା। ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା କଥା ସେମାନେ ଅଣଦେଖା କରିଥିଲେ। ଭାରତର ଝିଅମାନେ ସୁରକ୍ଷା ଓ ନ୍ୟାୟ ଚାହାନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲମ୍ବ ପଣତ ଚାରିଆଡ଼କୁ ପାଏ।**

ପ୍ରୟୋଜନ ଅପେକ୍ଷା ଅଧିକ ବ୍ୟବସ୍ଥା ଥିଲେ ତାହା ଚିନ୍ତାମୁକ୍ତ କରାଇଥାଏ। ଯେ କୌଣସି ଜିନିଷର ପରିମାଣ ଅଧିକ ହେଲେ ପରକ୍ଷଣରେ ନିଅଣ୍ଟର ଚିନ୍ତା ରହି ନ ଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଲୁଣ ଯାଉ ଚିନି ଯାଉ,**
**ଲୋଡ଼ା ନାହିଁ ଖଟା ମିଠା,**
**ଗୁଣ ଟିକକ ଭଲ ଲାଗିଲେ**
**ହେବୁ ତୁ ଜଗତ ଜିତା।**

ସବୁଠୁ ସାର ଏବଂ ସଫଳତାର ଚିହ୍ନ ହେଲା ଗୁଣ। ଯାହାର ଗୁଣ ଯେତେ ଭଲ, ସେ ସେତେ ପ୍ରଶଂସା ସାଉଣ୍ଟିଥାଏ। ଗୁଣବାନ୍ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇବା ସହ ମାନ ସମ୍ମାନ ଅଜାଡ଼ି ଦେଇଥାନ୍ତି। ଏହାକୁ ଅବଲମ୍ବନ କରି ମଣିଷ ସବୁଠାରେ ବିଜୟୀ ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପୋଲିସ-ବିଜେଡି କର୍ମୀ ...

ହେବା ପରେ ପୋଲିସ୍ ଏବଂ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ଟିୟର ଗ୍ୟାସ୍ ସହ ପାଣିମାଡ଼ ଆରମ୍ଭ ହୋଇଯାଇଥିଲା। ଏହାଦ୍ୱାରା କେତେଜଣ ବିଜେଡି କର୍ମୀ ଆହତ ହୋଇଥିଲେ। ଏହି ସମୟରେ ପୋଲିସ ପକ୍ଷରୁ ରବର ବୁଲେଟ୍ ମାଡ କରାଯାଇଥିବା ବିଜେଡି ନେତା ଅଭିଯୋଗ କରିଛନ୍ତି। ଏହାଦ୍ୱାରା ବିଜେଡି ନେତା ପ୍ରଣବ ପ୍ରକାଶ ଦାସ (ବବି), ପ୍ରୀତିରଞ୍ଜନ ଘଡ଼ାଇ (ଡାନି) ଏବଂ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ ପରବର୍ତ୍ତୀ ସମୟରେ ହସ୍ପିଟାଲ ମଧ୍ୟ ନିଆଯାଇଥିବା ଜଣାପଡିଛି। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଅଭିହିତକରି ବିଜେଡି ନେତାମାନେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ନ୍ୟାୟିକ ତଦନ୍ତ କରିବାକୁ ମଧ୍ୟ କହିଥିଲେ। ପୋଲିସ ପକ୍ଷରୁ ଆକ୍ରମଣ କରାଯିବା ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଥିଲା। ଏନେଇ ବରିଷ୍ଠ ବିଜେଡି ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି, ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଭାବେ ଶାନ୍ତିଶୃଙ୍ଖଳା ସହ ଚାଲିଥିବା ବେଳେ ହଠାତ୍ କର୍ମୀମାନଙ୍କ ଉପରକୁ ପାଣି ମାଡ଼ କରାଯାଇଛି। ପାଣିମାଡ଼କୁ ଖାତିର ନ କରି ପ୍ରତିବାଦକାରୀମାନେ କାର୍ଯ୍ୟକ୍ରମ ଜାରି ରଖିଥିଲେ। ଏହାପରେ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ଉଦ୍ଦେଶ୍ୟରେ ପୋଲିସ ତରଫରୁ ଲୁହବୁହା ଗ୍ୟାସ୍ ଓ ରବର ବୁଲେଟ ମରା ଯାଇଥିଲା। ଦୀର୍ଘ ୬ ମାସ ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧ୍ୟକ୍ଷ, ଏସ୍‌ପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲା। ସେଥିପାଇଁ ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ବର୍ବରୋଚିତ ଆକ୍ରମଣ କରିଛି। କିନ୍ତୁ ପୋଲିସ ଆକ୍ରମଣରେ ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ, ବରଂ ଆହୁରି ତୀବ୍ର ହେବ ବୋଲି ସେ କହିଛନ୍ତି। ପ୍ରାୟ ଦେଢ଼ ଘଣ୍ଟାରୁ ଅଧିକ ସମୟ ଏହି ଆନ୍ଦୋଳନ ଚାଲିବା ଭିତରେ ବିଜେଡି ନେତା ଓ କର୍ମୀଙ୍କୁ ପୋଲିସ ଆନ୍ଦୋଳନ ସ୍ଥଳରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ପୋଲିସ ଆକ୍ରମଣ ବର୍ବରୋଚିତ କହିଲେ ନବୀନ

ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ ଡାକରା ଦିଆଯାଇଥିଲା। ଏଥିରେ ବିଜେଡିର ଅନେକ ହଜାର କର୍ମୀ ଶାନ୍ତିପୂର୍ଣ୍ଣ ଭାବେ ଲୋୟର ପିଏମ୍‌ଜିଠାରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ପ୍ରତିବାଦ କରୁଥିବା ବେଳେ ସେମାନଙ୍କ ଉପରେ ପୋଲିସ ନିର୍ମମ ଓ ଅମାନୁଷିକ ଆକ୍ରମଣକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କଡା ଭାଷାରେ ନିନ୍ଦା କରିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ପୋଲିସର ଏଭଳି ଅତ୍ୟାଚାର ବର୍ବରୋଚିତ ବୋଲି ସେ ବର୍ଣ୍ଣନା କରିଛନ୍ତି। ଏହି ଘଟଣାରେ ବହୁ ବିଜେଡି କର୍ମୀ ଓ ସାଧାରଣ ଲୋକ ପୋଲିସ ଆକ୍ରମଣରେ ଆହତ ହେବା ଖବରରେ ନବୀନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲିସ ଆକ୍ରମଣରେ ଆହତ ଏମ୍‌ପି ସୁଲତା ଦେଓ , ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହ ନବୀନ ଫୋନ୍ ଯୋଗେ କଥା ହୋଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପୁରୁଣା ଅସ୍ତ୍ରରେ ...

ଦୂରଗାମୀ ଅସ୍ତ୍ରଶସ୍ତ୍ର ପର୍ଯ୍ୟନ୍ତ ବୈପ୍ଳବିକ ପରିବର୍ତ୍ତନ ଦେଖିଛୁ। କିନ୍ତୁ ସବୁଠି ବଡ଼ ପରିବର୍ତ୍ତନ ଆସିଛି ଡ୍ରୋନ୍ ଓ ଅନ୍‌ଆର୍ମ୍ଡ ଏରିଏଲ ସିଷ୍ଟମ୍ସ(ୟୁଏଏସ୍) କ୍ଷେତ୍ରରେ। ଯୁଦ୍ଧଭୂମିରେ ମୌଳିକ ସର୍ଭିଲାନ୍ସ ଉପକରଣଠାରୁ ପ୍ରଭାବଶାଳୀ ଶକ୍ତି ଗୁଣକ ପର୍ଯ୍ୟନ୍ତ ସେଗୁଡ଼ିକର ଉପଯୋଗିତା ବହୁଗୁଣିତ ହୋଇଛି ବୋଲି ସିଡିଏସ୍ କହିଛନ୍ତି। 'ଅପରେଶନ୍ ସିନ୍ଦୂର'ର ଅବତାରଣା କରି ଜେନେରାଲ ଚୌହାନ ଏକ ନୂଆ କଥା ପ୍ରଘଟ କରିଛନ୍ତି। ସେ କହିଛନ୍ତି, ମେ' ୧୦ରେ ଭାରତ ସହ ସଂଘର୍ଷ ବେଳେ ପାକିସ୍ତାନ ଅସ୍ତ୍ରବିହୀନ ଡ୍ରୋନ୍ ଓ ଲୋଇଟେରିଂ ମୁନିଶନ୍ସ ବ୍ୟବହାର କରିଥିଲା। ସେଗୁଡ଼ିକ ମଧ୍ୟରୁ କୌଣସି ଯୁଦ୍ଧ ଉପକରଣ ଭାରତୀୟ ସାମରିକ କିମ୍ବା ବେସାମରିକ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇପାରି ନ ଥିଲା। ସେଗୁଡ଼ିକ ମଧ୍ୟରୁ ଅଧିକାଂଶକୁ କିନେଟିକ୍ ଓ ନନ୍-କିନେଟିକ୍ ଉପାୟରେ ଖସାଇ ଦିଆଯାଇଥିଲା। ତେବେ ଏହି ଅପରେଶନ୍‌ରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ, ଏୟାରସ୍ପେସ୍‌ର ତଳଭାଗକୁ ସୁରକ୍ଷିତ ରଖାଯିବା ଏବଂ ସମନ୍ୱିତ କାଉଣ୍ଟର-ୟୁଏଭି ସିଷ୍ଟମ୍ସ ବିକଶିତ କରାଯିବା ଜରୁରୀ।

ଡ୍ରୋନ୍ ଛୋଟ ଓ ସ୍ୱଳ୍ପ ଏରୋଡାଇନାମିକ୍ ହୋଇଥିଲେ ମଧ୍ୟ ଏଗୁଡ଼ିକ ପାରମ୍ପରିକ ଯୁଦ୍ଧର ପରିଭାଷାକୁ ବଦଳାଇବାରେ ଲାଗିଛି। ଏଭଳି ଡ୍ରୋନ୍ ଶସ୍ତା, ଠାବ କରିବା କଠିନ ଓ ଆଧୁନିକ। ଏହା ପାରମ୍ପରିକ ସାମରିକ ଚିନ୍ତାଧାରାକୁ ପ୍ରତିହତ କରିଥାଏ ବୋଲି ସିଡିଏସ୍ କହିଛନ୍ତି। ସିଡିଏସ୍‌ଙ୍କ ସମ୍ବୋଧନର ମୂଳ ବିଷୟବସ୍ତୁ ଥିଲା ଆତ୍ମନିର୍ଭରଶୀଳତାର ଗୁରୁତ୍ୱ। ଆମେ ଆମଦାନୀ କରାଯାଇଥିବା ଡ୍ରୋନ୍ କିମ୍ବା କାଉଣ୍ଟର-ଡ୍ରୋନ୍ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ ହେବା ଅନୁଚିତ ବୋଲି 'ଅପରେଶନ ସିନ୍ଦୂର' ଆମକୁ ଶିକ୍ଷା ଦେଇଛି। ସ୍ୱଦେଶୀ ଜ୍ଞାନକୌଶଳ ଗୁରୁତ୍ୱପୂର୍ଣ୍ଣ। ବିଦେଶୀ ସିଷ୍ଟମ୍ସରେ ଅନେକ ଲିମିଟେଶନ୍ସ ରହିଥାଏ। ସେଗୁଡ଼ିକରେ ରହିଥିବା ବୈଶିଷ୍ଟ୍ୟକୁ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଜାଣିଥାନ୍ତି। ତେଣୁ ଆଗକୁ ଏଭଳି ସିଷ୍ଟମ୍ସର ମୁକାବିଲା ପାଇଁ ଶତ୍ରୁପକ୍ଷ କୌଶଳ ବାହାର କରିବାରେ ଅସୁବିଧା ନ ଥାଏ। ଏହି ଦୃଷ୍ଟିରୁ ଭାରତରେ ଡ୍ରୋନ୍ ଟେକ୍ନୋଲୋଜି ଏବଂ କାଉଣ୍ଟର-ୟୁଏଏସ୍ ଗ୍ରୀଡ୍‌କୁ ବିକଶିତ କରିବାକୁ ପଡ଼ିବ। ପୁରୁଣାକାଳିଆ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ ହୋଇ ଆଧୁନିକ ଯୁଦ୍ଧ ଲଢ଼ାଯାଇପାରିବ ନାହିଁ ବୋଲି ସିଡିଏସ୍ ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ସିଡିଏସ୍ ଚୌହାନ ଜୁନ୍ ୧ରେ ସିଙ୍ଗାପୁରରେ 'ଅପରେଶନ ସିନ୍ଦୂର' ସମ୍ପର୍କରେ ମୁହଁ ଖୋଲିଥିଲେ। ପାକିସ୍ତାନ ସହ ସଂଘର୍ଷ ବେଳେ ଭାରତ କେତୋଟି ଯୁଦ୍ଧବିମାନ ହରାଇଥିବା ବିଷୟ ସେତେବେଳେ ସିଡିଏସ୍ ପ୍ରଘଟ କରିଥିଲେ।

## ଆଜି ଓଡ଼ିଶା ...

କାର୍ଯ୍ୟାନୁଷ୍ଠାନ ନେବାକୁ ଧମକାଇଥିଲେ। ସୌମ୍ୟାଶ୍ରୀ ଏଥିରେ ମ୍ରିୟମାଣ ହୋଇ ଆତ୍ମାହୁତି ଦେଇଥିବା ତାଙ୍କ ସହପାଠୀ କହୁଛନ୍ତି। ତାଙ୍କ ମୃତ୍ୟୁ ପରେ ଏହି ଘଟଣା ସାରା ଦେଶରେ ଚହଳପକାଇଛି। ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘଟଣାଦିନ ଅର୍ଥାତ୍ ୧୨ ତାରିଖଠାରୁ ଘେରି ଆସୁଛନ୍ତି। ବୁଧବାର ବିଜେଡି ପକ୍ଷରୁ ଭୁବନେଶ୍ୱର ଏବଂ ବାଲେଶ୍ୱରରେ ଜୋର୍‌ଦାର ପ୍ରତିବାଦ କରାଯାଇଛି। ଏହି ସମୟରେ ବାଲେଶ୍ୱରରେ ପୋଡ଼ାଜଳା ହେବା ସହ ଭୁବନେଶ୍ୱରରେ ପୋଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଦେଖିବାକୁ ମିଳିଛି। କଂଗ୍ରେସ, ଏବିଭିପି, ଏଆଇଏଫ୍‌ବି ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିରୋଧୀଙ୍କ ଜୋର୍‌ଦାର ବିରୋଧ ଯୋଗୁ ସରକାରଙ୍କ ଅଡୁଆ ବଢ଼ିଥିବାବେଳେ ଗୁରୁବାର ୮ ଦଳର 'ଓଡ଼ିଶା ବନ୍ଦ' ଡାକରା ରାଜ୍ୟରେ ଆଇନଶୃଙ୍ଖଳା ବିଗାଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ସୌମ୍ୟାଶ୍ରୀ ନ୍ୟାୟ ପାଇଁ ଲଢୁଥିବା ସମୟରେ ତାଙ୍କ ସମାଲୋଚନାରେ କଂଗ୍ରେସ ଛାତ୍ରମାନେ ସାମିଲ ହୋଇଥିଲେ ଏବଂ ଦଳୀୟ ନେତୃବୃନ୍ଦ ମଧ୍ୟ ନୀରବଦ୍ରଷ୍ଟା ସାଜିଥିଲେ ବୋଲି ଭାଜପା ନେତାମାନେ ଅଭିଯୋଗ କରୁଛନ୍ତି। ଏଭଳିସ୍ଥଳେ 'ଓଡ଼ିଶା ବନ୍ଦ' ବେଳେ ବିରୋଧୀଙ୍କୁ ଭାଜପା ନେତା ଓ ସମର୍ଥକଙ୍କ ପକ୍ଷରୁ ବିରୋଧ କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ସଂସଦ ଘେରାଉ ...

ଦଳ ନେତା ରାହୁଲ ଗାନ୍ଧୀ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପ୍ରସଙ୍ଗରେ ଦୁଇଦିନ ହେବ ଲଗାତର ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଛନ୍ତି। ଏପରିକି ବୁଧବାର ସକାଳେ ସୌମ୍ୟାଶ୍ରୀଙ୍କ ପରିବାର ସହ କଥା ହେଇଛନ୍ତି। ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ସମ୍ପର୍କରେ ବିଧାନସଭାରେ ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରିଦେଲେ। ଏବେ ପୁଣି ଗୋପାଳପୁରରେ ଗଣବଳାତ୍କାର ଓ ଫକୀର ମୋହନ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଛି। ଏଥିରୁ ଓଡ଼ିଶା ମହିଳା କେତେ ସୁରକ୍ଷିତ ତାହା ସ୍ପଷ୍ଟ ଜଣାପଡୁଛି। ହେଲେ ଏହି ସମ୍ବେଦନଶୀଳ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦୌ ଚିନ୍ତିତ ନୁହନ୍ତି। ବିଭିନ୍ନ ପ୍ରସଙ୍ଗରେ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଉଥିବାବେଳେ ଏହି ଘଟଣାରେ ତାଙ୍କର ନୀରବତା ସରକାରୀ ଷଡ଼ଯନ୍ତ୍ରକୁ ସ୍ପଷ୍ଟ କରୁଛି। ଅନ୍ୟପକ୍ଷେ ରାଷ୍ଟ୍ରପତି ଏହାକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ, ବିଧାୟକ ସବୁ ଜାଣି ସୁଦ୍ଧା ଚୁପ୍ ରହିଲେ, କିଛି କଲେନି। ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟକଲେ।

ଲାମ୍ବା କହିଛନ୍ତି, ଓଡ଼ିଶାରେ ୪୦ ହଜାର ମହିଳା ନିଖୋଜ। ଓଡ଼ିଶାର ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହୋହଲାଇ ଦେଇଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା ସମେତ ୯ ଭାଜପାଶାସିତ ରାଜ୍ୟରେ ମହିଳା ନିର୍ଯାତନା ବଢ଼ିଛି। ରାଜନୈତିକ ହସ୍ତକ୍ଷେପ ଯୋଗୁ ଓଡ଼ିଶାରେ ପୋଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡରୁଛି। ପ୍ରତି ଜିଲା ଓ ବିଧାନସଭା ନିର୍ବାଚନମଣ୍ଡଳୀକୁ ମହିଳା କଂଗ୍ରେସ ଯିବ। ଯେପର୍ଯ୍ୟନ୍ତ ନାରୀକୁ ସୁରକ୍ଷା ମିଳିନାହିଁ ସେପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ। ସଡ଼କରୁ ସଂସଦ ଯାଏ ଲଢ଼େଇ ହେବ। ଓଡ଼ିଶା ବନ୍ଦ ଡାକରାକୁ ସମସ୍ତେ ସମର୍ଥନ କରନ୍ତୁ। ଘରୁ ବାହାରନ୍ତୁ। ମହିଳା ଅପରାଧକୁ ସରକାର ଚାହିଁଲେ ରୋକିପାରିଥାନ୍ତେ। କିନ୍ତୁ କିଛି କରୁନାହାନ୍ତି। ଏବେ କମିଟି କରିବା କେବଳ ନାଟକ। କିଟ୍ ମାମଲାରେ ଏପର୍ଯ୍ୟନ୍ତ କମିଟି ରିପୋର୍ଟ ଆସିପାରିଲାନି। ମାତ୍ର ସେ ଝିଅର ଜୀବନ ଚାଲିଗଲା, ଏବେ ଆଉ ଲାଭ କ'ଣ ? ଓଡ଼ିଶା ଆସିଥିବା ଏଆଇସିସି ତଥ୍ୟ ଅନୁଧ୍ୟାନ କମିଟି ରିପୋର୍ଟ ଦାଖଲ କରିସାରିଛି ବୋଲି ଲାମ୍ବା କହିଛନ୍ତି। ଏହି ସମ୍ମିଳନୀରେ ମହିଳା କଂଗ୍ରେସ ରାଜ୍ୟ ସଭାପତି ମୀନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିର୍‌ଦୋସ, ମୁଖପାତ୍ର ଡ. ମନୀଷା ଦାସପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ...

ପିଏସ୍ କେସ୍ (ନଂ.୨୨୯)ର ତଦନ୍ତଭାର ଡିଏସ୍‌ପି ଇମାନ କଲ୍ୟାଣ ନାୟକ(ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ), ଭୁବନେଶ୍ୱରଙ୍କୁ ପ୍ରଦାନ କରାଗଲା। ସେ ଓଡ଼ିଶା ପୋଲିସର ନିୟମାବଳୀ ନିୟମ-୪୩୧ ଅନୁଯାୟୀ, ଘଟଣାର ତଦନ୍ତକରି ରିପୋର୍ଟ ପ୍ରଦାନ କରିବେ। ଏହି ମାମଲାଟି କ୍ରାଇମ୍ ଏଗ୍‌ନେଷ୍ଟ ୱମେନ୍ ଆଣ୍ଡ ଚିଲ୍‌ଡ୍ରେନ ଉଇଙ୍ଗ୍ (ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)କୁ ହସ୍ତାନ୍ତର କରାଗଲା। ଏହି ମାମଲାରେ ଇନ୍ସପେକ୍ଟର ପାଞ୍ଚାଲି ରାଉତ ତାଙ୍କୁ ଆଇଓ ଭାବେ ସହାୟତା କରିବେ ବୋଲି ଡିଜି ବିନୟତୋଷ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।




## ଅନ୍ତର୍ଜାତୀୟ ନ୍ୟାୟ ଦିବସ
# ଆଇନ ପ୍ରତି ଦାୟିତ୍ୱ ଓ ସମ୍ମାନକୁ ଗୁରୁତ୍ୱ



ପ୍ରତିବର୍ଷ ଜୁଲାଇ ୧୭ରେ ପାଳନ କରାଯାଇ ଆସୁଛି ଅନ୍ତର୍ଜାତୀୟ ନ୍ୟାୟ ଦିବସ। ଏହି ଦିବସ ୧୯୯୮ ଜୁଲାଇ ୧୭ରେ ରୋମ ଚୁକ୍ତିର ସ୍ମୃତିରେ ପାଳନ କରାଯାଏ, ଯାହା ଅନ୍ତର୍ଜାତୀୟ ଆପରାଧିକ ନ୍ୟାୟାଳୟ (ଆଇସିସି)ର ସ୍ଥାପନ ପାଇଁ ଆଧାର ହୋଇଥିଲା। ଅନ୍ତର୍ଜାତୀୟ ନ୍ୟାୟ ଦିବସ ବିଶ୍ୱବ୍ୟାପୀ ଶାନ୍ତି, ମାନବାଧିକାର ଏବଂ ନ୍ୟାୟର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ଆହ୍ୱାନ। ଏହି ଦିବସ ଯୁଦ୍ଧଜନିତ ଅପରାଧ, ନରସଂହାର, ମାନବତା ବିରୋଧୀ ଅପରାଧର ଶିକାର ହୋଇଥିବା ଲୋକଙ୍କ ପାଇଁ ନ୍ୟାୟ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଆଇସିସି ଏହି ଅପରାଧଗୁଡ଼ିକର ତଦନ୍ତ ଓ ବିଚାର କରି ନ୍ୟାୟ ପ୍ରଦାନ କରେ। ଏହି ଦିବସ ରାଷ୍ଟ୍ରଗୁଡ଼ିକୁ ଅନ୍ତର୍ଜାତୀୟ ନ୍ୟାୟ ବ୍ୟବସ୍ଥାରେ ସହଯୋଗୀ ହେବାକୁ ପ୍ରେରିତ କରେ। ଏହା ମାନବାଧିକାରର ସୁରକ୍ଷା ଏବଂ ସମାଜରେ ନ୍ୟାୟ ଓ ସମାନତାର ମୂଲ୍ୟବୋଧକୁ ପ୍ରୋତ୍ସାହନ ଦେଇଥାଏ। ଏହା ବିଶ୍ୱବାସୀଙ୍କୁ ଅନ୍ୟାୟ ବିରୋଧରେ ଏକଜୁଟ ହେବାକୁ ଆହ୍ୱାନ ଦିଏ। ନ୍ୟାୟ ହେଉଛି ଶାନ୍ତିର ଆଧାର। ଏହି ଦିବସ ଅବସରରେ ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ପାଇଁ ନ୍ୟାୟ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥାଏ। ତେବେ ଚଳିତ ବର୍ଷ ଉକ୍ତ ଦିବସ ଅବସରରେ ବିଷୟବସ୍ତୁ ରହିଛି 'ଆଇନ ପ୍ରତି ଦାୟିତ୍ୱ ଓ ସମ୍ମାନ'।

# 'ସମୃଦ୍ଧ ସହର' ପାଇଁ ଖର୍ଚ୍ଚହେବ ୪.୮୭୯ କୋଟି

ଭୁବନେଶ୍ୱର,୧୬।୭
(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ସହରାଞ୍ଚଳକୁ ବିକାଶର ଶୀର୍ଷରେ ପହଞ୍ଚାଇବା ସହିତ ଜରୁରିକାଳୀନ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଯେପରି ସମ୍ଭବ ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି,'ସମୃଦ୍ଧ ସହର' ଯୋଜନାକୁ ସଫଳ କରିବା ପାଇଁ ରାଜ୍ୟ କ୍ୟାବିନେଟରେ ୪,୮୭୯.୩୦ କୋଟି ଟଙ୍କା ଅନୁମୋଦନ ଦିଆଯାଇଛି। ଏହା ମାଧ୍ୟମରେ ଯୋଜନାବଦ୍ଧ ସହରୀକରଣ ଏବଂ ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ କରାଯାଇ ପାରିବ। ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜମିକୁ ଏକତ୍ର କରି ପୁନର୍ଗଠନ କରିବା ଏବଂ ଯୋଜନାବଦ୍ଧ ସହରୀ ବିକାଶକୁ ତ୍ୱରାନ୍ୱିତ କରାଯିବ। ରାସ୍ତା, ଜଳ ଯୋଗାଣ, ସ୍ୱେରେଜ ବ୍ୟବସ୍ଥା ଏବଂ କଠିନ ବର୍ଜ୍ୟ ପରିଚାଳନା ଭଳି ଅତ୍ୟାବଶ୍ୟକ ସହରୀ ଭିତ୍ତିଭୂମି ସୁଦୃଢ଼ କରାଯିବ। ଏଥିପାଇଁ ୪,୧୧୪ କୋଟି ଟଙ୍କାର ବଜେଟ ଆବଣ୍ଟନ ସହିତ ଜମି ଏବଂ ସମ୍ପତ୍ତି ପରିଚାଳନାକୁ ଉଲ୍ଲେଖନୀୟ ଭାବେ ଉନ୍ନତ କରିବ ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବ। ସେହିପରି ସହରଗୁଡ଼ିକୁ ବିକାଶ କେନ୍ଦ୍ର ଭାବେ ଗଢ଼ିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ୭୬୫.୩୦ କୋଟି ଟଙ୍କାର ନିବେଶ କରାଯିବ। ଏଥିରେ ଏକୀକୃତ ଅର୍ଥନୈତିକ କ୍ଲଷ୍ଟର, ଶିଳ୍ପ ନଗର ଏବଂ ବୃହତ୍ ସହର କରିଡର ନିର୍ମାଣ ହେବ।

## ୧୩ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ମୋହର

### ଜରୁରୀ ସେବା ଡାଏଲ-୧୧୨ ପାଇଁ ୨୨୬୦.୮୯ କୋଟି

ମୁଖ୍ୟ ଶାସନ ସଚିବ କହିଛନ୍ତି, ଜରୁରିକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା ଡାଏଲ-୧୧୨କୁ ତ୍ୱରାନ୍ୱିତ କରାଯିବାକୁ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଏହି ଯୋଜନାକୁ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ବର୍ଷ ପାଇଁ ଡାଏଲ-୧୧୨ ଯୋଜନାରେ ୨୨୬୦.୮୯ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହା ଜରିଆରେ ଜାତୀୟ ଜରୁରିକାଳୀନ ପ୍ଲାଟ୍‌ଫର୍ମ ପୋଲିସ, ଆମ୍ବୁଲାନ୍ସ ଓ ଅଗ୍ନିଶମ ଭଳି ସେବାଗୁଡିକୁ ଏକୀକୃତ କରି ନାଗରିକଙ୍କୁ ତ୍ୱରିତ ସହାୟତା ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନାରେ ୪୧୯୫ଟି ନୂତନ ପଦ ସୃଷ୍ଟି କରାଯିବ। ଏହାସହିତ ୬୪୫ଟି ଜରୁରିକାଳୀନ ଯାନ(ଇଆର୍‌ଭି) କିଣାଯିବାକୁ ରହିଛି, ଯାହାଫଳରେ ଲୋକଙ୍କୁ ୨୪ଘଣ୍ଟିଆ ସେବା ଯୋଗାଇ ଦିଆଯିବ।

### ରାଇରଙ୍ଗପୁର ହେବ ନୂତନ ପୋଲିସ ଜିଲା

ମୟୂରଭଞ୍ଜ ପୋଲିସ ଜିଲାକୁ ବିଭକ୍ତକରି ରାଇରଙ୍ଗପୁରରେ ଏକ ନୂତନ ପୋଲିସ ଜିଲା ସୃଷ୍ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ନୂତନ ଭାବେ ସୃଷ୍ଟି ହୋଇଥିବା ରାଇରଙ୍ଗପୁର ପୋଲିସ ଜିଲାରେ ୨ଟି ପୋଲିସ ସବ୍‌ଡିଭିଜନ(ଅର୍ଥାତ୍ ରାଇରଙ୍ଗପୁର ପୋଲିସ ସବ୍‌ଡିଭିଜନ ଏବଂ କରଞ୍ଜିଆ ପୋଲିସ ସବ୍‌ଡିଭିଜନ) ରହିବ। ଏହା ଅଧୀନରେ ୧୪ଟି ଥାନା ଯଥା ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ, ବାଦାମପାହାଡ଼, ଗୋରୁମହିଷାଣୀ, ବିଶୋଇ, ତିରିଙ୍ଗ, ବହଳଦା, ଜାମଦା, କରଞ୍ଜିଆ, ଠାକୁରମୁଣ୍ଡା, ମହୁଲଡିହା, ରରୁଆଁ, ଘାଗରବେଡ଼ା ଏବଂ ଯଶୀପୁର ଥାନା ଓ ୫ଟି ଆଉଟ୍‌ପୋଷ୍ଟ ଓ ୨ଟିବିଟ୍‌ହାଉସ୍ ରହିବ ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି।

### ଆୟୁଷ ସହାୟକଙ୍କୁ ପଦୋନ୍ନତି ସୁଯୋଗ

ରାଜ୍ୟ ସରକାର ଆୟୁଷ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରର ବିକାଶକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି ଯେ, ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ କରାଯିବ। ଏହାଦ୍ୱାରା ୩୫୦ ବରିଷ୍ଠ ଆୟୁଷ ସହାୟକ ପଦ ଏବଂ ୧୨ଟି ମୁଖ୍ୟ ଆୟୁଷ ସହାୟକ ପଦକୁ ଯଥାକ୍ରମେ ପାହ୍ୟା ୭ ଏବଂ ପାହ୍ୟା-୯କୁ ପଦୋନ୍ନତି ମିଳିବ। ସେହିପରି

### ପରୀକ୍ଷା ଦେବେ ବାଷ୍ପିତ୍ର ସହକାରୀ ନିର୍ଦ୍ଦେଶକ

ଶ୍ରମ ବିଭାଗର ଓଡ଼ିଶା କାରଖାନା ଓ ବାଷ୍ପିତ୍ର ନିରୀକ୍ଷଣ ସେବା ନିୟମାବଳୀକୁ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସଂଶୋଧନ-୨୦୨୫ ନିୟମ ଅନୁଯାୟୀ, କାରଖାନା ଓ ବାଷ୍ପିତ୍ର ସହକାରୀ ନିର୍ଦ୍ଦେଶକ(ମୂଳପଦବୀ)ମାନଙ୍କୁ ପଦବୀରେ ସ୍ଥାୟୀ ଲାଗି ବିଭାଗୀୟ ପରୀକ୍ଷାରେ ପାସ୍ ହେବାକୁ ପଡ଼ିବ। ବିଭାଗୀୟ ପରୀକ୍ଷା ଲାଗି ପାଠ୍ୟକ୍ରମର ପେପର-୧(ଆଇନ)ରେ ସଂଶୋଦନ ନିମନ୍ତେ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ହଷ୍ଟେଲ୍ ଫି' ଛାଡ଼

ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରୀଛାତ୍ର କିଭଳି ମାଗଣାରେ ଛାତ୍ରାବାସରେ ରହି ପାଠ ପଢ଼ିବେ ତାହାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ମାସିକ ଛାତ୍ରାବାସ ଫି' ବାବଦକୁ ୨ହଜାର ଟଙ୍କା ଛାଡ଼ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଓଏଭି ସହ ଜଡ଼ିତ ଅଣ-କେଜିବିଭି (କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ) ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ମାସିକ ୨୦୦୦ ଟଙ୍କାର ରହଣି ଖର୍ଚ୍ଚକୁ ରାଜ୍ୟ ସରକାର ବହନ କରିବେ। ଏହାଦ୍ୱାରା ରାଜ୍ୟର ୪୫,୦୦୦ରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ। ରାଜ୍ୟର ୩୧୪ଟି ଓଏଭିରେ ପୃଥକ୍ ଭାବେ ୧୦୦ ଆସନ ବିଶିଷ୍ଟ ବାଳିକା ଏବଂ ବାଳକ ଛାତ୍ରାବାସ ପାଇଁ ଅନୁମୋଦନ ଦିଆଯାଇଛି। ଏଥିମଧ୍ୟରୁ ୧୭୩ଟି ୧୦୦ ଆସନବିଶିଷ୍ଟ ଟାଇପ୍-୪ ବାଳିକା ଛାତ୍ରାବାସ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବ୍ଲକଗୁଡ଼ିକରେ କାର୍ଯ୍ୟ କରୁଛି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରାବାସଗୁଡ଼ିକର ଖର୍ଚ୍ଚ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତରେ ବହନ କରାଯାଉଛି। ଅବଶିଷ୍ଟ ୪୫୫ଟି ଛାତ୍ରାବାସ (୧୪୧ ବାଳିକା ଓ ୩୧୪ ବାଳକ ଛାତ୍ରାବାସ) ପାଇଁ ଛାତ୍ରୀଛାତ୍ରଙ୍କୁ ମାସିକ ୨୦୦୦ ଟଙ୍କା ରହଣି ଖର୍ଚ୍ଚ ଦେବାକୁ ପଡୁଥିଲା। କ୍ୟାବିନେଟର ନିଷ୍ପତ୍ତିକ୍ରମେ ଏହି ୪୫୫ଟି ଛାତ୍ରାବାସ ଅନ୍ତେବାସୀଙ୍କ ମାସିକ ୨୦୦୦ ଟଙ୍କାର ରହଣି ଖର୍ଚ୍ଚକୁ ରାଜ୍ୟ ସରକାର ବହନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନା ପାଇଁ ରାଜ୍ୟ ସରକାର ୫ବର୍ଷ ମଧ୍ୟରେ ମୋଟ ୩୪୯.୨୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ମୁଖ୍ୟ ସଚିବ କହିଥିଲେ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପାଇଁ ହେବ ଶାନ୍ତିପୂର୍ଣ୍ଣ ଲଢ଼େଇ: ଭକ୍ତ

ଭୁବନେଶ୍ୱର,୧୬।୭
(ରବି ନାରାୟଣ ଜେନା)

ଭାଜପା ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଗୁରୁବାର 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି। ଏହି ଅବସରରେ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ଅହିଂସା ଆନ୍ଦୋଳନ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବୁଧବାର ରାଜ୍ୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ପଛରେ ସରକାରୀ ଷଡ଼ଯନ୍ତ୍ର ଲୁଚିରହିଛି। ଏହାକୁ ଲୋକଲୋଚନକୁ ଅଣାଯିବା ସହିତ ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଓଡ଼ିଶାରେ ବନ୍ଦ ପାଳନ କରାଯିବ। ସୌମ୍ୟାଶ୍ରୀ ଜଣେ ସାହସୀ ଝିଅ ଥିଲେ। ସେ ନ୍ୟାୟ ପାଇଁ ସରକାରୀ ବ୍ୟବସ୍ଥା ବିରୋଧରେ ଲଢ଼େଇକରି ମଧ୍ୟ ହାରିଗଲେ। ଆଗାମୀ ଦିନରେ ଓଡ଼ିଶାରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ହେବ ସେଥିନେଇ କଂଗ୍ରେସ ଓ ସମଭାବାପନ୍ନ ୮ ଦଳ ଭାଜପାର କୁଶାସନ ବିରୋଧରେ ଏହି ବନ୍ଦକୁ ଓହ୍ଲାଇଛନ୍ତି।

ଭକ୍ତ କହିଛନ୍ତି, ରାଜ୍ୟରେ ଏକ ଅପାରଗ ସରକାର ରହିଛି, ଯେଉଁଥିପାଇଁ ଝିଅଟି ସବୁ ଫୋରମ୍‌ରେ ଗୁହାରି କରି ମଧ୍ୟ ନିରାଶ ହୋଇଥିଲେ। ହେଲେ ଏହି ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବାକୁ ହେଲେ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ନଚେତ୍ ସରକାରୀ ପ୍ରକ୍ରିୟା ଭିତରେ ସବୁ ଘଟଣା ଲୁଚିଯିବ ଏବଂ ପ୍ରକୃତ ଅପରାଧୀ ଖସିଯିବେ। ଘଟଣାରେ ସରକାରଙ୍କ ବିଫଳତାକୁ ନେଇ ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଏବଂ ବାଲେଶ୍ୱର ବିଧାୟକ ଇସ୍ତଫା ଦିଅନ୍ତୁ। ଏହାସହ ବାଲେଶ୍ୱର ସାଂସଦ, ବିଧାୟକ, ଜିଲାପାଳ ଏବଂ ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି। ଯେଉଁ ଓଡ଼ିଶା ଦିନେ ଅହିଂସା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପରିଚିତ ଥିଲା, ଏବେ ତାହା ନାରୀ ନିର୍ଯାତନାକୁ ନେଇ ନିନ୍ଦିତ ହେଉଛି। ଭାଜପା ସରକାରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ନାହିଁ। ଭୟଙ୍କର ଦୁର୍ନୀତି, ଜାଲିଆତି, ପାତରଅନ୍ତର, ମାର୍କ ପାଇଁ ମାନସିକ ଚାପ, କ୍ୟାରିୟର ଲାଗି ଯୌନ ନିର୍ଯାତନା ଭଳି ଘଟଣା ଘଟିବା ଅତ୍ୟନ୍ତ ଉଦ୍‌ବେଗଜନକ। ସମଗ୍ର ବ୍ୟବସ୍ଥାକୁ ଦୁର୍ନୀତି କର୍କଟ ଭଳି ଗ୍ରାସ କରିଛି। ସରକାରଙ୍କ ଉଦାସୀନତା ଯୋଗୁ କ୍ୟାମ୍ପସ୍‌ଗୁଡ଼ିକରେ ମାନସିକ ନିର୍ଯାତନା, ଯୌନ ନିର୍ଯାତନା ଏବଂ ମାଫିଆରାଜ୍ ଅଧିକ ବଳବତ୍ତର ହୋଇଛି। ଫକୀର ମୋହନ ମହାବିଦ୍ୟାଳୟ ଘଟଣା ଏହି ଘୃଣ୍ୟ କାର୍ଯ୍ୟର ଏକ ପ୍ରତିଫଳନ ମାତ୍ର ବୋଲି ଭକ୍ତ କହିଛନ୍ତି।

ଅନ୍ୟପକ୍ଷରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେଉ। କିନ୍ତୁ କୌଣସି ନେତା ବା କର୍ମୀ ଆଇନକୁ ହାତକୁ ନିଅନ୍ତୁନାହିଁ। ଲୋକସେବା ଭବନ, ବିଧାନସଭା, ରାଜୀବ ଭବନ, ବିଭିନ୍ନ ଭିଭିଆଇପିଙ୍କ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ। ରେଲରୋକୋ ହିଂସାର ପନ୍ଥା ଆପଣାଇଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍)-ଲିବରେଶନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର,ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ,ଏସ୍‌ପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

BADRIPRASAD
Institute of Technology
Approved by AICTE ESTD - 2009
Approved by Govt. Of Odisha
Admission Open 2025
B.Tech
COURSES OFFERED
COMPUTER SCIENCE & ENGINEERING
CIVIL ENGINEERING | ELECTRICAL ENGINEERING
MECHANICAL ENGINEERING
Candidates Interested to take Admission can lock their choice through ongoing OJEE Counselling 2025
Book Your Seat Now 7008920803, 9238400140, 7008757504
AT- DEBAIPALI, PO - SASON, DIST - SAMBALPUR, PIN-768200 Email:badriprasad.sbp@gmail.com

# ହମ୍‌ସଫର ଏକ୍ସପ୍ରେସ୍ ଗ୍ୟାସ୍ ପାଇପ୍‌ରେ ନିଆଁ

- ଆୟତ୍ତ କଲେ ପୋଲିସ, ରେଲ୍‌ୱେ କର୍ମଚାରୀ
- ରମ୍ଭା ଷ୍ଟେଶନରେ ୪ ଘଣ୍ଟା ଅଟକିଲା ଟ୍ରେନ୍

ରମ୍ଭା,୧୬।୭(ବନବାସୀ ସେଠୀ)

ହମ୍‌ସଫର ଏକ୍ସପ୍ରେସ୍‌ର ବି-୧୮ ବଗିର ଗ୍ୟାସ୍ ପାଇପ୍‌ରେ ନିଆଁ ଲାଗିବାରୁ ଗଞ୍ଜାମ ଜିଲା ରମ୍ଭା ରେଳଷ୍ଟେଶନରେ ଟ୍ରେନ୍‌ଟି ବୁଧବାର ୪ ଘଣ୍ଟା ଅଟକି ରହିଥିଲା। ଅପରାହ୍ଣ ୩ଟା ୧୫ରେ ବେଙ୍ଗାଲୁରୁ-ଅଗରତାଲା ହମ୍‌ସଫର ଏକ୍ସପ୍ରେସ୍ ରମ୍ଭା ରେଳଷ୍ଟେଶନ ଦେଇ ଯିବାବେଳେ ଗ୍ୟାସ୍ ପାଇପ୍‌ରେ ନିଆଁ ଲାଗିଥିବା ଷ୍ଟେଶନ କର୍ମଚାରୀମାନେ



ଗ୍ୟାସ୍ ପାଇପ୍‌ରେ ନିଆଁ ଲାଗିବା ପରେ ଯାତ୍ରୀମାନେ ବଗିରୁ ଓହ୍ଲାଇ ଆସିଛନ୍ତି।

ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଡ୍ରାଇଭରଙ୍କୁ ସୂଚନା ଦେବା ପରେ ଟ୍ରେନ୍‌ଟି ଅଟକିଥିଲା। ଉକ୍ତ ବଗିରେ ଥିବା ଯାତ୍ରୀମାନେ ବାହାରକୁ ଆସି ନିଜ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ରେଲ୍‌ୱେ ପୋଲିସ ଓ କର୍ମଚାରୀ ପହଞ୍ଚି ଫାୟାର ଗ୍ୟାସ୍ ଯୋଗେ ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ବଗି ପରିବର୍ତ୍ତନ କରାଯାଇ ପ୍ରାୟ ୪ ଘଣ୍ଟା ପରେ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଟ୍ରେନ୍‌ଟି ରମ୍ଭା ଷ୍ଟେଶନ ଛାଡ଼ିଥିଲା।

# ୨୩ ଯାଏ ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର,୧୬।୭(ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ଲାଗିରହିଥିବାବେଳେ ସପ୍ତାହେ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୩ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ଉତ୍ତର ଓଡ଼ିଶାର ଅଧିକାଂଶ ଜିଲା ସହ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ। କିଛି ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ଝଡ଼ିକା ପବନ ଓ ବଜ୍ରପାତ ସମ୍ଭାବନା ରହିଥିବାରୁ ଏଥିପାଇଁ ୧୫ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ବଜ୍ରପାତ ନେଇ ୧୮ ତାରିଖ ପାଇଁ ୨୩ ଜିଲାକୁ ୟେଲୋ ୱାର୍ନିଂ କରାଯାଇଛି।

DSPL-176
Tele MANAS 14416
ରାଷ୍ଟ୍ରୀୟ 'ଟେଲି ମାନସ' ସହାୟତା
ଆପଣଙ୍କ ସେବାରେ
ଉପଲବ୍ଧ ପରାମର୍ଶ ସେବା :
- ମାନସିକ, ସ୍ନାୟୁବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ।
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ।
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ।
- ମାନସିକ ଉପର ବଶବର୍ତ୍ତୀ ହେଉଥିଲେ ନିଃଶୁଳ୍କ ନଂ. ୧୪୪୧୬ ଅଥବା ୧୮୦୦-୮୯୧-୪୪୧୬ ରେ ପରାମର୍ଶ କରନ୍ତୁ।
ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ।
OIPR-10003/13/0237/2526
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଆଜିଠୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପଞ୍ଜୀକରଣ ଆରମ୍ଭ

ଭୁବନେଶ୍ୱର,୧୬।୭(ସୁନିତ୍ ମିଶ୍ର)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ ହେବାକୁ ଯାଉଛି। ଭୁବନେଶ୍ୱରସ୍ଥିତ ପାନ୍ଥନିବାସର ଅଡିଟୋରିୟମଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୫-୨୬ର ଲାଭ ନେବା ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏହି ଯୋଜନା ସମ୍ବନ୍ଧୀୟ ସମସ୍ତ ବିବରଣୀ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ ରେଲୱେ କ୍ୟାଟରିଂ ଏବଂ ଟୁରିଜମ୍ କର୍ପୋରେଶନ ସହଭାଗିତାରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ଉକ୍ତ ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବ୍‌ସାଇଟ dot.odisha.gov.inରେ ଉପଲବ୍ଧ ରହିଛି। ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କ ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବାର ସୁଯୋଗ ପାଇବେ। ଗୁରୁବାରଠାରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ହିତାଧିକାରୀମାନେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ଅନ୍‌ଲାଇନ yatra.odisha.gov.in ରେ ଏବଂ ଅଫ୍‌ଲାଇନରେ ବ୍ଲକ୍ ଓ ଜିଲା ପ୍ରଶାସନରେ ଆବେଦନପତ୍ର ଦାଖଲ କରିପାରିବେ। ଜିଲା ପ୍ରଶାସନ ଦ୍ୱାରା ଗଠିତ ଜିଲାସ୍ତରୀୟ ଯାଞ୍ଚ କମିଟି ଆବେଦନପତ୍ରଗୁଡିକୁ ଯାଞ୍ଚ କରାଯିବ। ଏହି ଯୋଜନାରେ ୬୦ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି। ହିତାଧିକାରୀ ଚୟନ ଲାଗି ଅନ୍ତ୍ୟୋଦୟ/ଅନ୍ନପୂର୍ଣ୍ଣା/ବିଧବା ଭତ୍ତା/ ଖାଦ୍ୟ ସୁରକ୍ଷା/ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଡ ଇତ୍ୟାଦି ମଧ୍ୟରୁ ଯେକୌଣସି ଗୋଟିଏ ଆର୍ଥିକ ଅନଗ୍ରସରତାର ପ୍ରମାଣପତ୍ର ଭାବେ ଦରଖାସ୍ତ ସହ ଦାଖଲ କରିବାକୁ ପଡିଥାଏ। ବରିଷ୍ଠ ନାଗରିକ ଦମ୍ପତିଙ୍କ କ୍ଷେତ୍ରରେ ଯେକୌଣସି ଜଣେ ୬୦ରୁ ଊର୍ଦ୍ଧ୍ୱ ବୟସ୍କ ହେବା ଆବଶ୍ୟକ। ୭୦ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବେ ନେଇପାରିବେ।

ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। —ଶ୍ରୀଅରବିନ୍ଦ



# ଭୋକ ଓ ଭୟ



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁ ପୁରାଣ ବିଶ୍ୱ(ଦୁନିଆ) ଓ ଜୀବନ ମଧ୍ୟରେ ପ୍ରଭେଦ ଦର୍ଶାଏ। ଦୁନିଆ ଭୌତିକ ଓ ରସାୟନ ବିଜ୍ଞାନ ଉପରେ ଆଧାରିତ। ଜୀବନ ଜୀବବିଜ୍ଞାନ ସହ ଜଡ଼ିତ। ଜୀବନ ଅଛି ତ ଭୋକ(କ୍ଷୁଧା) ଓ ଭୟ ଅଛି। ବିନା ଭୋକ ଓ ଭୟରେ ଜୀବନର ମୂଲ୍ୟ କିଛି ନାହିଁ। ବାଇବେଲ ବର୍ଣ୍ଣିତ ଈଶ୍ୱର ଯେତେବେଳେ ବିଶ୍ୱ ସର୍ଜନା କଲେ ସେତେବେଳେ ସେଥିରେ ନିର୍ଜୀବ(ସୂର୍ଯ୍ୟ, ନକ୍ଷତ୍ର, ଭୂପୃଷ୍ଠ, ସମୁଦ୍ର) ଏବଂ ସଜୀବ (ମଣିଷ, ଉଦ୍ଭିଦ, ପଶୁ, ପରୀ) ସୃଷ୍ଟିକଲେ। କିନ୍ତୁ ହିନ୍ଦୁଶାସ୍ତ୍ରରେ ସୃଷ୍ଟି ଓ ବିନାଶ ସବୁକିଛି ଭୋକ ଓ ଭୟ ସହ ଜଡ଼ିତ ଏବଂ ଏହା ହିଁ ଜୀବନର ମୂଳ ରହସ୍ୟ। ବ୍ରହ୍ମା ହେଉଛନ୍ତି ଭୋକର ସୃଷ୍ଟିକର୍ତ୍ତା। ଭୋକ ହିଁ ଜୀବନ ଗଢ଼େ ଏବଂ ଗୋଟିଏ ଜିନିଷକୁ ଜୀବରେ ପରିଣତ କରିଥାଏ। ଏଥିପାଇଁ ଶିକାରୀ ଖାଦ୍ୟ ଚାହେଁ ଏବଂ ଅନ୍ୟପଟେ କୀଟ ଜୀବନ ଲାଗି ସଂଗ୍ରାମ କରେ। ଭଗବାନ୍ ଶିବ ହେଉଛନ୍ତି ଭୋକ ତଥା କାମନା ବିନାଶକାରୀ। ଏଣୁ ଯୋଗୀ ଭାବେ ସେ ସମସ୍ତଙ୍କୁ ଯନ୍ତ୍ରଣା ଓ ଅସୁରକ୍ଷାରୁ ମୁକ୍ତ କରିଥାନ୍ତି। ବ୍ରହ୍ମା ଓ ଶିବଙ୍କ ମଧ୍ୟରେ ବିଷ୍ଣୁ ଅଛନ୍ତି, ଯିଏ ଭୋକ ଓ ଭୟର ନିୟନ୍ତ୍ରଣକାରୀ। ସେ ଅନ୍ୟ ଲୋକଙ୍କ ଭୋକ ଓ ଖାଦ୍ୟର ଉପରେ ଧ୍ୟାନ ଦିଅନ୍ତି ଏବଂ ସୁଖ ସନ୍ତୋଷ ଦେବାକୁ ଚେଷ୍ଟା କରନ୍ତି।

ଜଟିଳ ବିଚାର ବା ସିଦ୍ଧାନ୍ତକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଧୁନିକ ଶବ୍ଦାବଳୀ କିମ୍ବା ଖଣ୍ଡବାକ୍ୟ, ଶର୍ଟହ୍ୟାଣ୍ଡ ଯେଭଳି ବ୍ୟବହାର ହୁଏ ସେହିଭଳି ସମାନ ଭାବେ ପୌରାଣିକ ଚରିତ୍ରଗୁଡ଼ିକ ପୁରାଣରେ ବ୍ୟବହାର କରାଯାଇଛି। ବୁଝିବା ଦରକାର ଯେ, ସେସବୁ ହେଉଛି ସାଙ୍କେତିକ, ପରିବର୍ତ୍ତନୀୟ ନୁହନ୍ତି। ସେମାନଙ୍କୁ କାନ୍ଥରେ ପୋଷ୍ଟର ଭାବେ ଲଗାଯାଇ ଦେଖଣାହାରିଙ୍କୁ ପ୍ରଭାବିତ କରାଯାଇପାରେ। କିନ୍ତୁ ସେମାନଙ୍କୁ ଶବ୍ଦାବଳୀ ଭଳି ବ୍ୟବହାର କରାଯାଉଥିବାରୁ ସେମାନେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଏଣୁ ଏସବୁ ସାଙ୍କେତିକ ସ୍ୱରୂପ ବଦଳରେ ବିଷୟବସ୍ତୁ ଉପରେ ଧ୍ୟାନଦେବା ଦରକାର। ରାଜନେତା, କାର୍ଯ୍ୟକର୍ତ୍ତା ଏବଂ ଗୁରୁମାନେ ଲିପ୍ତ ଥିବା ଧର୍ମୀୟ ଭାବନା କିମ୍ବା ବିଚାର ଦ୍ୱାରା ବିପଥଗାମୀ ହେବା ଉଚିତ ନୁହେଁ। ମନେରଖିବାକୁ ହେବ ଯେ, ସନ୍ତୋଷ ଅନ୍ୱେଷଣ କରିବା ପାଇଁ ପୁରାଣ ଏକ ସାଧନ, ଏକ ମାଧ୍ୟମ। ବ୍ରହ୍ମା, ବିଷ୍ଣୁ ଏବଂ ଶିବ– ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଏବଂ ସଂହାରକର୍ତ୍ତାଙ୍କ କାହାଣୀ ଯେଉଁ ଋଷି କହିଥିଲେ, ସେ ଥିଲେ ଜଣେ ପୁରାତନ ଭାରତୀୟ ଭବିଷ୍ୟଦ୍ରଷ୍ଟା ତପସ୍ୱୀ। ସେ ସବୁକିଛି ଦେଖିପାରୁଥିଲେ, ଯାହା ଅନ୍ୟମାନେ ଦେଖିପାରୁ ନ ଥିଲେ। ସେ ଯାହା ଦେଖୁଥିଲେ ତାହାର ଗୁରୁତ୍ୱପୂର୍ଣ୍ଣ ତଥା ଗଭୀର ତତ୍ତ୍ୱକୁ ବୁଝିପାରୁଥିଲେ ଓ ସେହି ଅନ୍ତର୍ନିହିତ ରହସ୍ୟକୁ ଅନ୍ୟମାନଙ୍କ ସାମ୍ନାକୁ ଆଣୁଥିଲେ। ଏହାସହ ଅନ୍ୟମାନଙ୍କୁ ଏଭଳି କରିବା ପାଇଁ ସାଧନ ମଧ୍ୟ ସୃଷ୍ଟି କରୁଥିଲେ।



ଲୋକମାନେ ଯେଉଁ ଖାଦ୍ୟ ପଛରେ ଧାଇଁଛନ୍ତି ଓ ଦାନ କରୁଛନ୍ତି, ଆମେ ସେସବୁ ଦେଖୁଛେ। ସବୁ ଖାଦ୍ୟ ସମ୍ବଳ(ଲକ୍ଷ୍ମୀ), ଶକ୍ତି(ଦୁର୍ଗା) ଏବଂ ଜ୍ଞାନ(ସରସ୍ୱତୀ)ଙ୍କ ସ୍ୱରୂପ ଅନ୍ତଃଦୃଷ୍ଟି ଅନ୍ତର୍ନିହିତ ଭୋକ, ଅସୁରକ୍ଷା ଓ ଜିଜ୍ଞାସାକୁ ପରିପ୍ରକାଶ କରି ସବୁ ନିଷ୍ପତ୍ତି ଓ କାର୍ଯ୍ୟ କରେ। ଅନ୍ତର୍ଦୃଷ୍ଟିରେ ଆମେ ଆମ ବାହାରେଥିବା ଆସକ୍ତ ବ୍ରହ୍ମ, ଅନାସକ୍ତ ଶିବ ଓ ସନ୍ତୁଷ୍ଟ ବିଷ୍ଣୁଙ୍କୁ ଦେଖିପାରିବା। କେବଳ ଚିନ୍ତନ ଆମ ନିଜ ଭୋକ, ଅସୁରକ୍ଷା, ଦ୍ୱନ୍ଦ୍ୱ ତଥା ଜିଜ୍ଞାସାକୁ ପରିପ୍ରକାଶ କରେ। ଆମେ ବ୍ରହ୍ମା, ଶିବ ଓ ବିଷ୍ଣୁଙ୍କୁ ଆମ ଭିତରେ ହିଁ ଦେଖିପାରିବା, ଯିଏ ଭୋକ ସୃଷ୍ଟି କରିବା ସହ ତାହାକୁ ନିୟନ୍ତ୍ରଣ ଓ ଶେଷ କରିପାରନ୍ତି। ଏହାସହ ସେମାନେ ମଧ୍ୟ ଆମ ଚାରିପାଖରେ ଥିବା ଭୟକୁ ଦୂର କରିପାରିବେ।

ସୃଷ୍ଟିକର୍ତ୍ତା ବ୍ରହ୍ମା ନିଜେ ଭୋକ କବଳିତ ହୋଇଯାଆନ୍ତି। ଏଥିପାଇଁ ସେ ସୁଯୋଗ ଖୋଜନ୍ତି। ନୀତି ଓ ଶ୍ରମ ସାମ୍ନାକୁ ଆଣନ୍ତି। ସେ ଏଣ୍ଟରପ୍ରାଇଜ୍ ସୃଷ୍ଟି କରନ୍ତି। କହିବାକୁ ଗଲେ ତାଙ୍କ ସୁଖ ଓ ଲାଭ ପାଇଁ ଏହି ବିଶ୍ୱ ତିଷ୍ଠିରହିଛି। ସେ ଅନ୍ୟମାନଙ୍କ କଥା ଭାବନ୍ତି ନାହିଁ। ତାଙ୍କ ସୁଖ ପାଇଁ ସେ ଚିନ୍ତିତ। ଅନ୍ୟଙ୍କୁ ନ୍ୟୂନ କରିବାକୁ ସେ ପଦାନୁକ୍ରମ ସୃଷ୍ଟି କରନ୍ତି। ସେ ତାଙ୍କ ଚାରିପାଖରେ ବିଶ୍ୱ ସୃଷ୍ଟି କରିଛନ୍ତି ବୋଲି ଅନୁଭବ କରନ୍ତି ନାହିଁ। ବିଶ୍ୱକୁ ସେ ବାସ୍ତବ ବୋଲି ମନେକରନ୍ତି ଏବଂ ଏହା ତାଙ୍କ ଭୟ ଓ ଅସୁରକ୍ଷାରୁ ସୃଷ୍ଟି ନୁହେଁ ବୋଲି ଭାବନ୍ତି। ସେ ତାଙ୍କ ଚାରିପାଖରେ କେତେ ଭୟ ସୃଷ୍ଟି କରିଛନ୍ତି ତାହା ସେ ଅନୁଭବ କରନ୍ତି ନାହିଁ। ସେ ନିଜେ ଏଥିରେ ଶିକାର ହୋଇଛନ୍ତି ବୋଲି ଭାବନ୍ତି।

ଅନାସକ୍ତ ଶିବ ଦୁନିଆରୁ ଦୂରେଇ ରହନ୍ତି। ସେ ତାଙ୍କ ଆଖି ବନ୍ଦକରି ଦୁନିଆକୁ ଧ୍ୱଂସ କରନ୍ତି। କୈଳାସ ପର୍ବତ ଉଚ୍ଚରେ ଗୁମ୍ଫା ମଧ୍ୟରେ ରହନ୍ତି। ଏହାର ବିପରୀତରେ କୁହାଯାଏ ଯେ, ଶିବ ଜଣେ 'ବିନାଶକାରୀ' ଭାବେ ଭାଙ୍ଗିରୁଜି ଦୁନିଆକୁ ଧ୍ୱଂସ କରନ୍ତି ନାହିଁ; ବରଂ ସାମାଜିକ ବ୍ୟବସ୍ଥାଗୁଡ଼ିକୁ ଅଗ୍ରାହ୍ୟ କରନ୍ତି। କଟକଣା ଓ ପଦାନୁକ୍ରମକୁ ଦୂର କରନ୍ତି। ସେ ଅନ୍ୟ କୌଣସି ବ୍ୟକ୍ତି ପରିଚୟକୁ ଗ୍ରହଣ କରନ୍ତି ନାହିଁ। ଏଥିପାଇଁ ଶ୍ମଶାନରେ ତାଙ୍କ ଚିତ୍ର ଅଙ୍କାଯାଇଥାଏ। ଶରୀରରେ ଭସ୍ମ ବୋଳା ହୋଇଥିବା ଓ ହାତରେ ଖପୁରି ଧରିଥିବା ଦେଖିବାକୁ ମିଳେ। ତାଙ୍କ ଦୃଷ୍ଟିରେ ପ୍ରକୃତିରେ କୌଣସି ମୂଲ୍ୟାଙ୍କନ ନାହିଁ। ପ୍ରାଣୀମାନେ ଇଚ୍ଛାରେ ପ୍ରାଧାନ୍ୟ ବିସ୍ତାର କରନ୍ତି ନାହିଁ। ଅସୁରକ୍ଷା ଓ ଭୟ ସହିତ ଖାପ ଖୁଆଇ ଚଳିବା ପାଇଁ ମଣିଷ ନିଜ ଇଚ୍ଛାରେ ପ୍ରଭୁତ୍ୱ ସ୍ଥାପିତ କରିଥାଏ।

ବିଷ୍ଣୁ ହେଉଛନ୍ତି ସୁଖ ସନ୍ତୋଷର ପ୍ରତୀକ। ସେ ଏବଂ ତାଙ୍କ ଅବତାରମାନେ ଅନ୍ୟମାନଙ୍କ କ୍ଷୁଧା ଓ ଭୟକୁ ଦେଖନ୍ତି। ପରିସଂସ୍ଥା ସମ୍ପର୍କରେ କିଭଳି କେହି ଭାବୁନାହାନ୍ତି, ତାହା ମଧ୍ୟ ସେ ଲକ୍ଷ୍ୟ କରନ୍ତି। ସମସ୍ତେ ଖାଉଛନ୍ତି। କେହି ଖୁଆଉ ନାହାନ୍ତି। ପ୍ରକୃତିର ପରିସଂସ୍ଥାରେ ସବୁ ଗଛ ଓ ବନସ୍ପତି ରହିଛି। ଏଠାରେ କୌଣସି ବିଶେଷ ପ୍ରଜାତି ନାହିଁ। ଅନ୍ୟକୁ ନ ଖାଇ ବଞ୍ଚୁଥିବା କୌଣସି ଜୀବ କିମ୍ବା ବ୍ୟକ୍ତି ନାହାନ୍ତି। ଭାରସାମ୍ୟ ରକ୍ଷା ପାଇଁ ଖାଦ୍ୟ ଖାଦକର ଚକ୍ର(ଯିଏ ଅନ୍ୟକୁ ଖାଆନ୍ତି ତାକୁ ଅନ୍ୟମାନେ ମଧ୍ୟ ଖାଇଥାନ୍ତି) ରହିବା ଦରକାର। ସଂଖ୍ୟା ଅଧିକ ହେଲେ ପରିବେଶ ବିଗିଡ଼େ। ଭୟରେ ମଣିଷ ଖାଦ୍ୟ ଠୁଳ କରି ରଖେ, ଯାହା କୃତ୍ରିମ ଅଭାବ ସୃଷ୍ଟିକରେ ଓ ଯୁଦ୍ଧ ହୁଏ। ତେବେ ସରକାରଗୁଡ଼ିକ ଏବେ ନାଗରିକଙ୍କ ଯତ୍ନ ନେବା ପରିବର୍ତ୍ତେ କର୍ପୋରେଶନଗୁଡ଼ିକ ମହାନ୍ ହେବାକୁ ଚେଷ୍ଟା କରୁଛନ୍ତି। ଏହା କେବଳ ନିଜର ଅଭିଳାଷ ପାଇଁ ରାବଣର ଲଙ୍କା ପୋଡ଼ି ଛାର୍‌ଖାର ହେବାଭଳି କଥା। ଦୁର୍ଯ୍ୟୋଧନର ଈର୍ଷା ଓ ଘୃଣା କାରଣରୁ ହସ୍ତିନାପୁର ଲୋକଙ୍କୁ ଯୁଦ୍ଧର ସାମ୍ନା କରିବା ପଡ଼ିଥିଲା, ଯେଉଁଥିରେ ସେମାନଙ୍କର କୌଣସି ନେଣ-ଦେଣ ନ ଥିଲା। ପାଳନକର୍ତ୍ତା ବିଷ୍ଣୁ ଯୁଦ୍ଧ କରନ୍ତି ନାହିଁ। ଯୁଦ୍ଧ ସଂସ୍କୃତିର ମୂଳ ଢାଞ୍ଚାକୁ ଭାଙ୍ଗିରୁଜି ଦେଇଥାଏ। ବିଷ୍ଣୁ ସାକ୍ଷାତ୍ ସନ୍ତୋଷର ସ୍ୱରୂପ। ସେ କେବଳ ଅନ୍ୟମାନଙ୍କ କ୍ଷୁଧାକୁ ନେଇ ଚିନ୍ତିତ ହୋଇପାରନ୍ତି। କିନ୍ତୁ ଯେଉଁମାନେ ଯୁଦ୍ଧ କରୁଛନ୍ତି ସେମାନେ କେବେ ବି ବିବିଧତା କିମ୍ବା ଏକତାକୁ ନେଇ ଚିନ୍ତା କରିବେ ନାହିଁ। ବ୍ରହ୍ମା ହିଁ ଅନ୍ୟମାନଙ୍କୁ ଖାଇବାକୁ ଦେବା ଲାଗି ନିଜକୁ ପ୍ରସ୍ତୁତ ରଖିବାରେ ସଦାବ୍ୟସ୍ତ।

–devduttofficial@gmail.com

## ଏଇ ଭାରତରେ

କମ୍ ବୟସରେ ପ୍ରକୃତି ଓ ପ୍ରାଣୀଙ୍କୁ ଭଲପାଇବା ଶିଖାଇଲେ ତାହାର ସକାରାତ୍ମକ ପ୍ରତିଫଳନ ପିଲାଙ୍କଠାରେ ଦେଖିବାକୁ ମିଳେ, ଯାହା ଘଟିଛି ଗୁଜରାଟର ହ୍ରିଧିମା ପଟେଲଙ୍କ ଜୀବନରେ। ହ୍ରିଧିମାଙ୍କ ବୟସ ଏବେ ୪ ବର୍ଷ। ସେ ସାପ, କଇଁଛ ଓ ଅନ୍ୟ ଜୀବଙ୍କୁ ଉଦ୍ଧାର କରୁଛନ୍ତି। ଅହମଦାବାଦର ଝିଅ ହ୍ରିଧିମା ୩ ବର୍ଷ ବୟସରୁ ଉଦ୍ଧାର କାର୍ଯ୍ୟ ସହ ଜଡ଼ିତ ହୋଇଥିଲେ। ବଡ଼ କଥା ହେଉଛି ହ୍ରିଧିମାଙ୍କ ବୟସ ଯେତେବେଳେ ୩ ବର୍ଷ ଥିଲା, ସେତେବେଳୁ ତାଙ୍କ ମା' ସାପ ଓ ଅନ୍ୟ ଜୀବ ଉଦ୍ଧାର କରିବାକୁ ଯିବା ସମୟରେ ସେ ସାଙ୍ଗରେ ଯାଉଥିଲେ। ଉଦ୍ଧାର କାର୍ଯ୍ୟର ପ୍ରତ୍ୟେକଟି ପର୍ଯ୍ୟାୟକୁ ସେ ଧ୍ୟାନର ସହିତ ନିରୀକ୍ଷଣ କରୁଥିଲେ। ହ୍ରିଧିମାଙ୍କର ଆଗ୍ରହକୁ ଦେଖି ମାତାପିତା ତାଙ୍କୁ ଏହି କାର୍ଯ୍ୟ କରିବାକୁ ଉତ୍ସାହିତ କରିବା ଆରମ୍ଭ କରିଥିଲେ। ଏବେ ସତର୍କତା ଅବଲମ୍ବନପୂର୍ବକ ମାତାପିତାଙ୍କ ତତ୍ତ୍ୱାବଧାନରେ ସେ ସାପ ଓ କଇଁଛ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡ଼ିପାରୁଛନ୍ତି। କିନ୍ତୁ ଅତ୍ୟନ୍ତ ବିପଜ୍ଜନକ ଓ ବଡ଼ ପ୍ରଣୀ ଉଦ୍ଧାର କରିବାକୁ ତାଙ୍କୁ ସୁଯୋଗ ଦିଆଯାଉନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

### ୧୭ ଜୁଲାଇ ୧୯୭୬

- ଇଣ୍ଡୋନେସିଆର ବାଲିଦ୍ୱୀପ ଅନ୍ତର୍ଗତ ସେରିରିତ୍ ସହରରେ ଘନଘନ ଭୂମିକମ୍ପ ସଂଘଟିତ ହେବା ଫଳରେ ପ୍ରାୟ ୩୦୦ ଲୋକଙ୍କ ମୃତ୍ୟୁ।
- ଲଣ୍ଡନ ଓ ୱେଲ୍‌ସରେ ଅତ୍ୟଧିକ ତାପପ୍ରବାହ ଘଟି ସପ୍ତାହକ ମଧ୍ୟରେ ୧୧ ହଜାର ୫୩୬ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଭାରତର ଆନ୍ତର୍ଜାତିକ ବିମାନ ବନ୍ଦର କର୍ତ୍ତୃପକ୍ଷ ବମ୍ବେରେ ୧୧ କୋଟି ଟଙ୍କା ବ୍ୟୟରେ ଏକ ନୂତନ ବିମାନ ଅବତରଣ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 2 | | | | | | |
| 7 | | | | | | 9 | | |
| | 4 | | | | | | 5 | 2 |
| 3 | | 6 | | 2 | | | 7 | 5 |
| 9 | | | | | 6 | 2 | | 3 |
| 8 | | | | | 3 | | | |
| | | | | 1 | 7 | | 6 | 8 |
| | | | | 4 | | | | |
| | | | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 4 | 5 | 9 | 7 | 8 | 2 | 3 |
| 8 | 9 | 7 | 3 | 6 | 2 | 1 | 5 | 4 |
| 5 | 3 | 2 | 1 | 8 | 4 | 9 | 7 | 6 |
| 4 | 2 | 1 | 6 | 3 | 9 | 5 | 8 | 7 |
| 7 | 5 | 6 | 8 | 2 | 1 | 4 | 3 | 9 |
| 3 | 8 | 9 | 7 | 4 | 5 | 2 | 6 | 1 |
| 9 | 6 | 5 | 2 | 1 | 3 | 7 | 4 | 8 |
| 1 | 7 | 8 | 4 | 5 | 6 | 3 | 9 | 2 |
| 2 | 4 | 3 | 9 | 7 | 8 | 6 | 1 | 5 |

ଗତକାଲିର ଉତ୍ତର

# ବିକାଶ ନାମରେ ବିନାଶ ନ ହେଉ



ବିଦ୍ୟାଧର ମହାରଣା

ଆଧୁନିକ ଯୁଗରେ ବିକାଶ କରିବାକୁ ଗଲାବେଳେ ଆମେ କେତେ ଯେ ବିନାଶର ସମ୍ମୁଖୀନ ହେଉଛୁ ତା'ର ହିସାବ କରିବା କଷ୍ଟକର। ବିକାଶ ଓ ବିନାଶ ଗୋଟିଏ ମୁଦ୍ରାର ଦୁଇପାଖ ଭଳି ପ୍ରତୀୟମାନ ହୁଏ। ଯେତେବେଳେ ଗୋଟିଏ ନୂତନ ଜିନିଷ ଗଢ଼ାଯାଏ ସେତେବେଳେ ଆମ ଜ୍ଞାତସାରରେ କିମ୍ବା ଅଜ୍ଞାତରେ କିଛି ବିନାଶ ଘଟିଥାଏ। ସେହିପରି ବିନାଶ ମଧ୍ୟ କେତେକ କ୍ଷେତ୍ରରେ କିଛି ନୂତନ ବସ୍ତୁ ସୃଷ୍ଟିପାଇଁ ରାସ୍ତା କଢ଼ାଇଥାଏ। ଆମେ ଗୋଟିଏ ନୂତନ ଅଟ୍ଟାଳିକା ନିର୍ମାଣ କରିବା ପୂର୍ବରୁ ପୁରାତନ ଅଟ୍ଟାଳିକାକୁ ଭାଙ୍ଗି ଜାଗା ସଫା କରୁ। କାରଣ ଜାଗାଟିକୁ ସଫା ନ କଲେ ନୂତନ କୋଠାଟିଏ ନିର୍ମାଣ କରିବା ସହଜ ନୁହେଁ। ଜଙ୍ଗଲରେ ନିଆଁ ଲଗାଇଲେ ପ୍ରଭୂତ କ୍ଷତିହେବା ସମସ୍ତେ ଜାଣନ୍ତି। କିନ୍ତୁ ଏପରି ନିଆଁର ମଧ୍ୟ ଆବଶ୍ୟକ ପଡ଼େ କିଛି ନୂତନ ବୀଜଗୁଡିକର ଅଙ୍କୁରୋଦ୍‌ଗମ ଓ ଅଭିବୃଦ୍ଧି ପାଇଁ ଏବଂ ମଲା ଗଛ, ଘାସ ଇତ୍ୟାଦି ସଫା କରି ନୂତନ ଜୀବାଳି ସୃଷ୍ଟି କରିବା ପାଇଁ। ଡାରୱିନଙ୍କ ବିବର୍ତ୍ତନବାଦ ଥିଓରୀ ଅନୁସାରେ ଯେଉଁ ଜୀବ ଦୁର୍ବଳ ସେ ବଞ୍ଚିପାରେ ନାହିଁ ଓ ଯିଏ ପ୍ରକୃତି ସହିତ ଚଳିବାକୁ ସକ୍ଷମ ସେ କେବଳ ବଞ୍ଚିପାରେ। ଉଦାହରଣ ସ୍ୱରୂପ ଡାଇନୋସରର ବିଲୁପ୍ତ ପରେ ସ୍ତନ୍ୟପାୟୀ ପ୍ରାଣୀମାନେ ଅଧିକ ସଂଖ୍ୟାରେ ବଞ୍ଚିବାକୁ ସକ୍ଷମ ହେଲେ। ଯୁଦ୍ଧ ଓ ମତାନ୍ତର ଯଦିଓ ସମାଜର ବହୁ କ୍ଷତି ପହଞ୍ଚାଇଥାଏ, ଏହା କେତେକ ନୂତନ ପ୍ରଯୁକ୍ତିବିଦ୍ୟା ଓ ଯନ୍ତ୍ରପାତି ସୃଷ୍ଟି କରିବାରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ରାଡାର, ଜେଟ ଇଞ୍ଜିନ ଓ ଆଣବିକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇପାରିଲା। ସହରୀକରଣ କଲାବେଳେ ବହୁ ପରିବେଶୀୟ କ୍ଷତି ସହିତ ବହୁ ଜୀବ ବାସହରା ହୁଅନ୍ତି। ତେବେ ଏହା ସାମାଜିକ ବିକାଶ ଓ ଅର୍ଥନୈତିକ ପ୍ରଗତି ପାଇଁ ସୁଯୋଗ ସୃଷ୍ଟି କରେ। ଉପରୋକ୍ତ ଉଦାହରଣରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ବିକାଶ ଓ ବିନାଶ ଉଭୟ ଛନ୍ଦାଛନ୍ଦି ହୋଇ ରହନ୍ତି, ଯାହାକୁ ପୃଥକ କରିବା କଷ୍ଟକର। ତେବେ ଉଭୟ ବିକାଶ ଓ ବିନାଶର ଠିକ୍ ମୂଲ୍ୟାୟନ କରିବା ଆବଶ୍ୟକ। ଏହା ପରେ ନିଷ୍ପତ୍ତି ନେବାକୁ ହେବ କେଉଁଟି ଗ୍ରହଣୀୟ। ମଣିଷ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବହୁ ଭିତ୍ତିଭୂମି ନିର୍ମାଣ କରେ, ଯାହାକି ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଏ। ସୁତରାଂ ବିକାଶ ସହିତ ବିନାଶକୁ ଯଥାସମ୍ଭବ ସଙ୍କୁଚିତ କରିବାର ଆବଶ୍ୟକତା ଉପଲବ୍ଧି କରିବାରେ ବିଳମ୍ବ ହେବା ଅନୁଚିତ।

ନିକଟରେ ତେଲଙ୍ଗାନା ସରକାର ହାଇଦ୍ରାବାଦରେ ଏକ ସୂଚନା ପ୍ରଯୁକ୍ତିବିଦ୍ୟା ପାର୍କ ୧୦୦ ଏକର ଜାଗାରେ ନିର୍ମାଣ ପାଇଁ କାଞ୍ଚ ଜଙ୍ଗଲ ସଫା କରିଥିଲେ। ଏଥିରେ କିନ୍ତୁ ଛାତ୍ରମାନେ ଆନ୍ଦୋଳନ କରିଥିଲେ। ଛାତ୍ରମାନଙ୍କ ଯୁକ୍ତି ହେଲା କି ଏହି ନିର୍ମାଣ କାର୍ଯ୍ୟରେ ବହୁ ବୃକ୍ଷ କଟାଯିବା ଫଳରେ ଏହାର କୁପ୍ରଭାବ ପରିବେଶ ଉପରେ ପଡ଼ିବ। ସରକାରଙ୍କ ଯୁକ୍ତି ହେଉଛି ସୂଚନା ପ୍ରଯୁକ୍ତିବିଦ୍ୟା ପାର୍କ ନିର୍ମାଣ କଲେ କର୍ମନିଯୁକ୍ତି ବୃଦ୍ଧି ପାଇବ। ଏହି ଘଟଣାଟି ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ଶୀର୍ଷ କୋର୍ଟ ନିଜଆଡୁ ମକଦ୍ଦମା ଆରମ୍ଭ କରି ତେଲଙ୍ଗାନା ସରକାରଙ୍କୁ ଗଛ କଟା ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଲେ। ଏହାର ବ୍ୟତିକ୍ରମ ହେଲେ ସମ୍ପୃକ୍ତ କର୍ମଚାରୀ ଜେଲ ଭୋଗିବାକୁ ଆଦେଶ ଦେଲେ। କାଞ୍ଚ ଜଙ୍ଗଲ ୪୦୦ ଏକର ଜମିକୁ ବନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଲେ।

ବିକାଶ ପାଇଁ ନିର୍ମାଣ ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବା ଅନୁଭବ କରି ଅର୍ଥଶାସ୍ତ୍ରୀମାନେ ଅଙ୍ଗାରକ ଟିକସ ପରି ସାମାଜିକ ମୂଲ୍ୟ ଅସୁଲ କରିବାକୁ ପରାମର୍ଶ ଦେଉଛନ୍ତି। ଏହାଦ୍ୱାରା ହୁଏତ ପରିବେଶ ସଂରକ୍ଷଣ ହୋଇପାରିବ। ପ୍ରତ୍ୟେକ ବିକାଶ କାର୍ଯ୍ୟ ପୂର୍ବରୁ ଏହାର ପରିବେଶ ଉପରେ ପଡୁଥିବା ପ୍ରଭାବକୁ ଗଭୀର ଭାବରେ ଅନୁଧ୍ୟାନ କରାଯିବା ଆବଶ୍ୟକ।



ତିରିଶ ବର୍ଷ ପୂର୍ବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗୋଟିଏ ଦଳ ଛାତ୍ରମାନେ ନର୍ମଦା ପ୍ରକଳ୍ପ ଅଞ୍ଚଳରେ ଏହାର ପରିବେଶ ପ୍ରଭାବ ଉପରେ ଅନୁଧ୍ୟାନ କରୁଥିଲେ। ସେମାନଙ୍କ ରିପୋର୍ଟ ଲଣ୍ଡନ ଇକୋଲଜିଷ୍ଟ ପତ୍ରିକା ଓ ଇକୋନୋମିକ ଏବଂ ପଲିଟିକାଲ ସାପ୍ତାହିକ ପତ୍ରିକା, ବମ୍ବେ ଦ୍ୱାରା ପ୍ରକାଶିତ ହୋଇଥିଲା। ଏହି ରିପୋର୍ଟ ପାଠ କରିବା ପରେ ମେଧା ପାଟକର ନର୍ମଦା ବଞ୍ଚାଅ ଆନ୍ଦୋଳନ ଆରମ୍ଭ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଦର୍ଶାଇ ଥିଲେ ଯେ ସରକାର ନର୍ମଦା ନଦୀବନ୍ଧ ଯୋଜନା ପ୍ରଣୟନ କଲାବେଳେ ଏହାର ସାମାଜିକ, ଅର୍ଥନୈତିକ ଓ ପରିବେଶ ଉପରେ ପଡୁଥିବା ପ୍ରଭାବ ଅନୁଶୀଳନ କରିନାହାନ୍ତି। ନର୍ମଦା ଉପତ୍ୟକାର ବହୁ କୃଷକ ଓ ଗ୍ରାମ କାରିଗର ଏହାଦ୍ୱାରା ବିସ୍ଥାପିତ ହେବାର ଦର୍ଶାଯାଇଥିଲା। କେତେ ଗ୍ରାମ ଜଳମଗ୍ନ ହେବ ଓ କେତେ ମନ୍ଦିର, ଚାଷ ଜମି ଓ ଜଙ୍ଗଲ ଧ୍ୱଂସ ପାଇବ ତାହାର ଠିକ୍ ଅଟକଳ କରାଯାଇ ନାହିଁ। ଛାତ୍ରମାନଙ୍କ ଅଟକଳ ଅନୁସାରେ ଅନ୍ତତଃ ୧୦ ଲକ୍ଷ ଲୋକ ବିସ୍ଥାପିତ ହେବାର ଦର୍ଶାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ସର୍ଦ୍ଦାର ସରୋବର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା।

ଆମେ କେତେକ ନୂତନ ରେଳ ପ୍ରକଳ୍ପ ହେବା ପୂର୍ବରୁ ପ୍ରଭାବିତ ଗ୍ରାମଗୁଡିକରେ ସାମାଜିକ-ଅର୍ଥନୈତିକ ଓ ପରିବେଶ ଉପରେ ପଡୁଥିବା ପ୍ରଭାବ ଅନୁଧ୍ୟାନ କରୁ ଓ ଗ୍ରାମରେ ଜନଶୁଣାଣି କରୁ। ସେହି ଅନୁସାରେ ପ୍ରକଳ୍ପର କେତେକ ଦିଗକୁ ବଦଳାଇବା ଆବଶ୍ୟକ ପଡ଼େ। ନିକଟ ଅତୀତରେ ବେଦାନ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଶୀର୍ଷ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ନ୍ୟାୟାଧୀଶଙ୍କ ଉପସ୍ଥିତିରେ ଲାଞ୍ଜିଗଡ଼ ନିୟମଗିରି ଅଞ୍ଚଳରେ ଜନ ଶୁଣାଣି ହୋଇଥିଲା।

ବିକାଶ ନିଶ୍ଚୟ କରିବାକୁ ହେବ। ଏଣୁ ବିକାଶ ଓ ବିନାଶ ମଧ୍ୟରେ ଏକ ସନ୍ତୁଳନ ଆଣିବାକୁ କେତେକ ପଦକ୍ଷେପ ନେବାର ଆବଶ୍ୟକତା ଅଛି। ପ୍ରଥମ ବିଷୟ ହେଉଛି ନିରନ୍ତର ବିକାଶ। ନିରନ୍ତର ବିକାଶ କହିଲେ ଯେଉଁ ବିକାଶ ବର୍ତ୍ତମାନ ପିଢ଼ିର ଆବଶ୍ୟକତା ପୂରଣ କରିବା ସହିତ ଭବିଷ୍ୟତ ପିଢ଼ିଙ୍କ ପାଇଁ ସମ୍ବଳଗୁଡ଼ିକ ସାଇତି ରଖେ ତାକୁ ବୁଝାଏ। ଏଥିରେ ସାମାଜିକ, ଅର୍ଥନୈତିକ ଓ ପରିବେଶୀୟ ଦିଗଗୁଡ଼ିକ ବିଚାର କରାଯାଏ। ଦ୍ୱିତୀୟ ବିଷୟ ହେଉଛି ନୀତିଶାସ୍ତ୍ର। ଉନ୍ନୟନ ପ୍ରକଳ୍ପ ଓ ନୀତି ପାଳନ ସାଧାରଣ ଦ୍ରବ୍ୟଗୁଡ଼ିକର ଉନ୍ନତି ସହିତ କ୍ଷତିକୁ ଯଥା ସମ୍ଭବ ହ୍ରାସ କରିବାକୁ ଉଦ୍ୟମ କରିବା ଆବଶ୍ୟକ। ତୃତୀୟରେ ବିକାଶ ସମୟରେ ଆଇନ ଓ ମାନକ ପାଳନ କରି ପରିବେଶ ଅବକ୍ଷୟକୁ ନିୟନ୍ତ୍ରିତ କରିବା ଜରୁରୀ। ଚତୁର୍ଥରେ ଗୋଷ୍ଠୀ ସମ୍ପ୍ରଦାୟ, ଭାଗୀଦାର, ସରକାର ଓ ବ୍ୟବସାୟ ମଧ୍ୟରେ ସନ୍ତୁଳନ ରଖିବା ଉଚିତ। ଏଥିପାଇଁ ଶିକ୍ଷା ଓ ସଚେତନତା ଆବଶ୍ୟକ। ପଞ୍ଚମରେ ନିୟମିତ ଭାବରେ ସମୀକ୍ଷା କରି ନକାରାତ୍ମକ ପ୍ରଭାବ ଦୂରୀକରଣ ପାଇଁ ରଣନୀତି ସ୍ଥିର କରାଯାଇପାରେ। ବିକାଶ କ୍ଷେତ୍ରରେ ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟଗୁଡିକ ଯେପରି କ୍ଷତିଗ୍ରସ୍ତ ନ ହୁଏ ସେଥିପାଇଁ ଯତ୍ନବାନ୍ ହେବାକୁ ପଡ଼ିବ। ସବୁଜ ଟେକ୍ନୋଲୋଜି ପରି ନବୋନ୍ମେଷ ମାଧ୍ୟମରେ ବିକାଶ କ୍ଷେତ୍ରରେ ବିଭିନ୍ନ ବିନାଶ ପ୍ରକ୍ରିୟାର ସମାଧାନ କରିବା ସମ୍ଭବ। କହିବା ନିଷ୍ପ୍ରୟୋଜନ ଯେ ବିକାଶ ଓ ବିନାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସ୍ୱଳ୍ପ ସମୟ ମଧ୍ୟରେ ମିଳୁଥିବା ଲାଭ ଅପେକ୍ଷା ଦୀର୍ଘମିଆଦି ମଙ୍ଗଳକାରୀ ମାର୍ଗ ଅନୁସରଣ କରିବା ଶ୍ରେୟସ୍କର। ବିକାଶ ହେଉ କିନ୍ତୁ ବିକାଶ ନାମରେ ବିନାଶ ନ ହେଉ।

କଳିଙ୍ଗନଗର, ଭୁବନେଶ୍ୱର
ମୋ:୯୪୩୭୦୭୧୧୯୦

# ବର୍ଷାଋତୁରେ ଶିଶୁରୋଗର ପ୍ରତିକାର



ପ୍ର. ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ଷାଋତୁ ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ ହୋଇ ନ ଥାଏ। ଅନ୍ୟ ଋତୁ ଅପେକ୍ଷା ବର୍ଷାଋତୁରେ ରୋଗ ଓ ରୋଗୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଥାଏ। ଋତୁର ପରିବର୍ତ୍ତନ ହେତୁ ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତ୍ତାପ ଅଧିକ ଥାଏ। ଫଳରେ ଶରୀର ମଧ୍ୟରୁ ନିଷ୍କାସନ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରିପାରେ ନାହିଁ। ଏହା ବାଷ୍ପୀଭୂତ ନ ହେବା ଫଳରେ ଶରୀର ଶୀତଳ ହୁଏ ନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ, ଏହାକୁ ଗୁଳୁଗୁଳି କୁହାଯାଏ। ଫଳରେ ଅନେକ ଚର୍ମରୋଗ ଦେଖାଯାଏ।

ଭୂତାଣୁ, ଜୀବାଣୁ, କୀଟାଣୁ, ପାରାସାଇଟ କୀଟପତଙ୍ଗ ସମସ୍ତଙ୍କର ବଂଶ ବୃଦ୍ଧି ଆଶାତୀତ ହୁଏ, ଏହା ପ୍ରଜନନ ଋତୁ। ତେଣୁ ରୋଗ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥାଏ। ବର୍ଷାଜଳ, ନଦୀ, ପୁଷ୍କରିଣୀ, ନାଳନର୍ଦ୍ଦମା ସବୁକୁ ଏକାକାର କରିଦିଏ। ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତ ହୋଇ ଦୂଷିତ ଜଳ ବର୍ଷା ହୋଇଥାଏ। ବିଲରେ ଜଳ ପ୍ରବେଶ ଫଳରେ ସାପ, ବିଛା, ବିଷାକ୍ତ କୀଟମାନେ ଗୃହ ମଧ୍ୟରେ ପ୍ରବେଶ କରନ୍ତି। ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ। ବର୍ଷା ହେତୁ ଭୂସ୍ଖଳନ, ବାଦଲଫଟା ବର୍ଷା ହେତୁ ଆକସ୍ମିକ ବନ୍ୟା। ଦୁର୍ବଳ ଗୃହ ଭୁଶୁଡ଼ି ପଡ଼ିବା, ଜଳରେ ସଲିଳ ସମାଧି ନେବା ଭଳି ଅନେକ ଦୁର୍ଦ୍ଦଶା ଦେଖାଯାଏ।

ବର୍ଷାଋତୁରେ ଶିଶୁମାନଙ୍କ ପ୍ରଧାନ ରୋଗ ହେଉଛି ଥଣ୍ଡା ବା ସର୍ଦ୍ଦି। ଏହା ପ୍ରାୟ ୨ଶହ ପ୍ରକାର ଭୂତାଣୁ ହେତୁ ହୋଇଥାଏ। ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ମୁଖ୍ୟ। ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ମଧ୍ୟ ଏହି ସମୟରେ ଦେଖାଯାଇଥାଏ। ଏହି ଭୂତାଣୁ ନିଃଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ। ଗେହ୍ଲା କରିବା, ଏକା ରୁମାଲରେ ମୁହଁ ପୋଛିବା, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଡେଇଁଥାଏ। ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନ ଥିବାରୁ ଶିଶୁଙ୍କୁ ରୋଗ ଅଧିକ ଦିନ ରହିବା ସହ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ। ଥଣ୍ଡା ପରେ ଶ୍ୱାସ, କାନପଚା, ନିମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ। ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣି ବାହାରେ, କାଶ, ତଣ୍ଟି ଘା, ଦେହ ହାତ ବ୍ୟଥା ଓ ଭୋକ ହୋଇ ନ ଥାଏ, ଜ୍ୱର ମଧ୍ୟ ଶିଶୁଙ୍କଠାରେ ଦେଖାଯାଇଥାଏ।

ରୋଗ ସଂକ୍ରମଣର ୧୬ ଘଣ୍ଟା ପରେ ଦେହ ହାତ ବିନ୍ଧାହୋଇଥାଏ। ୨ଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ। ୭ରୁ ୧୦ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ। ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ। ଯେହେତୁ ଥଣ୍ଡା ରୋଗଟି ଭୂତାଣୁଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ। ଜ୍ୱର, ଦେହ ବ୍ୟଥା ପାଇଁ ଔଷଧ ଦେବା ଉଚିତ। ଭିଟାମିନ ସି' ବିଶେଷ ଭାବରେ ଉପକାରୀ। ଆଣ୍ଟିବାୟୋଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳି ନ ଥାଏ। ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ। ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ।

ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷାପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀଠାରୁ ଦୂରେଇରଖନ୍ତୁ। ତା'ର ମୁଖରେ ଚୁମାଦେବା ଓ ତା'ର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମା'ଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ। ଅବଶ୍ୟ ମା' କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁର ପ୍ରକୋପ ବୃଦ୍ଧି ହୋଇଥାଏ। ଔଷଧ ଛଡ଼ା ମଶାରିର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ସେବନ ମ୍ୟାଲେରିଆରୁ ରକ୍ଷା କରିଥାଏ। ମଶାଧୂପ ଓ ଲିକ୍ୟୁଏଡଟର ମଶାକ୍ରିମ୍ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ। ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ। ଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମି ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ।

ବର୍ଷାଋତୁରେ ଶିଶୁମାନଙ୍କୁ ରୋଗରୁ ରକ୍ଷାକରିବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର। ନିଜର ହାତ, ବାସନକୁସନ ସାବୁନ ଦ୍ୱାରା ସଫା କରିବା ଉଚିତ। ବର୍ଷାରେ ଓଦାହେବା ପରେ କିମ୍ବା ବାହାର ନର୍ଦ୍ଦମାପାଣି ମଧ୍ୟରେ ଓଦାହୋଇ ଆସିବା ପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ। ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ। ମଶାରି ବ୍ୟବହାର, ଫୁଟାପାଣି ବ୍ୟବହାର କରିବା ଜରୁରୀ। ସବୁଜ ପନିପରିବା ଖାଇବା ଉଚିତ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡିକାଲ କଲେଜ, ବାଲେଶ୍ୱର
ମୋ: ୯୪୩୭୧୨୪୦୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଜିଲା ପୋଲିସ ହାଇସ୍କୁଲ କେବେ

ମହାଶୟ,
ଭଦ୍ରକ ସହରର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ ଭଦ୍ରକ ହାଇସ୍କୁଲ (ସ୍ଥାପିତ:୧୮୮୨)କୁ ବହୁ ଦାବି ପରେ ତତ୍କାଳୀନ ସରକାର ୨୦୦୩ ମସିହାର 'ଜିଲା ସ୍କୁଲ'ର ମାନ୍ୟତା ପ୍ରଦାନ କଲେ। ତତ୍କାଳୀନ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଭଦ୍ରକ ଆସି ଏକ ବର୍ଣ୍ଣାଢ଼୍ୟ ସଭାରେ ଏହି ଜିଲା ହାଇସ୍କୁଲକୁ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଭଦ୍ରକର 'ଜିଲା ପୋଲିସ ହାଇସ୍କୁଲ' ପାଇଁ ଦାବି ହୋଇଥିଲା। ସରକାର ଏହି ଦାବି ଉପରେ ଯତ୍ନବାନ ଅଛନ୍ତି ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରେ ଏହି ଦାବି ଉପରେ ଭଦ୍ରକ ଜିଲାର ନାଗରିକମାନଙ୍କ ପକ୍ଷରୁ ଆଉ ଜୋର୍ ଦିଆଯାଇ ନ ଥିଲା। ଇତିମଧ୍ୟରେ ୨୨ବର୍ଷ ଅତିକ୍ରାନ୍ତ ହୋଇଗଲାଣି ଓ ନୂଆ ସରକାର ଗଠନର ଏକବର୍ଷ ପୂର୍ତ୍ତି ହୋଇ ସାରିଲାଣି। ପୂର୍ବର ଭଦ୍ରକର ବହୁ ପୁରାତନ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ବର୍ତ୍ତମାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ନାମିତ ହୋଇଛି ଓ ସେଠାରେ 'ସହ ଶିକ୍ଷା' ପ୍ରଦାନ କରାଯାଉଛି। ଆମ ମତରେ ଏହି ସରକାରୀ ଉଚ୍ଚ ବିଦ୍ୟାଳୟକୁ ସରକାର ଯଥାଶୀଘ୍ର 'ଜିଲା ପୋଲିସ ହାଇସ୍କୁଲ'ର ମାନ୍ୟତା ପ୍ରଦାନ କରନ୍ତୁ।

– ଚିନ୍ମୟ କୁମାର ମଲ୍ଲିକ, ଧଳସାହି ଛକ, ଚରମ୍ପା, ଭଦ୍ରକ

### ଚିରନ୍ତନୀ

ବକ୍ଷଭରା ଯଉବନ ଘେନି ମୁଁ ତେସନ
ଲୋଡ଼ୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣଧାରେ
ଅସହ୍ୟ ଏ ପ୍ରୀତିଭାରେ
ନୀରବେ ତୋ କୂଳେ ମୁଁ ଯେ କରେଁ ନିବେଦନ ।
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ



ଅଧାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଦେଇଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି ଏବେ ଜୋର ଧରିଛି। ବିରୋଧୀ ରାଜନୈତିକ ଦଳ ଏବଂ ବିଭିନ୍ନ ସଂଗଠନଗୁଡ଼ିକ ପକ୍ଷରୁ ରାଜ୍ୟ ସରକାରଙ୍କ ବିଫଳତାକୁ ଦାୟୀ କରାଯାଇ ବୁଧବାର ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ନ୍ୟାୟିକ ତଦନ୍ତ ଦାବି ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବାକୁ ଉଦ୍ୟମ କରାଯାଇଥିଲା। ସେହିପରି କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନୁରୂପଭାବେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ(ଏଆଇଏଫ୍‌ବି) ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲା। ଅପରପକ୍ଷରେ ଛାତ୍ର କଂଗ୍ରେସ ସଦସ୍ୟାସଦସ୍ୟ ଏବଂ ଅଧାପକଙ୍କ ଦ୍ୱାରା ମାନସିକ ନିର୍ଯାତନା ଯୋଗୁ ସୌମ୍ୟାଶ୍ରୀ ଆତ୍ମାହୁତି ଦେଇଥିବାରୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏବିଭିପିର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା।



ବିଜେଡି ପକ୍ଷରୁ ବୁଧବାର ଲୋକସେବା ଭବନ ଘେରାଉ ବେଳେ କର୍ମୀମାନଙ୍କୁ ପାଣିମାଡ଼ କରାଯାଉଛି।



ଆନ୍ଦୋଳନରେ ସାମିଲ ବିଜେଡି ନେତ୍ରୀ, କର୍ମୀ।



ଲୋୟର ପିଏମ୍‌ଜିରେ ବିଜେଡି ନେତା ଓ କର୍ମୀମାନେ ଲୋକସେବା ଭବନ ଆଡ଼କୁ ଯାଉଛନ୍ତି।



ବିଜେଡି ନେତାଙ୍କୁ ପୋଲିସ ଉଠାଇ ନେଉଛି।




କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଲୋୟର ପିଏମ୍‌ଜିଠାରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ କରାଯାଇଥିବା ବିକ୍ଷୋଭ ପ୍ରଦର୍ଶନ।



ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ଛାତ୍ର କଂଗ୍ରେସର ସଦସ୍ୟାସଦସ୍ୟ ଏବଂ ସମ୍ପୃକ୍ତ ଅଧ୍ୟାପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବାଣୀବିହାର ଛକଠାରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଜେଡିର ୮ଘଣ୍ଟିଆ ବାଲେଶ୍ୱର ବନ୍ଦ

ବାଲେଶ୍ୱର,୧୬।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ନ୍ୟାୟିକ ତଦନ୍ତ, ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେଡି ପକ୍ଷରୁ ବୁଧବାର ବାଲେଶ୍ୱର ଜିଲାରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଥିଲା। ପ୍ରଥମେ ବାଲେଶ୍ୱର ସହରର ଷ୍ଟେଶନ ଛକରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ରାସ୍ତା ଅବରୋଧ କରି ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଷ୍ଟେଶନ ସମ୍ମୁଖରେ ହୋ-ହଲ୍ଲା କରିଥିଲେ। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶେଷରେ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ମୃତ ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ପୋଲିସ, ବିଧାୟକ, ଏମ୍‌ପି ଏବଂ ସାମାଜିକ ଗଣମାଧ୍ୟମ(ଏକ୍ସ) ମାଧ୍ୟମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଏହାର ମୂଳ କାରଣ। ନ୍ୟାୟିକ ତଦନ୍ତ ସହ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବତନ ଏମ୍‌ପି ଜେନା ଆୟୋଜିତ ପ୍ରତିବାଦ ସଭାରେ ଦାବି କରିଥିଲେ।



ଷ୍ଟେଶନ ଛକଠାରେ ଟାୟାର ଜାଳି ବିକ୍ଷୋଭ।

ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସିମନ ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ କର୍ମୀମାନେ ଏକ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପିକେଟିଂ କରିଥିଲେ। କୋର୍ଟ, କଚେରୀ, ଜିଲାପାଳଙ୍କ କାର୍ଯ୍ୟାଳୟ, ସରକାରୀ ଅଫିସ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବିଭିନ୍ନ ବ୍ୟାଙ୍କ, ଦୋକାନବଜାର, ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରହିଥିଲା। ବସ୍, ଟ୍ରକ୍, ଭ୍ୟାନ୍ ଆଦି ଚଳାଚଳ ବନ୍ଦ ରହିଥିଲା। ୧୬ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ, ଜିଲା ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀକ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ, ଗିରିଶ ଦତ୍ତ ଓ ଜୟରାମ ଦାସ, ମହିଳା ନେତ୍ରୀ ବିଦ୍ୟାସ୍ମିତା ମହାଲିକ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ତାପସ ପରିଡ଼ା, ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଆଇନଜୀବୀ ଶାନ୍ତନୁ ଦାସ, ଭାଗବତ ସାହୁ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।



ବାଲେଶ୍ୱର ଷ୍ଟେଶନ ଛକ ପ୍ରତିବାଦ ସଭାରେ ବିଜେଡି ନେତା ଓ କର୍ମୀ।



ଭୋଗରାଇଠାରେ ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କ ପୋଷ୍ଟର ପୋଡ଼ାଯାଉଛି।




ଭୋଗରାଇ ଥାନାଛକରେ ବିଜେଡିର ପ୍ରତିବାଦ ସଭାରେ ରାଜ୍ୟନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ବକ୍ତବ୍ୟ ରଖୁଥିବା ବେଳେ ପାଖରେ ଭୋଗରାଇ ବିଧାୟକ ଓ ନେତାମାନେ ଉପସ୍ଥିତ ଅଛନ୍ତି।



ବାଲେଶ୍ୱର ବନ୍ଦ ଯୋଗୁ ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଅଫିସ୍‌କୁ ଚାଲିଚାଲି ଯାଉଛନ୍ତି।

ଅପରାଧ

## ମା'ବାପାଙ୍କୁ ପଥରରେ ଛେଚି ହତ୍ୟାକଲେ ପୁଅ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବୈଶିଙ୍ଗା (ରତନ ଦାଶ), ୧୬।୭

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଧନାପାଳ ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ନୃଶଂସ ପୁଅ ରୋଗଣା ମା'ବାପାଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ମୃତକ ହେଲେ ଦିବ୍ୟାଙ୍ଗ ମା' ଶାନ୍ତି ସାହୁ(୭୨) ଓ ବାପା ହାଡ଼ିବନ୍ଧୁ ସାହୁ(୮୦)। ପୋଲିସ ଅଭିଯୁକ୍ତ ପୁଅ ହିମାଂଶୁ (୫୦)ଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ହିମାଂଶୁ ଘର ଛାଡ଼ି ମାଣତ୍ରୀଠାରେ ଅନ୍ୟ ଜଣଙ୍କ ନିକଟରେ ରହୁଥିଲେ। ମଙ୍ଗଳବାର ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପାଟିତୁଣ୍ଡ କରିଥିଲେ। ରୋଗଶଯ୍ୟାରେ ପଡ଼ିଥିବା ବାପାଙ୍କୁ ପ୍ରଥମେ ପଥରରେ ଛେଚି ହତ୍ୟା କରିଥିଲେ। ଦିବ୍ୟାଙ୍ଗ ମା' ପ୍ରତିବାଦ କରିବାରୁ ହିମାଂଶୁ ନିଜର ହିତାହିତ ଜ୍ଞାନ ଭୁଲିଯାଇ ଜନ୍ମଦାତ୍ରୀ ମା'ଙ୍କୁ ବାରଣ୍ଡା ତଳକୁ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ପରେ ତାଙ୍କୁ ମଧ୍ୟ ଏକ ପଥରରେ ଛେଚି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ମୃତ ବାପାଙ୍କ ନିକଟରେ ପଡ଼ିଥିବା ଏକ ଖଟ ଉପରେ ଶୋଇ ରହିଥିଲେ। ସକାଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କ ମୃତ ଶରୀର ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ବେତନଟୀ ଡାକ୍ତରଖାନାକୁ ପଠାଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ପଥରକୁ ପୋଲିସ ଜବତ କରିଛି। ମୃତକଙ୍କ ୨ ଝିଅ ମା'ବାପାଙ୍କ ମୃତଦେହ ସତ୍କାର କରିଥିବା ସୂଚନା ମିଳିଛି।

## ଶିଶୁକନ୍ୟା ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ,୧୬।୭(ରାକେଶ କୁମାର ରାଉତ)

୪ ବର୍ଷର ଏକ ଶିଶୁକନ୍ୟାଙ୍କୁ ବଳାତ୍କାର ଏବଂ ତାଙ୍କ ମା'ଙ୍କୁ ଅସଦାଚରଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ବୁଧବାର ଅଭିଯୁକ୍ତ ରାଇକିଆ ଥାନା ଅଞ୍ଚଳର ଶଙ୍କର ପ୍ରଧାନ(୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୩୦ ହଜାର ଜରିମାନା ଏବଂ ଏହା ଅନାଦାୟେ ଅଧିକ ୧୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

୨୦୨୪ ଜାନୁଆରୀ ୩୦ରେ ଶଙ୍କର ପ୍ରଥମେ ଶିଶୁକନ୍ୟାଙ୍କ ମା'ଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ଲୋକ ଲଜ୍ଜାକୁ ଡରି ଏ ବିଷୟରେ କାହାକୁ କିଛି କହି ନ ଥିଲେ। ୭ ଦିନ ପରେ ଶଙ୍କର ପୁଣି ମହିଳାଙ୍କ ଘରକୁ ଯାଇଥିଲେ। ମହିଳା ଜଣଙ୍କ ତାଙ୍କ ଦୋକାନରେ ଥିବା ବେଳେ ଘରେ ୪ ବର୍ଷର ଶିଶୁକନ୍ୟାଙ୍କୁ ଏକାକୀ ଦେଖି ଶଙ୍କର ତାଙ୍କୁ ବଳାତ୍କାର କରି ଚାଲି ଯାଇଥିଲେ। ଝିଅଠାରୁ ସବୁ ଶୁଣିବା ପରେ ମହିଳା ଜଣକ ଡରିଯାଇ କାହାକୁ କହି ନ ଥିଲେ। ସେହିବର୍ଷ ଫେବୃଆରୀ ୧୫ ତାରିଖରେ ଶଙ୍କର ଗ୍ରାମର ଆଉ ଜଣେ ମହିଳାଙ୍କୁ ଅସଦାଚାରଣ କରିଥିଲେ। ସମ୍ପୃକ୍ତା ମହିଳା ଘଟଣା ବିଷୟରେ ଜଣାଇବାରୁ ୧୬ ତାରିଖରେ ଗ୍ରାମରେ ସଭା ବସିଥିଲା। ଉକ୍ତ ସଭାରେ ପୂର୍ବରୁ ଅସଦାଚରଣର ଶିକାର ହୋଇଥିବା ମହିଳା ନିଜ କଥା ଏବଂ ଝିଅକୁ ବଳାତ୍କାର କରାଯାଇଥିବା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ମହିଳା ୧୯ ତାରିଖରେ ରାଇକିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୦/୨୪ରେ ମାମଲା ରୁଜୁ କରି ଶଙ୍କରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଦଣ୍ଡାଦେଶ ଶୁଣାଇବା ସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଲୋଇସିଂହା ନୂଆପଡ଼ା ରେଳଫାଟକ ବନ୍ଦ ବେଳେ ଉତ୍ତେଜନା

**ଲୋଇସିଂହା, ୧୬।୭ (ସୁଶାନ୍ତ ବାରିକ)**

ବୁଧବାର ବଲାଙ୍ଗୀର ଜିଲାର ଲୋଇସିଂହା ନୂଆପଡା ରେଳଫାଟକ ବନ୍ଦ ଉଦ୍ୟମ ବେଳେ ଉତ୍ତେଜନା ପ୍ରକାଶ ପାଇଛି। ରେଳବିଭାଗ ଅଧିକାରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତିବାଦ ବେଳେ ଆଇନଜୀବୀ ଦିଲିପ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ, ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ, ଉତ୍ତମ କବାଟ, ଭୂତନାଥ ନାଏକ, ଶିବ କୁମାର ଅଗ୍ରୱାଲ, କୁନା ଭୋଇ, ଲାଲମନ ନାଗଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହିଥିଲେ। ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ସ୍ଥାନୀୟ ଥାନା ଅଧିକାରୀ ଓ ଷ୍ଟାଫ୍ ନିୟୋଜିତ ଥିଲେ।

ପ୍ରକାଶ ଯେ, ଲୋଇସିଂହା ମୁଖ୍ୟାଳୟ ଦେଇ ଯାଇଥିବା ସମ୍ବଲପୁର-ଟିଟିଲାଗଡ ରେଳ ଧାରଣାର ବାମପାର୍ଶ୍ୱରେ ଲୋଇସିଂହା ବସ୍ତି ରହିଛି । ଉକ୍ତ ବସ୍ତି ଲୋକେ ରେଳ ଫାଟକ ପାର ହୋଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥକୁ ଆସିଲା ପରେ ସ୍କୁଲ, କଲେଜ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଦୈନନ୍ଦିନ କାର୍ଯ୍ୟ ପାଇଁ ଆସିଥାନ୍ତି। ତେବେ ମଙ୍ଗଳବାର ଅପରାହ୍ନରେ ନୂଆପଡା ଫାଟକଠାରେ ଏକ ସୂଚନା ବୋର୍ଡ ଝୁଲାଇ ବୁଧବାରଠାରୁ ଉକ୍ତ ଫାଟକ ବନ୍ଦ ହେବା ନେଇ ସୂଚନା ଦିଆ ଯାଇଥିଲା ।



ଅଧିକାରୀଙ୍କ ସହ ପ୍ରତିବାଦକାରୀମାନେ ଆଲୋଚନା କରୁଛନ୍ତି ।



ପ୍ରତିବାଦ ବେଳେ ଉପସ୍ଥିତ ଜନସାଧାରଣ ।

ଏହାକୁ ସ୍ଥାନୀୟ ଲୋକେ ଦେଖିବା ପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ବୁଧବାର ପୂର୍ବାହ୍ନ ୧୦ଟାରେ ପୋଲିସ ଫୋର୍ସ ସହିତ ବିଭାଗୀୟ ଅଧିକାରୀ ଫାଟକ ବନ୍ଦ କରିବା ପାଇଁ ପହଞ୍ଚି ଥିଲେ । ରେଳ ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଫୋର୍ସ ଲଗାଯାଇ ବଳପୂର୍ବକ ଭାବେ ଲୋଇସିଂହା ବସ୍ତିକୁ ସଂଯୋଗ କରୁଥିବା ଲୋଇସିଂହାସ୍ଥିତ ନୂଆପଡା ରେଳଫାଟକକୁ ବୁଧବାର ବନ୍ଦ କରି ଦିଆଯାଉଥିଲା। ଏହାଦେଖି ଅଞ୍ଚଳବାସୀ ରୁଣ୍ଡ ହୋଇ ପ୍ରତିବାଦ କରିଥିଲେ।

ଫାଟକ ବନ୍ଦ ପାଇଁ ଆସିଥିବା ବିଭାଗୀୟ ବଲାଙ୍ଗୀର ଏଡିଇଏନ ଏମ.କେ ଓଝା ଓ ଆରପିଏଫ ଅଧିକାରୀଙ୍କୁ ପ୍ରତିବାଦକାରୀମାନେ ଫାଟକ ବନ୍ଦ କରାଇ ଦେଇ ନ ଥିଲେ ।

- ରେଳ ବିଭାଗ ଅଧିକାରୀ-ପ୍ରତିବାଦକାରୀ ମୁହାଁମୁହିଁ
- ବିକଳ୍ପ ରାସ୍ତା ପାଇଁ ୫ ଦିନ ସମୟ ମାଗିଲା ପ୍ରଶାସନ

ଅଧିକାରୀଙ୍କୁ ପ୍ରତିବାଦକାରୀ ଏଠାରେ ଏକ ଓଭର ବ୍ରିଜ ନିର୍ମାଣ କରିବାକୁ ଦାବି କରିଥିଲେ। ଏହାଛଡା ଫାଟକ ବନ୍ଦ ପୂର୍ବରୁ ପ୍ରଥମେ ବିକଳ୍ପ ରାସ୍ତା କରିବାକୁ ଦାବି ଜଣାଇଥିଲେ। ଉପସ୍ଥିତ ଅଧିକାରୀ ଜଣକ ଉପରୋକ୍ତ ଦାବି ପୂରଣ ତାଙ୍କ କ୍ଷମତା ବାହାରେ ବୋଲି କହିଥିଲେ। ଏହି ଆଲୋଚନା ସମୟରେ ଫାଟକ ବନ୍ଦ କରିବା ପାଇଁ ବସ୍ତିପଟରୁ ଏକ ଜେସିବି ମେଶିନ ଫାଟକଠାରେ ଲାଗିଥିଲା। ଏହାକୁ ଦେଖି ପ୍ରତିବାଦ କରୁଥିବା ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରତିବାଦକାରୀଙ୍କ ତରଫରୁ ଆଇନଜୀବୀ ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ଅଧିକାରୀଙ୍କ ସହ ଆଲୋଚନା କରି ବିଭାଗର ଏପରି ଦାଦାଗିରକୁ ବରଦାସ୍ତ କରାଯିବ ନାହିଁ ବୋଲି ଶୁଣାଇଥିଲେ। ବିକଳ୍ପ ରାସ୍ତା ଦେଇ ଫାଟକ ବନ୍ଦ ହେଲେ କାହାରି ଆପତ୍ତି ନାହିଁ ବୋଲି ସେ କହିଥିଲେ। ଅପରପକ୍ଷରେ ଫାଟକ ବନ୍ଦ କରାଯାଉଛି, ହେଲେ ସ୍ଥାନୀୟ ସରପଞ୍ଚଙ୍କୁ ପ୍ରଶାସନ ନ ଜଣାଇବା ପରିତାପର ବିଷୟ ବୋଲି ସରପଞ୍ଚ ନବକିଶୋର କ୍ଷୋଭର ସହ ପ୍ରକାଶ କରିଥିଲେ। ସାଧାରଣ ଜନତାଙ୍କ ସହିତ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ଫାଟକ ବନ୍ଦ ନ କରିବାକୁ ନିବେଦନ କରିଥିଲେ । ପରବର୍ତ୍ତୀ ସମୟରେ ସ୍ଥାନୀୟ ତହସିଲଦାର ସଂଘମିତ୍ରା କାଲୋଙ୍କ ସହିତ ରେଳ ବିଭାଗ ଅଧିକାରୀ ଆଲୋଚନା କରି ଉପରୋକ୍ତ ଦାବି ନେଇ ୫ ଦିନ ସମୟ ଲୋଡିଥିଲେ। ଏହାପରେ ପ୍ରତିବାଦ କରୁଥିବା ବ୍ୟକ୍ତିମାନେ ଶାନ୍ତ ପଡିଥିଲେ। କାରଣ ଏହି ଫାଟକ ବନ୍ଦ ହୋଇଗଲେ ସ୍କୁଲ, କଲେଜ ଛାତ୍ରୀଛାତ୍ର, ଲୋଇସିଂହା ବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମର ଲୋକେ ଦୈନନ୍ଦିନ କାର୍ଯ୍ୟରେ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହେବ। ସୂଚନାଯୋଗ୍ୟ, ପୂର୍ବରୁ ଥିବା ବସ୍ତି ଫାଟକକୁ ବିଭାଗ ପକ୍ଷରୁ ବନ୍ଦ କରି ଅଣ୍ଡରଗ୍ରାଉଣ୍ଡ ପୋଲ ନିର୍ମାଣ କରାଯାଇଛି। ବର୍ଷା ଦିନ ସମେତ ବର୍ଷସାରା ଏହି ଅଣ୍ଡର ଗ୍ରାଉଣ୍ଡ ପୋଲ ଦେଇ ଯିବାଆସିବା କରିବା ବେଳେ ଲୋଇସିଂହା ସମେତ ଅଞ୍ଚଳ ବାସିନ୍ଦା ଅସୁବିଧା ଭୋଗୁଛନ୍ତି ।

# 'ଓଡ଼ିଶା ବନ୍ଦ'କୁ ସଫଳ କରିବା ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ

**ବଲାଙ୍ଗୀର, ୧୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୭ ତାରିଖ ୧୨ ଘଣ୍ଟିଆ 'ଓଡିଶା ବନ୍ଦ'କୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ବଲାଙ୍ଗୀର କଂଗ୍ରେସ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଥିବା ଜଣାପଡିଛି। ସ୍ଥାନୀୟ କଂଗ୍ରେସ ଭବନଠାରେ ଏନେଇ ବୁଧବାର ସନ୍ଧ୍ୟାରେ ଏକ ବୈଠକ କରାଯାଇ ଓଡିଶା ବନ୍ଦ ପରିପ୍ରେକ୍ଷୀରେ ବଲାଙ୍ଗୀର ବନ୍ଦ ସମ୍ପର୍କରେ ଆଲୋଚନା ହୋଇଛି। କଂଗ୍ରେସ କର୍ମୀ ଓ ନେତାମାନେ ଗୁରୁବାର ସକାଳ ୬ଟାରୁ ପିକେଟିଂରେ ବାହାରିବେ ବୋଲି ଜଣାପଡିଛି। ୧୭ ତାରିଖ ସକାଳୁ ସମସ୍ତ ଯାନବାହନ ଚଳାଚଳ, ସମସ୍ତ ସରକାରୀ ଓ ବେସରକାରୀ ଅଫିସ, ସ୍କୁଲ କଲେଜ ଓ ପେଟ୍ରୋଲ ପମ୍ପ ବନ୍ଦ ରହିବ । ସ୍ଥାନୀୟ କଂଗ୍ରେସ ଭବନରେ କଂଗ୍ରେସ ନେତା ବୁଲୁ ଦାନୀ, ମନୀଷ ମିଶ୍ର, ସନ୍ତକ ବହିଦାର, ସୌମ୍ୟଦୀପ ସରାଫ, କୈଳାସ ମିଶ୍ର, ଅଜୟ ବାଲି, କୁଳମଣି ସାହୁ, ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ଓମ୍ ପ୍ରକାଶ କୁମ୍ଭାର, ରବି ପାଣିଗ୍ରାହୀ, ଲୋପନ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିବା ଜଣାପଡିଛି।

ଓଡିଶା ବନ୍ଦକୁ ଆଖି ଆଗରେ ରଖି ବୁଧବାର ବଲାଙ୍ଗୀର ସହରର ପେଟ୍ରୋଲ ପମ୍ପ, ଡେଲିମାର୍କେଟରେ ଭିଡ ପରିଲକ୍ଷିତ ହୋଇଛି। କଣ୍ଟାବାଞ୍ଜିରେ ମଧ୍ୟ ଓଡିଶା ବନ୍ଦକୁ ଜୋରଦାର କରିବା ପାଇଁ ବଡଧରଣର ପ୍ରସ୍ତୁତି ହୋଇଛି। କଣ୍ଟାବାଞ୍ଜି ନଗରପାଳ ବରିୟମ ସିଂ ସାଲୁଜାଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ଠାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସହ ଅନ୍ୟ କଂଗ୍ରେସ ନେତା ଉପସ୍ଥିତ ଥିବା ଜଣାପଡିଛି। ସେହିପରି ପାଟଣାଗଡ, ଟିଟିଲାଗଡ, ତୁଷରା ସହ ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନକୁ ସଫଳ କରିବା ପାଇଁ ପ୍ରସ୍ତୁତି ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ଓଡ଼ିଶା ବନ୍ଦ ଡାକରା: କଂଗ୍ରେସର ଖବରଦାତା ସମ୍ମିଳନୀ

**ପାଟଣାଗଡ, ୧୬।୭ (ସଚ୍ଚିଦାନନ୍ଦ ମହାକୁର)**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। କଂଗ୍ରେସ ,ସମାଜବାଦୀ ପାର୍ଟି ସମେତ ଆଠଟି ରାଜନୈତିକ ଦଳ ଏହି ବନ୍ଦ ଡ଼ାକରାକୁ ସମର୍ଥନ କରିଛି। ଏହି ପରିପ୍ରେକ୍ଷୀରେ ବୁଧବାର କଂଗ୍ରେସ ଜିଲା କନଭେନର ଅନିଲ ମେହେର ସ୍ଥାନୀୟ ଡ଼ାକବଙ୍ଗଳା ଠାରେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ସମ୍ମିଳନୀରେ ସେ ରାଜ୍ୟରେ ଭାଜପା ସରକାର ଆସିବା ଦିନ ଠାରୁ ବିଶେଷକରି ନାରୀ ଓ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଯାହାକି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ ବୋଲି କହିଛନ୍ତି। ସରକାରଙ୍କୁ ଜାଗ୍ରତ କରିବା ପାଇଁ ଗୁରୁବାର ବନ୍ଦ ଡ଼ାକରାକୁ ସମର୍ଥନ କରିବା ପାଇଁ ଗଣମାଧ୍ୟମ ଜରିଆରେ ଜନସାଧାରଣ ଓ ବିଭିନ୍ନ ସଂଗଠନର ସହଯୋଗ ଲୋଡିବା ସହ ବନ୍ଦ ପାଳନକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କନଭେନରଙ୍କ ସହ ପାଟଣାଗଡ଼ ବ୍ଲକ କଂଗ୍ରେସ ସଭାପତି ପତିତପାବନ ପ୍ରଧାନ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀ ।




ଛାତ୍ରନେତାମାନେ ଟିଟିଲାଗଡ ସରକାରୀ ମହିଳା ମହାବିଦ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଛାତ୍ରୀ ମୃତ୍ୟୁକୁ ନେଇ ତାତିଲା ବିଜେଡି

**ଟିଟିଲାଗଡ଼, ୧୬।୭ (ଶରତ ମିଶ୍ର)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣା ନେଇ ସାରା ରାଜ୍ୟ ଅଶାନ୍ତ ହୋଇପଡିଛି। ଏହି ଅଭାବନୀୟ ଘଟଣା ରାଜ୍ୟର ଯୁବ ତଥା ଛାତ୍ର ସମାଜକୁ ଆନ୍ଦୋଳିତ କରିଛି। ଘଟଣାକୁ ନେଇ ବୁଧବାର ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ତତ୍ତ୍ୱାବଧାନରେ ଟିଟିଲାଗଡ଼ ଯୁବ ଏବଂ ଛାତ୍ର ବିଜେଡ଼ି ଆନ୍ଦୋଳନକୁ ଓହ୍ଲାଇଛି। ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ବିଜେଡ଼ି ଛାତ୍ର ନେତାଙ୍କ ସମେତ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ପୀଡିତା ଛାତ୍ରୀ ଜଣକ ଭୋଗିଥିବା ନିର୍ଯାତନା ସମ୍ପର୍କରେ ବିଭିନ୍ନ ସ୍ତରରେ ଜଣାଇ ନ୍ୟାୟ ପାଇଁ ଆକୁଳ ନିବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେ ଆତ୍ମାହୁତି ଦେବାକୁ ବାଧ୍ୟ ହୋଇଥିଲେ। ଏଭଳି ସ୍ଥଳେ ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଦୋଷୀଙ୍କୁ କଡା ଦଣ୍ଡ ଦେବାକୁ ବିକ୍ଷୋଭର ନେତୃତ୍ୱ ନେଇଥିବା ଛାତ୍ର ନେତା ଜ୍ଞାନରଞ୍ଜନ ସରାଫ ଦାବି କରିଥିଲେ। ଏହି ଅବସରରେ ବିକ୍ଷୋଭକାରୀମାନେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବାପି ଗୁମାନ ସିଂ, ବ୍ଲକ ଯୁବ ବିଜେଡ଼ି ସଭାପତି ସୁଧୀର ପଟ୍ଟନାୟକ, ଯୋଗେଶ୍ୱର ଟାକ୍ରୀ, ବୁଲୁ ସେଠ, ପ୍ରବୀଣ ଆଚାର୍ଯ୍ୟ, ହର୍ଷବର୍ଦ୍ଧନ ସୋନି, ଛନ୍ଦାଚରଣ ବାରିକ, ମହମ୍ମଦ ସୋହେଲ, ସୋନୁ ମହାନନ୍ଦ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, କାଉନସିଲର ମାନସ ସାହୁ, ଗୋପାଳକୃଷ୍ଣ ବେହେରା, ସଚ୍ଚିକାନ୍ତ ବାରିକ, ପରମାନନ୍ଦ ବନଛୋର, ଚନ୍ଦ୍ରଚୁଡ କୁମ୍ଭାର, ପ୍ରହଲ୍ଲାଦ ବେହେରା, ଲିଙ୍ଗ ସାହୁ, ଦୀପକ ବେହେରା, ବିକାଶ ବେହେରା, ସୁନିଲ ବଚ୍ଛା, ଟୁନୁ ବଗର୍ତ୍ତୀ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ବିକ୍ଷୋଭ ସମୟରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର କେ. ଜାନି, ଏ. ସୁନାନୀ, ଏଚ. ଖାଲକୋଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ଥିବା ଦେଖାଯାଇଥିଲା।

# ଯୋଗାଣ ବିଭାଗର ତଦନ୍ତ ଆରମ୍ଭ

## ଚାଉଳ ବୋଝେଇ ଟ୍ରକ୍ ଅଟକ ଘଟଣା

**ଦେଓଗାଁ, ୧୬।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ପୋଲିସ ତୁଷୁରା ଛକ ନିକଟରେ ଛତିଶଗଡରୁ ଆସୁଥିବା ଏକ ଚାଉଳ ବୋଝେଇ ଟ୍ରକକୁ ସନ୍ଦେହରେ ଅଟକ ରଖିଥିଲା। ଅଟକ ଥିବା ଟ୍ରକଟି ଦୁଇ ଦିନ ପରେ ଉଭାନ ହୋଇଯାଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା। ପରେ ପୋଲିସ ସଇଁତଲା ଥାନା ଅନ୍ତର୍ଗତ କରେଲଧୁଆ ପେଟ୍ରୋଲ ପମ୍ପ ନିକଟରୁ ଉକ୍ତ ଟ୍ରକକୁ ଜବତ କରି ଦେଓଗାଁ ଥାନାକୁ ଆଣିଥିଲା ଓ ଯୋଗାଣ ବିଭାଗକୁ ତଦନ୍ତ କରିବା ପାଇଁ କହିଥିଲା। ମଙ୍ଗଳବାର ପୂର୍ବାହ୍ନରେ ଯୋଗାଣ ବିଭାଗର ଏସିଏସଓ ପୀତବାସ ମଲ୍ଲିକଙ୍କ ସହ ଏକ ଟିମ୍ ପହଞ୍ଚି ଜବତ ଟ୍ରକର ସମସ୍ତ କାଗଜପତ୍ର ଓ ଚାଉଳକୁ ଯାଞ୍ଚ କରିଥିଲେ। ତଦନ୍ତକାରୀ ଟିମ୍ ତଦନ୍ତ ପରେ ରିପୋର୍ଟ ଦେଇ ନ ଥିବା ସିଏସଓ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରକଟି ଛତିଶଗଡରୁ ଚାଉଳ ବୋଝେଇ କରି ବିଶାଖାପାଟନମ୍ ଅଭିମୁଖେ ଯାଉଥିବା ବେଳେ ପୋଲିସ ଅଟକ ରଖିଥିଲା।

# ରାଇସ୍ ମିଲ୍ ଭିତରେ ଛତିଶଗଡ଼ ଚାଉଳ ଗାଡ଼ି



ଛତିଶଗଡରୁ ଆସିଥିବା ଟ୍ରକରୁ ଚାଉଳ କଢାଯାଇ ଗୋଦାମରେ ରଖାଯାଉଛି ।

**ଦେଓଗାଁ, ୧୬।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଓ ତୁଷୁରା ଅଞ୍ଚଳର କେତେଜଣ ମିଲର ବାହାର ରାଜ୍ୟରୁ ଚାଉଳ ଆଣି ନିଜ ଗୋଦାମରେ ଗଚ୍ଛିତ ରଖୁଥିବା ଅଭିଯୋଗ ହେଉଛି। ଏପରି କି ନିକଟରେ ତୁଷୁରା ଅଞ୍ଚଳର ଡଙ୍ଗାପଥର ନିକଟ ଏକ ରାଇସ୍ ମିଲ୍ ଭିତରେ ଛତିଶଗଡର ଟ୍ରକରୁ ଚାଉଳ କଢାଯାଇ ଗୋଦାମ ଭିତରେ ରଖାଯାଉଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ବାହାର ରାଜ୍ୟରୁ ଧାନ କିମ୍ବା ଚାଉଳ ଆସିବା କ୍ଷେତ୍ରରେ କଟକଣା ଜାରି କରିଛନ୍ତି । କିନ୍ତୁ ବିଳମ୍ବିତ ରାତିରେ ବାହାର ରାଜ୍ୟରୁ ଚାଉଳ ବୋଝେଇ ଟ୍ରକ ଆସି ମିଲ୍ ଭିତରକୁ ପ୍ରବେଶ କରି ସକାଳେ ଖାଲି ହେଉଛି ଏବଂ ଚାଉଳ ବୋଝେଇ ଟ୍ରକଟି ଚାଲି ଯାଉଛି । ସରକାର ପ୍ରତ୍ୟେକ ରାଇସ୍ ମିଲ୍‌କୁ ପ୍ରତିବର୍ଷ ଖରିଫ ଓ ରବି ଋତୁରେ କଷ୍ଟମ ମିଲିଂ କରିବା ପାଇଁ ସର୍ତ୍ତମୂଳକ ଭାବେ ଧାନ ଦେଇଥାନ୍ତି । କିନ୍ତୁ ଉକ୍ତ ମିଲର କେତେକ ପାଉ୍ବର ସଂପାଦକଙ୍କ ସହ ହାତ ମିଳାଇ କାଗଜପତ୍ରରେ ଫଲ୍ସ ଏଣ୍ଟ୍ରି କରି ଧାନ ନେଇଥାଆନ୍ତି ।

### ଯୋଗାଣ ବିଭାଗ ଚୁପ୍

ତେଣୁ ସେହି ଧାନକୁ ଚାଉଳ ହିସାବରେ ଦେବା ପାଇଁ ଛତିଶଗଡ ରାଜ୍ୟରୁ ଚାଉଳ ମଗାଇ ସରକାରଙ୍କୁ ଭରଣା କରୁଛନ୍ତି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଯୋଗାଣ ବିଭାଗ ରାଇସ୍ ମିଲ୍‌ଗୁଡିକୁ ଧାନ ଦେବାପରେ କୌଣସି ଯାଞ୍ଚ କରୁ ନ ଥିବାରୁ ମିଲ୍‌ଗୁଡିକ ବେଆଇନ କାମ କରୁଥିବା ଅଭିଯୋଗ ହେଉଛି।

ଏପରି କି ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀମାନେ ମିଲ ମାଲିକମାନଙ୍କଠାରୁ ହାତଗୁଞ୍ଜା ନେଇ ଅନୁକମ୍ପା ଦେଖାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ଦିଗରେ ଯୋଗାଣ ନିରୀକ୍ଷକ ଗୋକୁଳ ଚନ୍ଦ୍ର ଭୋଇଙ୍କୁ ପଚାରିବାରୁ କିଛି ମିଲ୍ ବାହାରୁ ଚାଉଳ ମଗାଉଥିବା ଅଭିଯୋଗ ଆସିଛି। ଏ ଦିଗରେ ଅତିଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ମିଲ୍‌ଗୁଡିକର ଧାନ ଚାଉଳ ଷ୍ଟକ୍ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସଟ୍ଟା ଆଡ୍ଡାରେ ଚଢ଼ାଉ ମାମଲା: ଅଭିଯୁକ୍ତଙ୍କୁ ଜାମିନ

**ଲୋଇସିଂହା, ୧୬।୭ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ପକ୍ଷରୁ ଲୋଇସିଂହାର ୩ଟି ସ୍ଥାନରେ ଚାଲିଥିବା ସଟ୍ଟା ଆଡ୍ଡା ଉପରେ ସୋମବାର ଚଢାଉ କରାଯାଇଥିଲା । ଏହି ଘଟଣାରେ ଲୋଇସିଂହାର ଆଶିଷ କୁମାର ଅଗ୍ରୱାଲ, କୁଟେନପାଲି ଗ୍ରାମର ସହଦେବ ତାଣ୍ଡି ,ଲୋଇସିଂହା ମିର୍ଦ୍ଧାପଡାର କପିଳେଶ୍ୱର ମିର୍ଦ୍ଧା ଓ ଅମାମୁଣ୍ଡା ଗାଁର ଇସମାଇଲ ନନ୍ଦ(୪୦)ଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା । କୋର୍ଟରେ ବିଚାରପତି ମାମଲାର ବିଚାର କରି ଅଭିଯୁକ୍ତମାନଙ୍କୁ ଜାମିନ ମଞ୍ଜୁର କରିଥିବା ଜଣାଯାଇଛି। ଏ ନେଇ ଲୋଇସିଂହା ଥାନାରେ ୩ ଟି ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ, ଚଢାଉ ବେଳେ ଅଭିଯୁକ୍ତଙ୍କ ନିକଟରୁ ସଟ୍ଟା କାଗଜପତ୍ର, ୧୭ ହଜାର ୬୦ ଟଙ୍କା, ୪ଟି ମୋବାଇଲ ଓ ଗୋଟିଏ ବାଇକ୍‌କୁ ପୋଲିସ ଜବତ କରିଥିଲା।

# ମୁକୁଳା ପଡ଼ିଛି ଡ୍ରେନ୍

**ଲାଠୋର, ୧୬।୭ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲାର ଲାଠୋର- କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ମାର୍କେଟ ନିକଟରେ ଡ୍ରେନ ଖୋଲା ପଡ଼ିଛି। ସେଥିରେ ଢାଙ୍କୁଣି ଢାଙ୍କିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ହେତୁ ସମସ୍ୟାର ସମାଧାନ ହୋଇ ପାରୁନାହିଁ ।

ପ୍ରକାଶ ଯେ, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଦ୍ୱାରା ଲାଠୋର ମୁଖ୍ୟ ରାସ୍ତା ମାର୍କେଟ ନିକଟରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ଡ୍ରେନଟି ପୁରୁଣା ହୋଇଥିବା ବେଳେ ମଇଳା ଆବର୍ଜନାରେ ଭର୍ତ୍ତି ହୋଇ ଜାମ ହେବାରୁ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଛୁଟିଗୁଡ଼ି ପାଖରେ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ଡ୍ରେନରୁ ଢାଙ୍କୁଣି ଖୋଲି ଆବର୍ଜନା ସଫା କରାଯାଇଥିଲା। କିନ୍ତୁ ସଫେଇ ପରେ ଢାଙ୍କୁଣି ଢ଼ଙ୍କା ଗଲାନାହିଁ। ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ମୁଖ୍ୟ ରାସ୍ତାରେ ଡ୍ରେନ ଖୋଲା ପଡ଼ିଛି। ପ୍ରତିଦିନ ସେହି ରାସ୍ତା ଦେଇ ଯାନବାହନ ଯିବା ଆସିବା କରୁଥିବା ବେଳେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ବିଶେଷ କରି ସ୍କୁଲ କଲେଜ ଯାଉଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଡ୍ରେନଟି ବିପଦ ସୃଷ୍ଟି କରୁଛି । ସେହିପରି ଲାଠୋର ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଯାଇଥିବା ଡ୍ରେନର ଢାଙ୍କୁଣି ଖୋଲାଥିବାରୁ ସେଠାରେ ମଧ୍ୟ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି । ଏନେଇ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବେଦବ୍ୟାସ ଭୋଇଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ନ ହେବାରୁ ତାଙ୍କର ପ୍ରତିକ୍ରିୟା ମିଳି ପାରି ନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

### ଲୋକ ଦୁର୍ଘଟଣାର ଶିକାର



ଲାଠୋର ମାର୍କେଟ ନିକଟ ମୁଖ୍ୟ ରାସ୍ତାରେ ଡ୍ରେନ ବିପଦପୂର୍ଣ୍ଣ ଅବସ୍ଥାରେ ଖୋଲାପଡ଼ିଛି।

# ୫୦ କେଜି ଗଞ୍ଜେଇ ଜବତ: ଫିଲ୍ମ ଷ୍ଟାଇଲରେ ୨ ଅଭିଯୁକ୍ତ ଗିରଫ

**ବଲାଙ୍ଗୀର, ୧୬।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଅବକାରୀ ଟିମ୍ ମଙ୍ଗଳବାର ରାତିରେ ତୁଷରା ଜଗନ୍ନାଥ ମନ୍ଦିର ନିକଟରେ ଗଞ୍ଜେଇ ଭର୍ତ୍ତି ଏକ କାର୍‌କୁ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ତୁଷରା ଥାନା କୋଟଗାଁର ବିପିନ ମାଝି ଓ ମଣ୍ଡଲୁ ମାଝି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବଲାଙ୍ଗୀର ଅବକାରୀ ବିଭାଗକୁ ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ବୌଦ୍ଧ ଜିଲାରୁ ବଲାଙ୍ଗୀର ସହରକୁ ଏକ କାର୍ (ନଂ ଓଡି୧୫ଜେ ୮୮୪୯)ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଅବକାରୀ ବିଭାଗ ଅଧିକାରୀ ଓ ପୋଲିସ ଟିମ୍ ଜଗି ରହିଥିଲେ। କାର୍‌ଟି ଜଗନ୍ନାଥ ମନ୍ଦିର ନିକଟକୁ ଆସିବା ପରେ ଅବକାରୀ ଟିମ୍ ଏହାକୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରେ ୫୦ କେଜି ଗଞ୍ଜେଇ ତିନୋଟି ଜରି ବସ୍ତାରେ ଥିବା ଜଣାପଡିଥିଲା। ଅବକାରୀ ଟିମ୍ ଗଞ୍ଜେଇ ଯାଞ୍ଚ କରୁଥିବା ବେଳେ ଦୁଇ ଅଭିଯୁକ୍ତ ସେଠାରୁ ଫେରାର ମାରିବାକୁ ଚେଷ୍ଟା କରିଥିଲେ। ତେବେ ଫିଲ୍ମ ଷ୍ଟାଇଲରେ ଗୋଡାଇ ଦୁଇ ଅଭିଯୁକ୍ତଙ୍କୁ କାବୁ କରି ଗିରଫ କରାଯାଇଥିବା ଜଣାପଡିଛି। ଏହି ଗଞ୍ଜେଇ ଜବତ ଘଟଣାରେ ଅବକାରୀ ବିଭାଗ ଡେପୁଟି ସୁପରିଟେଣ୍ଡେଣ୍ଟ ହରିହର ଧଳ, ସଦର ରେଞ୍ଜ ଅବକାରୀ ଇନ୍ସପେକ୍ଟର ସରୋଜ କୁମାର ପରିଡା, ତୁଷରା ଓଆଇସି ଶ୍ରୀକାନ୍ତ ପାଣିଗ୍ରାହୀ ଓ ଷ୍ଟାଫ୍ ସାମିଲ ହୋଇଥିଲେ। ଜବତ ଗଞ୍ଜେଇର ବଜାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅଭିଯୁକ୍ତମାନେ ଗଞ୍ଜେଇକୁ ବୌଦ୍ଧରୁ ବଲାଙ୍ଗୀର ଆଣିବା ପରେ ଏଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ କରିଥାନ୍ତେ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

### ବୌଦ୍ଧରୁ ବଲାଙ୍ଗୀର ଆସୁଥିଲା ଚୋରା ଗଞ୍ଜେଇ



ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ, କାର୍ ।

**ସଂକ୍ଷେପରେ**

## ନାରୀ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ :୧୬।୭(ବଡ଼ ଶତପଥୀ):** ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧକ୍ଷ ଲୋହିତ କୁମାର ବାରିକଙ୍କ ଅଧକ୍ଷତାରେ କର୍ମସ୍ଥଳୀରେ ନାରୀମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡ଼ନ ତଥା ନାରୀ ସୁରକ୍ଷା ସଂପର୍କୀୟ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସାଂପ୍ରତିକ ସ୍ଥିତିରେ ନାରୀ ଉପରେ ହେଉଥିବା ଅଶାଳୀନ ବ୍ୟବହାର, ନିର୍ଯାତନା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଅଧକ୍ଷ ବାରିକ ମହାବିଦ୍ୟାଳୟର ଶୃଙ୍ଖଳା ତଥା ନାରୀ ସୁରକ୍ଷା ପାଇଁ ଗଠିତ ଆଇ.ସି.ସି. କମିଟି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଆଇ.ସି.ସି. କମିଟିର ମୁଖ୍ୟ ସଦସ୍ୟା ପ୍ରାଧ୍ୟାପିକା ମୀନା କୁମାରୀ ସାହୁ ଛାତ୍ରୀଛାତ୍ରମାନଙ୍କ ଉପରେ ବିଭିନ୍ନ ସ୍ଥାନରେ ହେଉଥିବା ମାନସିକ ନିର୍ଯାତନା ଉପରେ ସଚେତନ ହେବା ସଂପର୍କରେ ବକ୍ତବ୍ୟ ରଖିଥିଲେ ଓ ସବୁବେଳେ ସତର୍କ ରହିବା ପାଇଁ ଉପଦେଶ ଦେଇଥିଲେ। ସଭା ଶେଷରେ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ଅଫିସ୍ ସମ୍ମୁଖ ରାସ୍ତା ଶୋଚନୀୟ

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଚକରକେନ୍ଦ ପଞ୍ଚାୟତ ଅଫିସ୍ ସମ୍ମୁଖ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ବର୍ଷାରେ ଉକ୍ତ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପାଣି ଜମିବା ସହିତ ରାସ୍ତା କର୍ଦ୍ଦମାକ୍ତ ହେଉଥିବାରୁ ଯାତାୟତରେ ସ୍ଥାନୀୟ ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନ ଉକ୍ତ ରାସ୍ତାରେ ଏଭଳି ସ୍ଥିତି ଉପୁଜିଛି। ବର୍ଷା ଛାଡ଼ିଥିଲେ ସୁଦ୍ଧା ଏ ଯାଏ ରାସ୍ତାରେ ବର୍ଷାପାଣି ଜମି ରହିଛି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳୁ ନାହିଁ ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ୍ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଚକରକେନ୍ଦ ପଞ୍ଚାୟତ ସମ୍ମୁଖ ରାସ୍ତା ଶୋଚନୀୟ ହୋଇ ପଡ଼ିଛି।

# ସର୍ପ ଦଂଶନରେ ପ୍ରାଥମିକ ଚିକିତ୍ସା ଉପରେ ତଥ୍ୟ ପ୍ରଦାନ

**ବିଶ୍ୱ ସର୍ପ ଦିବସ**

**ବରଗଡ଼, ୧୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରେ ବୁଧବାର ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଭଟଲି ବ୍ଲକ ସ୍ଥିତ ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ପ ଦଂଶନ କ୍ଷେତ୍ରରେ ତତ୍‌କ୍ଷଣାତ୍ ଚିକିତ୍ସା ସହାୟତା ନେବାର ମହତ୍ତ୍ୱ ବିଷୟରେ ଶିକ୍ଷିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଜୁନିୟର୍ ରେଡକ୍ରସର କାଉନସେଲର ଜ୍ୟୋସ୍ନା ମହାନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ସେହିପରି ଶିକ୍ଷୟିତ୍ରୀ ବନ୍ଦିତା ପଧାନ ବଜ୍ରପାତଜନିତ ବିପଦକୁ ଏଡ଼ାଇବା ପାଇଁ କି କି ସାବଧାନତା ଅବଲମ୍ବନ କରିବା ଉଚିତ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଧାରଣା ପ୍ରଦାନ କରିଥିଲେ। ପ୍ରଶିକ୍ଷକ


ବିଶ୍ୱ ସର୍ପ ଦିବସ ପାଳନ ଉପରେ ବକ୍ତବ୍ୟ ରଖୁଛନ୍ତି।

ଭାବରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ବିଷାକ୍ତ ସାପମାନଙ୍କ ପରିଚୟ, ସୁରକ୍ଷିତ ଅଭ୍ୟାସ, ସର୍ପ ଦଂଶନରେ ପ୍ରାଥମିକ ଚିକିତ୍ସା ଉପରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ସର୍ପ ଦଂଶନ କ୍ଷେତ୍ରରେ ଆଶୁ ଚିକିତ୍ସା ପାଇଁ କଣ କଣ କରିବା ଉଚିତ୍ ସେ ସମ୍ପର୍କରେ ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଝସକେତନ ଧରାଇ ଶିକ୍ଷାର୍ଥୀମାନଙ୍କୁ ଧାରଣା ଦେଇଥିଲେ। ଶେଷରେ ଶିକ୍ଷକ ଜ୍ଞାନ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ଲୋକନାଥ ମେହେର, ଶିକ୍ଷୟିତ୍ରୀ ଢାଲେଶ୍ୱରୀ ପଟେଲ, ଅନିମା ବାରିକ, ଶିକ୍ଷକ ନୀଳାମ୍ବର ନାୟକ, କିଶୋର ପଧାନ ଏବଂ ମୂଳବାର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଶ୍ରୀବତ୍ସ ପଧାନ ସକ୍ରିୟ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ବିଜ୍ଞାନ କ୍ଲବ, ଶକ୍ତି କ୍ଲବ, ଇକୋ କ୍ଲବ ଓ ଜୁନିୟର୍ ରେଡକ୍ରସର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯକ୍ରମରେ ଶକୁନ୍ତଳା ବିଦ୍ୟାଧର ହାଇସ୍କୁଲ, ମୂଳବାର ଓ ପଞ୍ଚାୟତ ହାଇସ୍କଲ, ଚଢ଼େଇଗାଁର ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ସେହିପରି ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦିବସର ଉଦ୍ଦେଶ୍ୟ ଥିଲା ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାରର ସାପ, ବିଷଧର ଓ ବିଷହୀନ ସର୍ପ, ସର୍ପଦଂଶନ ପ୍ରାଥମିକ ଚିକିତ୍ସା ବିଷୟରେ ଶିକ୍ଷିତ କରିବା। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ବିଷହୀନ ଓ ବିଷାକ୍ତ ସାପମାନଙ୍କ ପରିଚୟ, ସେମାନଙ୍କର ଖାଦ୍ୟ, ପରିବେଶ, ସର୍ପ ଦଂଶନର ତତକ୍ଷଣାତ ଚିକିତ୍ସା ଉପରେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ କିଛି ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ କ୍ଲବ, ଇକୋ କ୍ଲବ ଓ ଜୁନିୟର ରେଡକ୍ରସର ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା', ପୁଅଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ବଧୂହତ୍ୟା ମାମଲାର ରାୟ ପ୍ରକାଶ**

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସୋହେଲା ଥାନା ଝର ଗ୍ରାମରେ ୨୦୧୯ରେ ସଂଘଟିତ ବଧୂହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାର ଶୁଣାଣି କରି ପଦ୍ମପୁର ଅତିରିକ୍ତ ଦୌରାଜଜ୍ ମୃତବଧୂ ସୁଶିଲା ଓରଫ ପ୍ରିୟଙ୍କା ଭୁଏଙ୍କ ସ୍ୱାମୀ ସୁରେଶ ଭୁଏ ଏବଂ ଶାଶୁ ସୁକାନ୍ତୀ ଭୁଏଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ କାରାଦଣ୍ଡ ଅବଧି ୩ ମାସ ବୃଦ୍ଧି ପାଇବ ବୋଲି ବିଚାରପତିଙ୍କ ଆଦେଶ ରହିଛି। ସୂଚନା ଅନୁଯାୟୀ, ୨୦୧୯ ମାର୍ଚ୍ଚ ୧୦ତାରିଖରେ ଝର ଗ୍ରାମର ସୁରେଶ ଭୁଏଙ୍କ ସହିତ ସୋହେଲା ଥାନା ବାଉଶେନମୁରା ଗ୍ରାମର ସୁଶିଲା ଓରଫ ପ୍ରିୟଙ୍କା ଭୁଏଙ୍କ ବିବାହ ହୋଇଥିଲା। ତେବେ ବିବାହ ପରେ ସୁଶିଲାଙ୍କ ଉପରେ ସ୍ୱାମୀ, ଶାଶୁ ଯୌତୁକ ଦାବିରେ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଥିଲା। ୨୦୧୯ ଅଗଷ୍ଟ ୧୬ତାରିଖ ସୁଶିଲାଙ୍କୁ ନିର୍ଯାତନା ଦିଆଯାଇଥିଲା ଏବଂ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ସୋହେଲା ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଜଳାପୋଡ଼ା ଆଘାତରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଯୋଗୁ ସୁଶିଲାଙ୍କୁ ଭୀମସାର, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ସୁଶିଲାଙ୍କ ଜଣେ ସମ୍ପର୍କୀୟ କୈଳାଶ ଭୁଏ ସୋହେଲା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(୧୩୨/୨୫) ରୁଜୁ କରିଥିଲା। ଏହି ମାମଲା ପଦ୍ମପୁର କୋର୍ଟରେ ବିଚାରାଧୀନ ଥିଲା ଏବଂ ସୋମବାର ମାମଲାର ଶୁଣାଣି ହୋଇଥିଲା।

## ସୌମ୍ୟାଶ୍ରୀଙ୍କୁ ବିଜୁ ଛାତ୍ର ଜନତାର ଶ୍ରଦ୍ଧାଞ୍ଜଳି


ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଛାତ୍ରୀଛାତ୍ର ନାରାବାଜି କରୁଛନ୍ତି।

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବରଗଡ଼ ବିଜୁ ଛାତ୍ର ଜନତା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କ୍ରମରେ ବିଜୁ ଛାତ୍ର ଜନତା ନେତୃତ୍ୱରେ ଛାତ୍ରୀଛାତ୍ର ସ୍ଥାନୀୟ ପଞ୍ଚାୟତ କଲେଜ ପରିସରରେ ସମବେତ ହୋଇଛି ଦୀପଜାଳି ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୌମ୍ୟାଶ୍ରୀ ତାଙ୍କ ପ୍ରତି ହେଉଥିବା ନିର୍ଯାତନା ସମ୍ପର୍କରେ କଲେଜ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ନ୍ୟାୟ ନ ମିଳିବା ଏବଂ ଶେଷରେ ସେ ବାଧହୋଇ ଆତ୍ମାହୁତି ଦେବା ଦୁର୍ଭାଗ୍ୟଜନକ ବୋଲି ଛାତ୍ରୀଛାତ୍ର କହିଥିଲେ। ଏହା ସହିତ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସେମାନେ ନାରାବାଜି କରିଥିଲେ। ବିଜୁ ଛାତ୍ର ଜନତାର କରନ ସିକନ୍ଦରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ମର୍ଯ୍ୟାକୁଦ ଦୀପର ମହାନଦୀ କୁଳରେ ଥିବା ହାତୀପଲ।

## ମର୍ଯ୍ୟାକୁଦ ଦ୍ୱୀପକୁ ପଶିଲେ ହାତୀପଲ

**ବୌଦ୍ଧ,୧୬।୭(ଅଜିତ କୁମାର ବାରିକ)**

ଗତ ଶନିବାରଠାରୁ ମହାନଦୀର କୁଲାରିକଦଠାରେ ରହିଥିବା ଆଠଟିକିଆ ହାତୀପଲ ବୁଧବାର ମହାନଦୀ ପାର ହୋଇ ବୌଦ୍ଧ ସହରର ମର୍ଯ୍ୟାକୁଦ ଦ୍ୱୀପର ଦନୀ କୂଳ ଖଇର ଘାଟଠାରେ ରହିଥିବା ଦେଖିବାକୁ ମିଳିଛି। ହାତୀପଲ ଘାଟଠାରେ ବୁଦାରେ ରହିଥିବା ଜଣାପଡ଼ିଛି। ହାତୀପଲ ଥିବା ନେଇ ବୌଦ୍ଧ ବନଖଣ୍ଡ ପକ୍ଷରୁ ଏହାର ଗତିବିଧି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ହାତୀପଲକୁ ଘଉଡାଇବା ପାଇଁ ପଦକ୍ଷେପ ନିଆଯାଇଛି। ହାତୀପଲ ଯଦି ନଦୀ ପାର ହୋଇ ନ ଯାଆନ୍ତି ତେବେ ବୌଦ୍ଧ ସହରମୁହାଁ ହେବାର ସମ୍ଭାବନା ରହିଛି। ଏପେଟ ମର୍ଯ୍ୟାକୁଦରେ ହାତୀପଲ ଥିବା ଖବର ପାଇ ମର୍ଯ୍ୟାକୁଦବାସୀ ଆତଙ୍କିତ ରହିଛନ୍ତି। ତେବେ ହାତୀ ଯେପରି କୌଣସି କ୍ଷୟକ୍ଷତି ନ କରନ୍ତି ସେ ନେଇ ବୌଦ୍ଧ ବନଖଣ୍ଡ ପକ୍ଷରୁ ଏସିଏଫ ଅର୍ଚ୍ଚନା ଗମାଙ୍ଗ, ମୀନାକ୍ଷୀ କୁମୁରା, ବନପାଳ ପ୍ରସନ୍ନ ପ୍ରଧାନ, ଗାଡ ପ୍ରଦୀପ ସାହୁ, ଶିବାଶିଷ ପାଢୀ, ହାତୀ ସ୍କ୍ୱାଡ୍ ହାତୀ ଥିବା ନିକଟରେ ପହଞ୍ଚି ଗତିବିଧି ଉପରେ ପୂରା ନଜର ରଖିଛନ୍ତି। ହାତୀମାନେ କାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିପାରନ୍ତି ସେ ନେଇ ସମସ୍ତ ଏଲ୍‌ଆଇ ପଏଣ୍ଟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି । ହାତୀପଲରେ ୨ଟି ଛୁଆ ହାତୀ, ଗୋଟିଏ ଦନ୍ତା ଓ ୪ ଗୋଟି ମାଈ ହାତୀ ଥିବା ଜଣାପଡ଼ିଛି । ହାତୀ ଅନୁଗୋଳ ଜିଲା ଆଠମଲିକ ପଟୁ ଭରା ମହାନଦୀ ପାର ହୋଇ ଗତ ଶନିବାରଠାରୁ ଆସି କୁଲାରକୁଦଠାରେ ରହିଥିଲେ।

## ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ସଶ୍ରମ କାରାଦଣ୍ଡ

**ରାଧାକୃଷ୍ଣ ମୂର୍ତ୍ତି ଚୋରି ମାମଲା**

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ବିର୍ଜୁପାଲି ରାଧାକୃଷ୍ଣ ମନ୍ଦିରରୁ ରାଧାକୃଷ୍ଣ ମୂର୍ତ୍ତି ଚୋରି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବରଗଡ଼ ଏସ୍‌ଡିଜେଏମ୍ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବଲ୍ଲଭ ଭୁଏଙ୍କୁ ଅଢ଼େଇ ବର୍ଷ(୨ବର୍ଷ ୬ମାସ) ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୮ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ କାରାଦଣ୍ଡ ଅବଧି ୩ମାସ ବୃଦ୍ଧି ପାଇବ ବୋଲି ଆଦେଶ ରହିଛି। ସୂଚନା ଅନୁଯାୟୀ, ୨୦୨୨ ମାର୍ଚ୍ଚ ମାସରେ ବିର୍ଜୁପାଲି ରାଧାକୃଷ୍ଣ ମନ୍ଦିରରେ ରହିଥିବା ରାଧାକୃଷ୍ଣ ମୂର୍ତ୍ତି ଚୋରି ହୋଇଥିଲା। ଏ ନେଇ ମନ୍ଦିର ପୂଜକ ଗୁରୁଚରଣ ପାଢ଼ୀ ଅମ୍ବାଭୋନା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ-୪୯/୨୨) ରୁଜୁ କରିବା ସହିତ ଅଭିଯୁକ୍ତ ବଲ୍ଲଭଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ଚୋରି ମୂର୍ତ୍ତି ଉଦ୍ଧାର କରିଥିଲା। ଏହି ମାମଲା ବରଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ଥିଲା ଏବଂ ସୋମବାର ଏହାର ଶୁଣାଣି ହୋଇଥିଲା।

## ଜେଲରୁ ମୁକୁଳିଲେ ଭଟିଗାଁ ସରପଞ୍ଚ


ପୂର୍ବତନ ମନ୍ତ୍ରୀ ରିତା ସାହୁଙ୍କ ସହ ବିଜେଡି କର୍ମୀ ସରପଞ୍ଚଙ୍କୁ ସ୍ୱାଗତ କରୁଛନ୍ତି।

**ବରପାଲି,୧୬।୭(ଚିତ୍ତରଞ୍ଜନ ସାହୁ)**

ୱାର୍ଡ ମେମ୍ବରଙ୍କୁ ଆକ୍ରମଣ ଘଟଣାରେ ଜେଲ ଯାଇଥିବା ବରପାଲି ବ୍ଲକ ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁ ମଙ୍ଗଳବାର ଜେଲରୁ ମୁକୁଳିଛନ୍ତି। ଜେଲରୁ ବାହାରିବା ପରେ ତାଙ୍କ ସମର୍ଥକମାନଙ୍କ ସହ ବରଗଡ଼ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରିବା ପରେ ବରପାଲି ଫେରିଥିଲେ। ବରପାଲିରେ ପୂର୍ବତନ ମନ୍ତ୍ରୀ ରୀତା ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଥମେ ସେ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ଏନ୍‌ଏସି ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ତାଙ୍କ ଗ୍ରାମ ଭଟିଗାଁରେ ପହଞ୍ଚିବା ପରେ ତାଙ୍କ ସମର୍ଥକମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସରପଞ୍ଚ ଓ ଜଣେ ୱାର୍ଡ ମେମ୍ବରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଉଭୟ ପକ୍ଷରୁ ବରପାଲି ଥାନାରେ ଏତଲା ହୋଇଥିଲା। ଏହି ଘଟଣାରେ ସରପଞ୍ଚ ଗତ ୧୨ ତାରିଖରେ ଜେଲ ଯାଇଥିଲେ। ହେଲେ ଏହି ଘଟଣାରେ ସେ ଆଦୌ ସଂଶ୍ଳିଷ୍ଟ ନ ଥିଲେ ତାଙ୍କ ଲୋକ ସମ୍ପର୍କ ଓ ଲୋକ ପ୍ରିୟତାକୁ ସହ୍ୟ କରି ନ ପାରି ବିରୋଧୀ ଦଳ ଆକ୍ରୋଶ ମୂଳକ ଭାବରେ ଏତଲା ଦେଇଛନ୍ତି ବୋଲି ସରପଞ୍ଚ ସାହୁ ପ୍ରକାଶ କରିଛନ୍ତି।

## ରେଲୱେ ଓଭର ବ୍ରିଜ୍ ନିର୍ମାଣ ଦାବି

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅତାବିରା-ପାହାଡ଼ଶ୍ରୀଗିଡା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ରହିଥିବା ରେଲୱେ ଗେଟ (ନଂ-ଜେଟି ୩୬)ରେ ରେଲୱେ ଓଭର ବ୍ରିଜ ନିର୍ମାଣ କରିବା ପାଇଁ ଦାବି ହୋଇଛି। ଏହି ଦାବି ନେଇ ମଙ୍ଗଳବାର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତାବିରା ଅଞ୍ଚଳର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ


ରେଲୱେ ବ୍ରିଜ୍ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି।

ମିଳନ ସେଟ, କୁଶ କୁମ୍ଭାର, ନିରୋଜ ବାରିକ, ପିଣ୍ଟୁ ମେହେର, ଜନକ ରାମ ଦାଶ ପ୍ରମୁଖ ଥିଲେ। ଏହା ପୂର୍ବରୁ ଅଞ୍ଚଳବାସୀଙ୍କ ଦାବି ଅନୁସାରେ ବରଗଡ଼ ଲୋକସଭା ଏମ୍ପି ପ୍ରଦୀପ ପୁରୋହିତ ଦେଇଥିବା ପ୍ରସ୍ତାବ ପତ୍ରକୁ ମଧ୍ୟ ସମ୍ବଲପୁର ଡିଆରଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଏହି ରାସ୍ତା ବ୍ୟସ୍ତବହୁଳ ଅଟେ। ସ୍ଥାନୀୟ ଛାତ୍ରୀଛାତ୍ର, ଚାଷୀ, ସରକାରୀ କର୍ମଚାରୀ ତଥା ଜନସାଧାରଣ ନିୟମିତ ଏହି ରାସ୍ତାରେ ଯାତାୟତ କରିଥାନ୍ତି। ତେବେ ରାସ୍ତାରେ ରେଲୱେ ବ୍ରିଜ ନଥିବାରୁ ଏଠାରେ ଅଞ୍ଚଳବାସୀଙ୍କ ଜୀବନ ବିପଦପୂର୍ଣ୍ଣ ଥିବାବେଳେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

## କନ୍ଧମାଳ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ

**କନ୍ଧମାଳ,୧୬।୭(ଆଦିତେଶ୍ୱର ମିଶ୍ର)**

**ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି**

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଛାତ୍ରୀ ଓ ତାଙ୍କ ପରିବାରକୁ ନ୍ୟାୟ ଦାବି ନେଇ ବୁଧବାର ସ୍ଥାନୀୟ ଛାତ୍ର ବିଜେଡି ପକ୍ଷରୁ କନ୍ଧମାଳ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି । କନ୍ଧମାଳ ଛାତ୍ର ବିଜେଡି ସଭାପତି ଉଦିତ ପ୍ରତାପ ଭୋଇ ଓ ସଭ୍ୟ ଘନଶ୍ୟାମ ଦନ୍ତାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ କନ୍ଧମାଳ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଛାତ୍ରୀଛାତ୍ର ଭାଜପା ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ବୋଲି ନାରାବାଜି ଦେଇଥିଲେ। ବିକ୍ଷୋଭରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


କନ୍ଧମାଳ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଯୁବ କଂଗ୍ରେସର ବିକ୍ଷୋଭ

**ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ତାତି**

**ବରଗଡ଼,୧୬।୭(ପ୍ରେମାନନ୍ଦ ଖମାରୀ)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣା ହଇଚଇ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସାରାରାଜ୍ୟ ଉଠୁଛି ଓ ପଡୁଛି। ତେବେ ଏଥିରୁ ବରଗଡ଼ ବାଦ୍ ପଡ଼ି ନାହିଁ। ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ସହିତ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ବିଜେଡି ଏବଂ ଛାତ୍ର କଂଗ୍ରେସ ସ୍ଥାନୀୟ ଗାନ୍ଧିଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ବୁଧବାର ଯୁବ କଂଗ୍ରେସ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏହା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ


ଯୁବ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ।

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଦାୟିତ୍ୱହୀନତା ଯୋଗୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଇସ୍ତଫା, ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ସୌମ୍ୟାଶ୍ରୀ ମୃତ୍ୟୁ ମାମଲାର ନ୍ୟାୟିକ ତଦନ୍ତ, ଉକ୍ତ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ସୁରକ୍ଷା, ଅଭିଯୋଗ ସମାଧାନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବା ଆଦି ଦାବି କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଏକ ବିଶାଳ ରାଲିରେ ସହର ପରିକ୍ରମା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। ଯିବା ବାଟରେ ସେମାନେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ତେବେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚିବା ପୂର୍ବରୁ ପୋଲିସ କାର୍ଯ୍ୟାଳୟର ମୁଖ୍ୟ ଫାଟକ ବନ୍ଦ କରି ଦେଇଥିଲା। ଯୁବ କଂଗ୍ରେସ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ ଏବଂ ଏହି ସମୟରେ ପୋଲିସ ସହିତ ଧସ୍ତାଧସ୍ତି ପରିଲକ୍ଷିତ ହୋଇଥିଲେ। ସେହିପରି ଯୁବ କଂଗ୍ରେସ କର୍ମୀମାନେ ମୃତଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଏବଂ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦାବିରେ ରାଜ୍ୟ ସରକାର ବିରୋଧରେ ନାରାବାଜି ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ଆଚାର୍ଯ୍ୟଙ୍କ ସମେତ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦ୍, କଂଗ୍ରେସ ନେତା ନିପନ କୁମାର ଦାଶ, ରଜତ ପାତ୍ର, ରାଜ୍ୟ ଯୁବ କଂଗ୍ରେସ କୋଅର୍ଡ଼ିନେଟର ପପୁ କୁମ୍ଭାର, ମନୋରଞ୍ଜନ ମେହେର, ସଞ୍ଜୟ ସାଇନି, ସନ୍ତୋଷ ସାହୁ, ନିଳିମା ଅଗ୍ରୱାଲ, ରିଙ୍କୁ ଦୋରା, ନୀତିନ ଦାଶ ପ୍ରମୁଖ ଉକ୍ତ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଉଦିତନଗରରେ ଗଛ କାଟିବାକୁ ନେଇ ଓକିଲ ସଂଘର ଉଦ୍‌ବେଗ

**ରାଉରକେଲା, ୧୬।୭(ସଙ୍ଗୀତା ଜେନା):** ରାଉରକେଲା ଉଦିତନଗର ଅଞ୍ଚଳରେ ଏକ ପୁରୁଣା ସରକାରୀ କ୍ୱାର୍ଟର୍ସରେ ଥିବା ବିଶାଳବୃକ୍ଷ କାଟିବାକୁ ନେଇ ବୁଧବାର ପୂର୍ବାହ୍ନରେ ଓକିଲ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଉକ୍ତ ବୃକ୍ଷରେ ବହୁ ସଂଖ୍ୟାରେ ପକ୍ଷୀ ନୀଡ଼ ବାନ୍ଧି ରହୁଥିଲେ। ଏହା କଟାଯିବା ଫଳରେ ବହୁ ସଂଖ୍ୟାରେ ନୀଡ ଭାଙ୍ଗିବା ସହ ବହୁପକ୍ଷୀ, ଅଣ୍ଡା ଓ ପକ୍ଷୀ ଛୁଆ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ଓକିଲ ସଂଘ ସଭାପତି ସଦାନନ୍ଦ ସାହୁଙ୍କ କହିବା ଅନୁସାରେ, ଉଦିତନଗର ଉପଜିଲାପାଳ ବାସଭବନ ନିକଟରେ ଏହା ଏକ ପରିତ୍ୟକ୍ତ ସରକାରୀ କ୍ୱାର୍ଟର୍ସ।ପୂର୍ବରୁ ଏହା ନିୟନ୍ତ୍ରିତ ବଜାର କମିଟିର କାର୍ଯ୍ୟାଳୟ ଥିଲା। ସମ୍ପ୍ରତି ସେଠାରେ ରାଜସ୍ୱ ବିଭାଗର ଏକ ପ୍ରକଳ୍ପ କରାଯାଉଛି। ଏଥିରେ ପ୍ରାୟ ୫୦ବର୍ଷରୁ ଉର୍ଦ୍ଧ୍ୱ ଏକ ବୃକ୍ଷକୁ ଠିକାଦାରଙ୍କ ଦ୍ୱାରା କଟାଯାଇଛି। ଫଳରେ ବହୁ ସଂଖ୍ୟାରେ ପକ୍ଷୀ ବିପଦରେ ଅଛନ୍ତି। ଅନେକପକ୍ଷୀ ଓ ଶାବକ ମୃତ୍ୟୁମୁଖରେ ପଡ଼ିଛନ୍ତି। ଏହାକୁ ଘୋର ନିନ୍ଦା କରାଯାଇଛି। ପ୍ରକଳ୍ପକୁ ମନା ନାହିଁ। କିନ୍ତୁ ବୃକ୍ଷ କାଟିବା ବିନା ମଧ୍ୟ ଏହା ହୋଇପାରିଥାନ୍ତା।ଏସମ୍ପର୍କରେ ବନବିଭାଗ ଏବଂ ଉଚ୍ଚପଦାଧିକାରୀଙ୍କୁ ଜଣାଯାଇଛି।

# ଲୋକଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ

### ଲଗାଣ ବର୍ଷାର ସଫଳ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ


ଲଗାଣବର୍ଷା ଜନିତ ସମସ୍ୟାର ମୁକାବିଲା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

**ରାଉରକେଲା,୧୬।୭(ବିପ୍ଳବ ରଞ୍ଜନ ଦାଶ)**

ଗତ କିଛି ଦିନ ହେବ ସୁନ୍ଦରଗଡ଼ ଜିଲାରେ ଲଘୁଚାପଜନିତ ଲଗାଣ ବର୍ଷାର ପ୍ରକୋପ ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁ ରାଉରକେଲା ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ଲଗାଣବର୍ଷାର ଠିକ୍ ମୁକାବିଲା ପାଇଁ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଅଧିକ ବର୍ଷାର ଆଶଙ୍କା ଥିବାରୁ ସବୁ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ସୋସିଆଲ ମିଡିଆରେ ବ୍ୟାପୁଥିବା ଗୁଜବଗୁଡ଼ିକୁ ବିଶ୍ୱାସ ନ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏଥିରେ ସେ ମୁଖ୍ୟତଃ ସହରରେ ଥିବା ଡ୍ରେନ୍‌ଗୁଡ଼ିକ ଉପରେ ନଜର ରଖିବା ସହ ମୁକୁଳା ଡ୍ରେନ୍ ଉପରେ ଢାଙ୍କୁଣୀ ପକାଇବା, ବର୍ଷା ପରେ ଡ୍ରେନ୍‌ଗୁଡ଼ିକୁ ସଫା କରିବା, ସ୍ଥାନେ ସ୍ଥାନେ ଜାଲି ଲଗାଇ ପ୍ଲାଷ୍ଟିକ୍ ତଥା ପଲିଥିନ ଭଳି ସାମଗ୍ରୀକୁ ଡ୍ରେନକୁ ନ ଛାଡ଼ିବା, ଖୋଲା ସ୍ଥାନରେ ବର୍ଜ୍ୟବସ୍ତୁ ପକାଇବାକୁ ରୋକିବା ଆଦି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳବନ୍ଦୀ ଅଞ୍ଚଳରୁ ତ୍ୱରିତ ଜଳ ନିଷ୍କାସନ ଉପରେ ସେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଉରକେଲା ସହରାଞ୍ଚଳର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକୁ ସମାନ ଭାବେ ଗୁରୁତ୍ୱ ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ବର୍ଷା ଦିନରେ ଡେଙ୍ଗୁ, ଡାଇରିଆ ଭଳି ରୋଗ ସଂକ୍ରମଣର ଯଥେଷ୍ଟ ଆଶଙ୍କା ରହିଥିବାରୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ବିଭାଗକୁ ପରାମର୍ଶ ଦେଇଥିଲେ। ଏଥିସହ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରିବା ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଉପରେ ଗୁରୁତ୍ୱ ଦେଇଥିଲେ। ବର୍ଷାର ପ୍ରକୋପ କମିବା ପରେ ଖରାପ ରାସ୍ତାଗୁଡିକର ମରାମତି କରିବାକୁ ସେ କହିବା ସହ ବନ୍ଧମୁଣ୍ଡା ରାସ୍ତାର ତ୍ୱରିତ ମରାମତି ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଲୋକଙ୍କ ସୁବିଧାକୁ ଧ୍ୟାନରେ ରଖି ସହରର ସ୍ଥାନେ ସ୍ଥାନେ ଯେଉଁଠି ରାସ୍ତା ଖରାପ ଅଛି, ବର୍ଷା ଛାଡ଼ିବା ପରେ ତାହାର ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସେ ପରାମର୍ଶ ଦେଇଥିଲେ। ବର୍ଷା ଯୋଗୁ ପ୍ରଭାବିତ ବିପନ୍ନଙ୍କୁ ଠିକ୍ ସମୟରେ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବର୍ଷା ଦିନେ ସାଧାରଣ ଜୀବନଯାତ୍ରା ଯେଭଳି ପ୍ରଭାବିତ ନ ହୁଏ ଏବଂ ଲୋକଙ୍କ ସମସ୍ୟାର ସମୟୋଚିତ ସମାଧାନ ପାଇଁ ସମସ୍ତ ବିଭାଗକୁ ପ୍ରସ୍ତୁତ ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, ଉପପୌରାୟୁକ୍ତ ତରୁଣ କାନ୍ତ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସହ ଅନ୍ୟ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ



ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାଉରକେଲା, ୧୬।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ରାଉରକେଲା ସାହିତ୍ୟ ସଂସଦ' ଓ ବିର୍ସା ମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସେ କହିଥିଲେ, କୋମଳମତି ଶିଶୁମାନଙ୍କ ମଧ୍ୟରେ ଆମ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାରେ ରାଉରକେଲା ସାହିତ୍ୟ ସଂସଦର ଭୂମିକା ଉଚ୍ଚ ପ୍ରଶଂସନୀୟ। ମୁଖ୍ୟବକ୍ତା ଭାବେ ରାଉରକେଲା ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ ଯୋଗଦାନ କରି କହିଲେ, ଆମ ସାହିତ୍ୟ, ଆମ ସଂସ୍କୃତି ହେଉଛି ଆମ ଅସ୍ମିତା। ଜୀବନରେ ୬ଟି ଭ (ଭାଷା, ଭୁଷା, ଭବନ, ଭୋଜନ, ଭଜନ, ଭ୍ରମଣ)କୁ ଆମେ ସୁଚାରୁରୂପେ କାମରେ ଲଗାଇ ପାରିଲେ ଆମେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ସହ ସୁନାମ ଅର୍ଜନ କରିପାରିବା। ରାଉରକେଲା ସାହିତ୍ୟ ସଂସଦର ଆବାହକ କବି ସୁଶାନ୍ତ କୁମାର ନାୟକ ଏବଂ ଶିକ୍ଷକ ହେମନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପିଲାମାନଙ୍କ ମଧ୍ୟରେ ଆମ ପର୍ବ ପର୍ବାଣୀକୁ ନେଇ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ୫ ଜଣ ଛାତ୍ରୀଛାତ୍ରଙ୍କୁ ଆଗାମୀ ଅଗଷ୍ଟରେ ପୁରସ୍କୃତ କରାଯିବ। ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସୁଷମା ପଣ୍ଡା, ଉର୍ମିଳା ଲାକ୍ରା, ଶିଲା ମିଞ୍ଜ, ଜାହ୍ନବୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ନବ ନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୧୬।୭(ବିପ୍ଳବ ରଞ୍ଜନ ଦାଶ)**

ସ୍ମାର୍ଟ ସିଟି ରାଉରକେଲାର ଥିବା ବେଦବ୍ୟାସ ଟ୍ରକ ଓନର୍ସ ଆସୋସିଏସନ, ରାଉରକେଲା ଟ୍ରକ୍ ଓନର୍ସ ଆସୋସିଏସନ, ରାଉରକେଲା ଟ୍ରେଲର ଓନର୍ସ ଆସୋସିଏସନ ଏବଂ ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଏଣ୍ଡ୍ ଟିପ୍ପର ଓନର୍ସ ଆସୋସିଏସନ ପକ୍ଷରୁ ବୁଧବାର ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଭବନ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ନବ ନିର୍ବାଚିତ ସଭାପତି ମଳୟ ମଣ୍ଡଳ, ସାଧାରଣ ସମ୍ପାଦକ ଶୁଭମ୍ କାପୁର, ସଚିବ (ଅର୍ଥ) ମନୀଷ ମୋଦି, ଗୁରିନ୍ଦର ସିଂହ, ନିମୁ ଜୈନ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବେଦବ୍ୟାସ ଟ୍ରକ୍ ଓନର୍ସ ଆସୋସିଏଶନର ସଭାପତି ବିଜୟ ପ୍ରଧାନ, ଉପସଭାପତି ଜୟବାହାଦୁର ସିଂହ, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବେଉରିଆ, ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଆଣ୍ଡ୍ ଟିପ୍ପର ଓନର୍ସ ଆସୋସିଏଶନ ସଭାପତି ଦିଲ୍ଲୀପ ମାହାନ୍ତି, ସୁମନ କୁମାର, ରାଉରକେଲା ଟ୍ରକ୍ ଓନର୍ସ ଆସୋସିଏସନ ସଭାପତି ପଙ୍କଜସିଂହ, ସାଧାରଣ ସମ୍ପାଦକ ଜଗଦିଶ ଜୟସ୍ୱାଲ, ରାଉରକେଲା ଟ୍ରେଲର ଓନର୍ସ ଆସୋସିଏସନ ଉପସଭାପତି ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ରଣଜିତ ସାହୁ ପ୍ରମୁଖ ଚାମ୍ବରର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ପାଇଁ ଚାମ୍ବରର ନବନିର୍ବାଚିତ କମିଟିକୁ କହିଥିଲେ।


ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ନବ ନିର୍ବାଚିତ କର୍ମକର୍ତ୍ତା।



ସିଲେଇ ତାଲିମ ନେଇଥିବା ପାର୍ଶ୍ୱାଞ୍ଚଳ ଗ୍ରାମୀଣ ମହିଳା।

## ଆର୍‌ଏସ୍‌ପି ପକ୍ଷରୁ ୧୦ ମହିଳାଙ୍କୁ ହସ୍ତତନ୍ତ ସିଲେଇ ତାଲିମ

**ରାଉରକେଲା,୧୬।୭(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ସିଏସ୍‌ଆର୍ ବିଭାଗ ଦ୍ୱାରା ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆୟୋଜିତ ବୃତିଗତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅଧିନସ୍ଥ ୬୦ଦିନିଆ ହସ୍ତତନ୍ତ ସିଲେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାର୍ଶ୍ୱାଞ୍ଚଳ ଝିରପାଣି ପୁନଃନିର୍ବାସ କଲୋନୀ, ପୁରୁଣାପାଣି, ବାଣିଗୁନି ଏବଂ ନିକଟବର୍ତ୍ତୀ ବସ୍ତିର ୧୦ଜଣ ମହିଳା ସଫଳତାର ସହିତ ତାଲିମ ସମ୍ପୂର୍ଣ୍ଣ କରିଛନ୍ତି। ଜୀବିକା ତାଲିମ ଏବଂ ଦକ୍ଷତା ବୃଦ୍ଧି ମାଧ୍ୟମରେ ଅବହେଳିତ ବର୍ଗର ମହିଳାଙ୍କୁ ସଶକ୍ତ ଗଢିବା ଏହି ଅନନ୍ୟ ସିଏସ୍‌ଆର ପଦକ୍ଷେପର ଲକ୍ଷ୍ୟ ରହିଛି। ଏହାର ଉଦ୍‌ଯାପନୀ ଅଧିବେଶନରେ ଦୀପିକା ମହିଳା ସଂଘତିର ଅଧକ୍ଷା ନମ୍ରତା ବର୍ମା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସହରସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଟି.ଜି. କାନେକର ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନେଇ ଅତିଥିମାନେ ମହିଳା ପ୍ରଶିକ୍ଷାର୍ଥି ମାନଙ୍କୁ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏନେଇ ସିଏସ୍‌ଆର୍ ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ ମିତ୍ର, ଜିଏମ୍ ବିଭାବସୁ ମଲ୍ଲିକ,ଏଜିଏମ ଟି.ବି ଟପ୍ପୋ, ଦୀପିକା ମହିଳା ସଂଘତିର ସମ୍ପାଦିକା ସାରିକା କୁମାର ଏବଂ ଆର୍‌ଏସ୍‌ପି ତଥା ସମ୍ପୃକ୍ତ ସଂସ୍ଥାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବର୍ମା ପାର୍ଶ୍ୱବର୍ତ୍ତୀ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ନିଆଯାଇଥିବା ସିଏସ୍‌ଆର ପ୍ରୟାସର ପ୍ରଶଂସା କରିଥିଲେ। ସ୍ଥାୟୀ ଜୀବିକା ନିର୍ବାହ ସୁଯୋଗ ସୃଷ୍ଟି କରିବା ପାଇଁ ସେମାନେ ହାସଲ କରିଥିବା ଦକ୍ଷତାର ସର୍ବଶ୍ରେଷ୍ଠ ଉପଯୋଗ କରିବାକୁ ସେ ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହିଳା ହିତାଧିକାରୀମାନେ ସେମାନଙ୍କ ଅଭିଜ୍ଞତା ସହଭାଗ କରିଥିଲେ। ମୁନମୁନ ମିତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଟି.ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସ୍‌ଆର ବିଭାଗର ସେକ୍ସନ ଅଫିସର ବି.ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁରସ୍କାର ବିଜେତା ମାଷ୍ଟର ଟ୍ରେନର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏବଂ ଶ୍ରଦ୍ଧାଞ୍ଜଳୀ ମହାନ୍ତିଙ୍କ ସହାୟତାରେ ଏହି ୬୦ ଦିନିଆ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଏବେ ମହିଳାମାନେ ରୁମାଲ, କୁଶନ କଭର, ବେଡସ୍ପ୍ରେଡ, କନ୍ଥା ସିଲେଇ କରିବା, ଶାଢୀ ବର୍ଡର ଏବଂ ଟ୍ରେଣ୍ଡିଙ୍ଗ ଟୋଟ ବ୍ୟାଗ ଭଳି ବିଭିନ୍ନ ଜିନିଷ ତିଆରି କରିବା ଶିକ୍ଷାଲାଭ କରିଛନ୍ତି। ପ୍ରାୟ ୨.୦୪ଲକ୍ଷ ଟଙ୍କାରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ଗୁଣବତ୍ତା ନିୟନ୍ତ୍ରଣ, ମୂଲ୍ୟ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗୀକରଣ ବିଷୟରେ ମଧ୍ୟ ତାଲିମ ଦିଆଯାଉଛି। ଉଦ୍ୟୋଗୀ ଦକ୍ଷତାକୁ ପ୍ରୋତ୍ସାହିତ କରି,ଏହି ପଦକ୍ଷେପ ମହିଳାମାନଙ୍କୁ କେବଳ ଏକ ପରିପୂରକ ଆୟ ପାଇଁ ପ୍ରସ୍ତୁତ କରିଛି ତା' ନୁହେଁ ବରଂ ସ୍ୱାଧୀନ ଭାବେ ନିଜସ୍ୱ ବ୍ୟବସାୟ କିମ୍ବା ଭବିଷ୍ୟତର ପ୍ରଶିକ୍ଷକ ହେବା ପାଇଁ ମଧ୍ୟ ପ୍ରସ୍ତୁତ କରିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ କାରିଗର ପ୍ରମାଣପତ୍ର ପାଇବା ପାଇଁ ସୁଯୋଗ ସୃଷ୍ଟି କରିଛି। ଏହାଦ୍ୱାରା ସେମାନଙ୍କର ଦୀର୍ଘସ୍ଥାୟୀ ଆୟର ସୁଯୋଗ ଏବଂ ସାମାଜିକ ସ୍ଥିତି ବୃଦ୍ଧି ପାଇଛି।

## ରାଉରକେଲା ଏସ୍‌ପିଙ୍କୁ ଜାତୀୟ ମାନବାଧିକାର କମିଶନଙ୍କ ଚିଠି

### ଯୁବକଙ୍କୁ ମିଥ୍ୟା କେସ୍‌ରେ ଫସାଇ ଗିରଫ ଓ ଥାନାରେ ମାଡ଼ ଅଭିଯୋଗ ଘଟଣା

**ରାଉରକେଲା, ୧୬।୭(ସଙ୍ଗୀତା ଜେନା)**

ରାଉରକେଲା ସେକ୍ଟର-୭ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଏକ ମିଥ୍ୟା ମାମଲାରେ ଫସାଇ ଗିରଫ କରିବା ସହ ହାଜତରେ ମାଡ଼ ମାରିବା ପରେ କୋର୍ଟ ଚାଲାଣ କରିଥିଲା। ଏ ନେଇ ପୀଡ଼ିତ ଯୁବକଙ୍କ ଭଉଣୀ ନ୍ୟାୟ ପାଇଁ ଓଡ଼ିଶା ଓ ଜାତୀୟ ମାନବାଧିକାର କମିଶନଙ୍କ ସମେତ ଅନୁସୂଚିତ ଜନଜାତି କମିଶନ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ବୁଧବାର ଦିଲ୍ଲୀସ୍ଥିତ ଜାତୀୟ ମାନବାଧିକାର କମିଶନ ଏ ବିଷୟରେ ଅବଗତ ହୋଇ ରାଉରକେଲା ଏସ୍‌ପିଙ୍କୁ ସମ୍ପୂର୍ଣ୍ଣ ରିପୋର୍ଟ ମାଗିବା ସହ ମାମଲା ଶୁଣାଣୀ ଦିନ ପୀଡ଼ିତ ପରିବାର ସମେତ ମାମଲାରେ ଆଇନଗତ ସହଯୋଗ ଦେଉଥିବା ଓକିଲଙ୍କ ସାକ୍ଷ୍ୟ ପାଇଁ ସମସ୍ତଙ୍କୁ ନେଇ ଉପସ୍ଥିତ ରହିବା ପାଇଁ ଚିଠି ଲେଖିଛନ୍ତି। ଆଇନଜୀବୀ ତଥା ସାମାଜିକ କର୍ମୀ ରାଜେଶ କାନନଙ୍କ ସହଯୋଗରେ ଆଇନଗତ ସହଯୋଗ କରାଯିବା ସହ କମିଶନଗୁଡ଼ିକୁ ଚିଠି ଲେଖାଯାଇଛି। ଅଭିଯୋଗକାରିଣୀ ରଶ୍ମି ବିଭାର ଦେଇଥିବା ଏତଲା ଅନୁଯାୟୀ, ସେ ତାଙ୍କ ସ୍ୱାମୀ, ସନ୍ତାନ ତଥା ମାଆ ଓ ସାନଭାଇଙ୍କ ସହ ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୭ ଲକ୍ଷ୍ମୀ ମାର୍କେଟ ପଛପାର୍ଶ୍ୱରେ ରହୁଥିଲେ। ଗତ ଡିସେମ୍ବର ୩୦ରେ ସେକ୍ଟର-୭ ଥାନା ପୋଲିସ ତାଙ୍କ ସାନଭାଇ ବିଶାଳ ମୁନାଙ୍କୁ କୌଣସି ଏକ ପୁରୁଣା କେଶରେ ପଚରାଉଚୁରା କରିବା ପାଇଁ ଖୋଜିବାକୁ ଆସିଥିଲେ। ରଶ୍ମି ପୋଲିସକୁ ପଚାରିବାରୁ ପୋଲିସ ପୁରୁଣା ଏକ କେଶରେ ପଚରାଉଚୁରା କରିବା ବିଷୟରେ କହିଥିଲା। ହେଲେ ବିଶାଳ ସେହି ଦିନ ବଲାଙ୍ଗୀରରୁ ଫେରିଥିବା ରଶ୍ମି ପୋଲିସକୁ କହିଥିଲେ। ବିଶାଳଙ୍କୁ ଥାନାକୁ ନିଆଯାଇଥିଲା। ପରେ ସପରିବାର ଯାଇ ଥାନାରେ କେବେ ବିଶାଳଙ୍କୁ ଛଡାଯିବା ବିଷୟରେ ପଚାରିବାକୁ ପୋଲିସ ୩୧ ତାରିଖ ସକାଳେ ଛାଡି ଦେବା ପାଇଁ କହି ଥାନାରୁ ଫେରାଇଦେଇଥିଲା। ସେହି ସନ୍ଧ୍ୟାରେ ପୋଲିସ ବିଶାଳଙ୍କୁ ହାଜତରେ ନିସ୍ତୁକ ମାଡ଼ ମାରିଥିବା ରଶ୍ମି ଜାଣିପାରିଥିଲେ। ପରେ ବିଶାଳଙ୍କୁ ଏକ ଡକାୟତି ଯୋଜନା ମାମଲାରେ ଅଭିଯୁକ୍ତ କରି କୋର୍ଟ ଚାଲାଣ କରିଦିଆଯାଇଥିଲା। ଉକ୍ତ ମିଥ୍ୟା କେଶରେ ତାଙ୍କ ସାନଭାଇ ସମ୍ପୃକ୍ତ ନ ଥାଇ ଗିରଫ ଏବଂ ମାଡ଼ମରା ଘଟଣାର ପ୍ରତିବାଦ କରି ରଶ୍ମି ଗତ ଜାନୁଆରୀ ୧୫ରେ ରାଜ୍ୟ ଓ ଜାତୀୟ ମାନାବାଧିକାର କମିଶନ ଏବଂ ଏସ୍‌ଟି/ଏସ୍‌ସି କମିଶନର ଦ୍ୱାରସ୍ଥ ହୋଇଥିଲେ। ମାମଲା (ନଂ.୧୦୧୯/୧୮/୩୪/୨୦୨୫)ରେ ଭୁବନେଶ୍ୱର କେଶରୀ ନଗର ଠାରେ ଆସନ୍ତା ୨୧ ଏବଂ ୨୨ ତାରିଖ ମାନବାଧିକାର ଶୁଣାଣୀରେ ରାଜ୍ୟ ଗୃହବିଭାଗର ସ୍ୱତନ୍ତ୍ର ସଚିବ ତଥା ନୋଡାଲ ଅଫିସର ରାଧାକୃଷ୍ଣ ଶର୍ମାଙ୍କ ସମ୍ମୁଖରେ ପୀଡ଼ିତ/ଅଭିଯୋଗକାରୀଙ୍କ ପରିବାର ଆଦିଙ୍କୁ ସାକ୍ଷ୍ୟ ପାଇଁ ଏସ୍‌ପି ସମସ୍ତଙ୍କୁ ଆଣି ଉପସ୍ଥିତ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଗତ ୩୦ ଡିସେମ୍ବରରେ ହୋଇଥିବା ମାମଲା ଅନୁଯାୟୀ, ଛେଣ୍ଡ ପେଟ୍ରୋଲ ପମ୍ପ ପଛପାର୍ଶ୍ୱରେ କିଛି ଯୁବକ ଡକାୟତି ଯୋଜନା କରୁଥିବା ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଆଧାର କରି ୫ ଯୁବକଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଥିଲା।

## ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

**ରାଉରକେଲା, ୧୬।୭(ବିପ୍ଳବରଞ୍ଜନ ଦାଶ):** ମଙ୍ଗଳବାର ଆଭାସୀ ଯୋଗେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ୩୦ତମ ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡାଇରେକ୍ଟର) ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଉପସ୍ଥିତ ଥିଲେ। ଏହି ବୈଠକରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଅଧୀନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ଏକ ବିକଶିତ ଓ ଶ୍ରେଷ୍ଠ ରାଉରକେଲା ଗଠନ କିପରି କରାଯାଇ ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସହରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ବୈଠକରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଷ୍ଟର୍ମ୍ ୱାଟର ଡ୍ରେନେଜ୍ ସିଷ୍ଟମ, ନୂତନ ବସଷ୍ଟାଣ୍ଡ ଓ ଗିସ୍କୋ ପୋଖରୀର ପୁନଃରୁଦ୍ଧାର ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶ୍ରା ଛକଠାରେ ଥିବା ନୂତନ ବସଷ୍ଟାଣ୍ଡ ଓ ଗିସ୍କୋ ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ସ୍ମାର୍ଟ ସିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ଘଟଣା ନେଇ ରାଉରକେଲାରେ ପ୍ରତିବାଦ

## ଯୁବ କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ରାଉରକେଲା, ୧୬।୭(ସଙ୍ଗୀତା ଜେନା)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ ରାଉରକେଲାରେ ଯୁବକଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ରାଉରକେଲା ଜିଲା ଯୁବକଂଗ୍ରେସ ସଭାପତି ମୋତିଲାଲ ଦୀପ ଓ ଜିଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ଶିବୁ ଦୀପଙ୍କ ନେତୃତ୍ୱରେ ବୁଧବାର ପୂର୍ବାହ୍ନ ୧୧ଟା ୩୦ରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ସେମାନଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ରବି ରାୟ, ପୂର୍ବତନ ରାଜ୍ୟ ମହାସଚିବ ପ୍ରବୋଧ ଦାସ, ସବୀର ହୁସେନ୍, ରାଉରକେଲା ନିର୍ବାଚନ ମଣ୍ଡଳୀ ସଭାପତି ଗାନ୍ଧୀ ଦାସ, ପୂର୍ବତନ ଉପସଭାପତି ବାସୁଦେବ ବାନାର୍ଜୀ, ଇଜାଜ ଅଖତାର, ଦିବାକର ଦୀପ୍, ସନ୍ଦୀପନ ମହାପାତ୍ର, ପ୍ରସନ୍ନ ବଳିଆରସିଂହ, ବାବୁଲି ଢ଼ୋଲିଆ, ରଘୁନାଥପାଲୀ ନିର୍ବାଚନମଣ୍ଡଳୀ ସଭାପତି ଅନୁରାଗ ବିଶ୍ୱାଳ, ଆଶିଷ ମହାନ୍ତି, ପ୍ରଫୁଲ୍ଲ ପ୍ରଧାନ, ଧୁସା ନାୟକ, ରମେଶ ଗୁପ୍ତା, ଭୀମ ମହତୋ, ସର୍ବେଶ ସିଂହ, ବୁଲୁଦାସ, ସିଲୁ ବରାଳ, ଶ୍ୟାମ ସାଗର, ଧର୍ମା ନାୟକ, ବବଲୁ ଖାନ, ବାବୁଲାଲ ଦୀପ, ଦୟାନିଧି ନାଗଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଯୁବ କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଉଛି।

## ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ

**ରାଉରକେଲା,୧୬।୭(ସଙ୍ଗୀତା ଜେନା)**

ବାଲେଶ୍ୱର ଘଟଣା ନେଇ ସିପିଆଇଏମ୍ ପକ୍ଷରୁ ବୁଧବାର ପୂର୍ବାହ୍ନରେ ରାଉରକେଲାରେ ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାରେ ମହିଳାଙ୍କ ସୁରକ୍ଷାକୁ ରାଜ୍ୟ ସରକାର ସୁନିଶ୍ଚିତ କରିବା, ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ଉଚ୍ଚନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରିବା ପାଇଁ ରାଜ୍ୟ ସରକାର ସୁପାରିଶ କରିବାକୁ ସିପିଆଇଏମ୍ ପକ୍ଷରୁ ଦାବି କରିଛି। ଏହା ଏକ ଆତ୍ମହତ୍ୟା ନୁହେଁ, ଏକ ବ୍ୟବସ୍ଥାଗତ ହତ୍ୟାକାଣ୍ଡ ବୋଲି ସିପିଆଇଏମ୍ ପକ୍ଷରୁ ମତପ୍ରକାଶ ପାଇଛି। ଘଟଣା ପାଇଁ ଦାୟୀ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ଦିଆଯାଇଛି। ରାଉରକେଲା ଆଞ୍ଚଳିକ କମିଟି ଓ ରଘୁନାଥପାଲୀ ଆଞ୍ଚଳିକ ସାଙ୍ଗଠନିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବିପି ମହାପାତ୍ର, ବସନ୍ତ ନାୟକ, ରଘୁନାଥପାଲୀ ସାଙ୍ଗଠନିକ କମିଟି ଆବାହକ ହୃଦୟାନନ୍ଦ ଯାଦବ, ବିନୟ ବେହୁରିଆ, ରାଉରକେଲା ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ଚନ୍ଦ୍ରଭାନୁ ଦାସ, ଆଞ୍ଚଳିକ କମିଟି ନେତା ସୁରେନ୍ଦ୍ର ମହାନ୍ତି, ଏନ୍‌ଏନ୍ ପାଣିଗ୍ରାହୀ, ଦିବାକର ମହାରଣା, ଅରୁଣ ମହାରଣା, ଅଜିତ ଏକ୍କା, ଅନାଦି ସାହୁ, ସମିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୧୭ ତାରିଖ ଗୁରୁବାର ଓଡ଼ିଶାର ମିଳିତ ବିରୋଧୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ ସୁନ୍ଦରଗଡ଼ ଓ ରାଉରକେଲାର ଜନସାଧାରଣ ସମର୍ଥନ କରିବାକୁ ଆହ୍ୱାନ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଚିନ୍ ରାୟ, ଅକ୍ଷୟ ମହାନ୍ତ, କୁଳମଣି ରାଉତ, ବିଶ୍ୱନାଥ ଲେଙ୍କା, ପ୍ରମୋଦ ପରିଡ଼ା, ଜି କେ ନାୟକ, ପ୍ରଦୀପ ଗୌଡ, ଗୋବିନ୍ଦ ବାରିକ୍, ତଲତ ମେହେମୁଦ, ଏମ୍.ଏ ରବି ପ୍ରମୁଖ ନେତୃତ୍ୱ ନେଇଥିଲେ।


ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ହାତୀର ସୁରକ୍ଷା ଆମ ଦାୟିତ୍ୱ

## ନାକଟିଦେଉଳରେ ହାତୀ-ମଣିଷ ସଂଘର୍ଷ ରୋକିବା କର୍ମଶାଳା

ନାକଟିଦେଉଳ,୧୬।୭(ବୈକୁଣ୍ଠନାଥ ସାହୁ)


କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର ଜିଲା ନାକଟିଦେଉଳ କଲେଜ ଖେଳ ପଡିଆରେ ବୁଧବାର ହାତୀ ଏବଂ ମଣିଷ ମଧ୍ୟରେ ଲାଗି ରହିଥିବା ସଂଘର୍ଷ ରୋକାଯିବା ଉପରେ ବନ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହାତୀ ଏବଂ ମଣିଷ ମଧ୍ୟରେ ବିଭିନ୍ନ ସମୟରେ ହେଉଥିବା ସଂଘର୍ଷକୁ କିପରି ରୋକା ଯାଇପାରିବ ସେ ନେଇ ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିସହ ଏ ଦିଗରେ ସମସ୍ତେ ସଚେତନ ହୋଇ ହାତୀକୁ ସୁରକ୍ଷା ଦେବାକୁ ନିବେଦନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍ଥ କ୍ରୁସେଡର୍ସ ଏବଂ ରେଢ଼ାଖୋଲ ବନଖଣ୍ଡ ପକ୍ଷର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଢ଼ାଖୋଲ ବନ ବିଭାଗ ଏସିଏଫ ମାଳତୀଲତା ହାଁସଦାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ମୁଖ୍ୟବକ୍ତା ଆର୍ଥ କ୍ରୁସେଡର୍ସର କାର୍ଯ୍ୟକ୍ରମ ଅଧିକାରୀ ଆକାଶ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ରେଢ଼ାଖୋଲ ଡ଼ିଏଫଓ ଇଲାଭର୍ଶନ କେ, ସମ୍ବଲପୁର ଉପ ବନ ସଂରକ୍ଷକ ଯଦୁମଣି କେରକେଟା, ନାକଟିଦେଉଳ ଥାନା ଅଧିକାରୀ ଅମୁନସେନ କିରୋ, ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ସରୋଜ କୁମାର ଭୁଏ, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଯୋଗ ଦେଇଥିଲେ।

ଅତିଥିମାନେ ଜଙ୍ଗଲରେ ହାତୀ ଓ ସେମାନଙ୍କ ଅବସ୍ଥିତି, ହାତୀ ଚଲାପଥର ଆବଶ୍ୟକତା, ପରିବେଶ ସନ୍ତୁଳନ କ୍ଷେତ୍ରରେ ହାତୀର ଗୁରୁତ୍ୱ, ହାତୀଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯାଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ। ଏଥିସହିତ ହାତୀ ଉପଦ୍ରବରେ କ୍ଷୟକ୍ଷତି ଜନିତ ସରକାରଙ୍କ ପକ୍ଷରୁ ରହିଥିବା ଅନୁକମ୍ପା ସହାୟତା ରାଶି ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ। ଅପରପକ୍ଷରେ ହାତୀମାନଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖିବା, ହାତୀ ବାସସ୍ଥାନକୁ ସମ୍ମାନ ଦେବା, ବନ୍ୟପ୍ରାଣୀ ଅପରାଧ ସମ୍ପର୍କରେ ବନ ବିଭାଗକୁ ଖବର ଦେବା ଏବଂ ମାନବ ହାତୀ ବିବାଦ ହ୍ରାସ କରି ପରିବେଶ ସନ୍ତୁଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟପକ୍ଷରେ ବିଦ୍ୟୁତ୍ ଆଘାତରେ ନାକଟିଦେଉଳ ଅଞ୍ଚଳରେ ହାତୀ ମୃତ୍ୟୁସଂଖ୍ୟା ବଢ଼ି ଚାଲିଥିବାରୁ ମଣିଷ ସମାଜ ଏଥିପ୍ରତି ସଚେତନତା ଅବଲମ୍ବନ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶେଷରେ ଏସିଏଫ ଗଜେନ୍ଦ୍ର ଅନ୍ଧାଜା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଧ୍ୟାପିକାଅଧ୍ୟାପକ ଓ ବିଭିନ୍ନ ବନ ସୁରକ୍ଷା କମିଟି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଲୋକଙ୍କ ପାଖରେ ଯୋଜନାର ଲାଭ ପହଞ୍ଚୁ

ସମ୍ବଲପୁର,୧୬।୭(ଭବାନୀ ଶଙ୍କର ଭୋଇ)


ବିଜ୍ଞପିତ ଅଞ୍ଚଳ ପରିଷଦର ବିକାଶ ବୈଠକରେ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଜିଲାପାଳ।

**ସହରୀ ବିକାଶ ଯୋଜନା ନେଇ ବୈଠକ**

ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର କୁଚିଣ୍ଡା ଏବଂ ରେଢ଼ାଖୋଲ ବିଜ୍ଞପିତ ଅଞ୍ଚଳ ପରିଷଦର ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ସହରୀ ବିକାଶ ଯୋଜନା ବିଷୟରେ ଜିଲାସ୍ତରୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସହରୀ ବିକାଶ ନେଇ ରହିଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଜନ ସାଧାରଣଙ୍କ ପାଖରେ ଯୋଜନାର ଲାଭ କିଭଳି ପହଞ୍ଚି ପାରିବ ସେ ନେଇ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଯୋଜନାର କାର୍ଯ୍ୟାନ୍ୱୟ ଦିଗରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଜନ ପ୍ରତିନିଧିମାନେ ଜିଲା ପ୍ରଶାସନକୁ ଅବଗତ କରିଥିଲେ। ଜିଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଡୁଡା ଶଶିଭୂଷଣ ପଣିଗ୍ରାହୀ, ସମ୍ବଲପୁର ମହାନଗର ନିଗମ ଉପାୟୁକ୍ତ ଶଙ୍କର ପ୍ରସାଦ ସାହୁ ଓ ସହାୟକ ଆୟୁକ୍ତ ଅଶୋକ କୁମାର ମିଶ୍ର, ସମ୍ବଲପୁର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଷଡଙ୍ଗୀ, କୁଚିଣ୍ଡା ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରେବତୀ ବଳୁଆ ଓ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା ଓ ରେଢ଼ାଖୋଲ ବିଜ୍ଞପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶିବରାମ ସାହୁ ଓ ନିର୍ବାହୀ ଅଧିକାରୀ ରଞ୍ଜନ ମରାଠା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ସନତ ରାଉତ ଓ ସମସ୍ତ ମାଷ୍ଟର ଟ୍ରେନରମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ୧୬ତମ ସିଏସ୍‌ସି ପ୍ରତିଷ୍ଠା ଦିବସ

କୁଚିଣ୍ଡା,୧୬।୭(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ସାମ୍ବାଦିକ ଭବନଠାରେ ବୁଧବାର କୁଚିଣ୍ଡା ବ୍ଲକସ୍ତରୀୟ ୧୬ତମ ସିଏସ୍‌ସି(ଜନ ସେବା କେନ୍ଦ୍ର)ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭିଏଲଇ ତନୟ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ବିରଞ୍ଚି ନାରାୟଣ ଦର୍କା ମୁଖ୍ୟଅତିଥିଭାବେ ଯୋଗଦେଇ ଜନସେବା କେନ୍ଦ୍ରର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ଏହି କେନ୍ଦ୍ର ମାଧ୍ୟମରେ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ବାବଦରେ ବକ୍ତବ୍ୟ ରଖିଥିଲେ। ଏଥିରେ ଭିଏଲଇ ପ୍ରବୀର କୁମାର ନାୟକ, ସୁଜିତ କୁମାର ବୁର୍ହ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ପ୍ରତିଷ୍ଠା ଦିବସ କେକକାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାମ୍ବାଦିକ ଭବନ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁଧାଂଶୁ ସାହୁ, ପ୍ରବୀର ବେହେରା, ସୁରଥ ପ୍ରଧାନ, ମନୋରଞ୍ଜନ ରଣା, ମହେନ୍ଦ୍ର ଷଣ୍ଢ, ସୁବ୍ରତ କୁମାର ନାଏକ, ଭକ୍ତରାମ ନାଏକ, ବିକାଶ କୁମାର ରାଉତ, ଚନ୍ଦ୍ରଶେଖର ପୃଷେଠ, କ୍ଷିରୋଜିନୀ ସିଂ,ହମିତ କିଷାନ, ଲିସୋନ କୁମାର ସାହୁ, ନେତ୍ରମଣି ଗଉଡ, ଦମୟନ୍ତୀ ମହାକୁଳ, ରିଙ୍କୁ କୁସୁମ ପ୍ରମୁଖ ଭିଏଲଇମାନେ ସହଯୋଗ କରିଥିଲେ। ସୁଜିତ କୁମାର ବୁର୍ହ ଧନ୍ୟବାଦ ଅର୍ପଣ କରିଥିଲେ।

# ବସିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

ସମ୍ବଲପୁର,୧୬।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ବୀରସିଂହଗଡ ବନ ସୁରକ୍ଷା ସମିତି ପକ୍ଷରୁ ବସିଆପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନସୁରକ୍ଷା ସମିତିର ସଭ୍ୟା, ସଭ୍ୟ, ବନପାଳ ରଞ୍ଜନ ଖମାରୀ, ବନରକ୍ଷୀ ବିକାଶ ସାହୁ, ନିରଞ୍ଜନ ପାଣ୍ଡେ, କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁଭାଶିଷ ଭୋଇ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ପୂର୍ବରୁ ବନ ମହୋତ୍ସବ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ଏବଂ ଏଥିରେ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୃକ୍ଷର ମହତ୍ତ୍ୱ ଏବଂ ଆବଶ୍ୟକତା ଯୋଗୁ ଆମ ଦେଶରେ ବୃକ୍ଷକୁ ଇଷ୍ଟ ଭାବେ ପୂଜା କରାଯାଏ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପାର୍ବତୀ ମାଝୀ, ବ୍ରଜେଶ୍ୱରୀ ବଡେଇ, ସଞ୍ଜୁ ମାଝୀଙ୍କ ସହ ଛାତ୍ରୀଛାତ୍ର, ବୀରସିଂହଗଡ ବନସୁରକ୍ଷା ସମିତି କୋଷାଧ୍ୟକ୍ଷ ନବୀନ ଠେଠୁଆର ସଭ୍ୟାସଭ୍ୟ ବନ ମହୋତ୍ସବରେ ଯୋଗଦେଇଥିଲେ। ପରେ ମା' ପାଇଁ ଗଛଟିଏ, ବୃକ୍ଷ ହିଁ ଜୀବନ ଆଦି ନାରାଦେଇ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ବନପାଳ ରଞ୍ଜନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।


ବସିଆପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ



ପଦ ଅଳଙ୍କରଣ ସମାରୋହରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ବିକାଶ ଫାଷ୍ଟଷ୍ଟେପରେ ପଦ ଅଳଙ୍କରଣ ସମାରୋହ

ସମ୍ବଲପୁର,୧୬।୭(ବି.ଶଙ୍କର)

**ନେତୃତ୍ୱ ନେବା ଅର୍ଥ ହେଉଛି ସାମୂହିକ ଭାବନାକୁ ସମ୍ମାନ ଦେବା**

ଛାତ୍ରୀଛାତ୍ରଙ୍କ ପଦ ଅଳଙ୍କରଣ ସମାରୋହ ୨୦୨୫-୨୬ ବୁଧବାର ସମ୍ବଲପୁର ସହର ପାଞ୍ଚଗଛିଆସ୍ଥିତ ବିକାଶ ଫାଷ୍ଟଷ୍ଟେପ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ନେତୃତ୍ୱ ନେଇଥିବା ବିଦ୍ୟାଳୟର ୪ଟି ଦଳକୁ ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଓ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକ୍ରିଷ୍ଣା ସମ୍ମାନୀତ ଅତିଥିଭାବେ ଶୁଭେଚ୍ଛା ଜଣାଇଥିଲେ। ଅତିଥିମାନେ କହିଥିଲେ, ନେତୃତ୍ୱ ନେବା ଅର୍ଥ ହେଉଛି ନିଜକୁ ଅନୁଶାସିତ, ଦିଗଦର୍ଶିତ ଓ ସାମୂହିକ ଭାବନାକୁ ସମ୍ମାନ ଦେବା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟା ବିକାଶ ଗ୍ରୁପର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ଏକାଡେମିକ ଆଡ୍‌ଭାଇଜର ନବୀନ ଶର୍ମା ଉପସ୍ଥିତ ରହି ପରିଷଦର ଚୟନ ପ୍ରକ୍ରିୟା ତଥା ଛାତ୍ରୀଛାତ୍ରଙ୍କ ଭୂମିକା ଏବଂ ଦାୟିତ୍ୱ ବିଷୟରେ ନିଜସ୍ୱ ମତ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରୀଙ୍କର ଆତ୍ମବିଶ୍ୱାସ ବଢ଼ାଇଥାଏ ଏବଂ ସେମାନେ ନୈତିକତା ଓ ଦାୟିତ୍ୱବୋଧରେ ଶିକ୍ଷିତ ହୁଅନ୍ତି ବୋଲି ମତପ୍ରକାଶ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ପରିଷଦର ହେଡବୟ, ଡେପୁଟି ହେଡବୟ, ହାଉସ ପ୍ରିଫେକ୍ଟ, ଡିସିପ୍ଲିନ ଇନଚାର୍ଜ ଓ ଅନ୍ୟାନ୍ୟ ପଦବୀର ଚୟନ କରାଯାଇ ସେମାନଙ୍କୁ ବ୍ୟାଚ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମାରୋହରେ ନୂତନ ନେତୃତ୍ୱ ଦଳ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଅଙ୍ଗୀକାରବଦ୍ଧ ହୋଇଥିଲେ। ଉପାଧ୍ୟକ୍ଷା ସରିତାଞ୍ଜଳି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଧ୍ୟସ୍ଥତା ଅଭିଯାନ

**ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶିବିର ଜରିଆରେ ବିକଳ୍ପ ସମାଧାନ ହେବ**

ସମ୍ବଲପୁର,୧୬।୭(ଭବାନୀ ଶଙ୍କର ଭୋଇ)

ଆସନ୍ତା ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ମଧ୍ୟସ୍ଥତା ମାଧ୍ୟମରେ ବିଚାରାଧୀନ ମାମଲାଗୁଡିକର ଆପୋଷ ସମାଧାନ ପାଇଁ ସ୍ୱତନ୍ତ୍ର ଶିବିରର ଆୟୋଜନ ହେବ। ଏ ନେଇ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ତଥା ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ସମାଧାନ୍ କୁ ନିମନ୍ତେ ଚଳିତ ମାସରୁ ପାରିବାରିକ, ଦୁର୍ଘଟଣାଜନିତ, ଘରୋଇ ହିଂସା, ଜମି ଜମା ବଣ୍ଟନ, ଜମି ଅଧିଗ୍ରହଣ, ଚାକିରି ସଂକ୍ରାନ୍ତିୟ, ଗ୍ରାହକ ସେବା ଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲାଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ଶିବିର ଆୟୋଜନ କରାଯାଉଛି। ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମାଗୁଡିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତ୍ତା ଦ୍ୱାରା ବିବାଦଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତ ପାର୍ଥକ୍ୟ ଦୂର କରି ସମାଧାନ ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ। ମଧ୍ୟସ୍ଥତା ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ। ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁ ପକ୍ଷ ମାନଙ୍କ ସମୟ, ଶ୍ରମ ଓ ଅର୍ଥ ସଞ୍ଚୟ ହୋଇ ପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଉଛି। ସେଥିପାଇଁ ଆପୋଷ ସମାଧାନ ପାଇଁ ଉତ୍ସୁକ ବ୍ୟକ୍ତି ବିଶେଷ ଆବଶ୍ୟକ କାଗଜପତ୍ର ସହ ଜିଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ସମ୍ବଲପୁରୀ ନୃତ୍ୟ ଶିଳ୍ପୀ ସମ୍ବର୍ଦ୍ଧିତ

ସମ୍ବଲପୁର,୧୬।୭(ବି.ଶଙ୍କର)

ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ରର ସମ୍ବଲପୁରୀ ନୃତ୍ୟଶିଳ୍ପୀମାନେ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱର ତ୍ରିଧାରା ଅନୁଷ୍ଠାନ ଦ୍ୱାରା ମଙ୍ଗଳବାର ରାତିରେ ରବିନ୍ଦ୍ର ମଣ୍ଡପ ମଞ୍ଚରେ ଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ ଉତ୍ସବ ହୋଇଥିଲା। ପ୍ରଥମ ଦିବସରେ ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ରର ସମ୍ବଲପୁରୀ ଗୁରୁ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶନାରେ ୮ଜଣ ନୃତ୍ୟ ଶିଳ୍ପୀ ଡାଲଖାଇ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ରର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରଇଥିଲେ। ସମ୍ବର୍ଦ୍ଧିତ କଳାକାରମାନଙ୍କ ମଧ୍ୟରେ ଗୁରୁ ସତ୍ୟବ୍ରତ ସାହୁଙ୍କ ସହନବ୍ୟାନବେଲୀ ସା, ସିମରନ ସ୍ୱାଇଁ, ଶକ୍ତି ବିଶୋଇ, ନୁପୁର ପ୍ରଧାନ, ସାରା ନନ୍ଦ, ଖୁସି ସାହୁ, ଶୁଭଶ୍ରୀ ଜେନା, ରିଦମା ଉଜୟୀନ ବେହେରା ରହିଛନ୍ତି। କାର୍ଯ୍ୟକମ ପରିଚାଳନାରେ ସହଯୋଗ କରିଥିଲେ ରାକ୍ଷୀ ଦୀପ, ପଦ୍ମିନୀ ପ୍ରଧାନ ଓ ରଜନୀ କାନ୍ତ ଚିନହାର । ବୁଧବାର ଏନେଇ ସମ୍ବଲପୁର ଏବଂ ବୁର୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।


ଅତିଥିଙ୍କ ସହ ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ରର କଳାକାରମାନେ।

# କଂକ୍ରିଟ ରାସ୍ତାରେ ଜମା ହୋଇଛି କାଦୁଅ

ସମ୍ବଲପୁର,୧୬।୭(ଭବାନୀ ଶଙ୍କର ଭୋଇ)


ଦୟାମଣି ବୃଦ୍ଧାଶ୍ରମ ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଛି।

**ସ୍ୱାସ୍ଥ୍ୟକେନ୍ଦ୍ର, ବୃଦ୍ଧାଶ୍ରମ ରାସ୍ତା ଶୋଚନୀୟ**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୯ ରେ ଥିବା ଦୟାମଣି ବୃଦ୍ଧାଶ୍ରମ ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇଛି। ଦୁର୍ଗାପାଲି ବନ୍ଧ ପୁନରୁଦ୍ଧାର କାମ ଶେଷ ହୋଇପାରିନାହିଁ। ଯଦ୍ୱାରା ପୋଖରୀ ହିଡରେ ଗଦା କରାଯାଇଥିବା ମାଟି ବର୍ଷାରେ ଧୋଇହୋଇ ରାସ୍ତାକୁ ଚାଲି ଆସିବା ଯୋଗୁ କାଦୁଅରେ ଭର୍ତ୍ତି ହୋଇଯାଇଛି। ଏହି ପୋଖରୀର ହିଡ ଉଭୟ ଦୟାମଣି ବୃଦ୍ଧାଶ୍ରମ ଏବଂ ଦୁର୍ଗାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏକମାତ୍ର ରାସ୍ତା। ଲୋକଙ୍କ ସୁବିଧା ପାଇଁ ଉଭୟ ସ୍ଥାନକୁ କଂକ୍ରିଟ ରାସ୍ତା ରହିଛି। ଏହାସତ୍ତ୍ୱେ ଏବେ ପୋଖରୀ ଖନନ ପରେ ରାସ୍ତାରେ ମାଟି ଜମା ହେଉଥିବାରୁ ଯିବା ଆସିବା ସମ୍ଭବ ହେଉନାହିଁ। ପୁଣି ଗତ ୩ସପ୍ତାହର ସମ୍ବଲପୁରରେ ଲଗାଣ ବର୍ଷା ପରେ ପରିସ୍ଥିତି ସଙ୍ଗୀନ ହୋଇଯାଇଛି।

ଅନ୍ୟପକ୍ଷରେ ଉପରମୁଣ୍ଡରୁ ଆସୁଥିବା ବର୍ଷା ପାଣି ପୂର୍ବରୁ ପୋଖରୀ ଦେଇ ପ୍ରବାହିତ ହେଉଥିଲା। ଏବେ ପୋଖରୀ ହିଡକୁ ଉଚ୍ଚ କରାଯିବା ପରେ ସମସ୍ତ ପାଣି ରାସ୍ତାରେ ଜମି ରହୁଛି। ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଦୟାମଣି ବୃଦ୍ଧାଶ୍ରମ ପ୍ରତିଷ୍ଠାତା ପ୍ରମିଳା ବହିଦାର କୁହନ୍ତି, ରାସ୍ତାକଡରେ ମାଟି ଗଦା କରିବା ସମୟରେ ବର୍ଷାହେଲେ ସମସ୍ୟା ସୃଷ୍ଟି ହେବ ବୋଲି ଆମେ ଠିକାଦାରଙ୍କୁ କରିଥିଲୁ। ହେଲେ ସେ ଆଦୌ କର୍ଣ୍ଣପାତ କଲେନାହିଁ। ଉପରମୁଣ୍ଡରୁ ଯାଉଥିବା ପାଣି ପ୍ରବାହିତ ହେବା ନେଇ ମହାନଗର କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ଦେଉନାହାନ୍ତି। ଏବେ ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଆଗକୁ ଆହୁରି ଅସୁବିଧା ହେବ। ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ କହିଛନ୍ତି। ଏନେଇ ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମହାନଗର ନିଗମ ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ୟାର ସମାଧାନ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ରାସ୍ତାରୁ ପାଣି କାଢିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଗକୁ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଖଡ଼ିଆଳ,୧୬।୭ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ନେହେନା ଗ୍ରାମର ମୁଚୁକୁନ୍ଦ ଦଣ୍ଡସେନା (୨୮) ବୁଧବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୁଚୁକୁନ୍ଦଙ୍କ ଶାରୀରିକ ସମସ୍ୟା ଥିବାବେଳେ ସେ ଦୀର୍ଘବର୍ଷ ଧରି ମାନସିକ ଅନଗ୍ରସର ଯୁବକ ଭାବେ ଏଣେତେଣେ ଘୂରିବୁଲୁଥିଲେ। ବୁଧବାର ସକାଳେ ତାଙ୍କ ବାପା ଗାଧୋଇବାକୁ ଯାଇଥିବା ବେଳେ ସେ ଘରଭିତରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଏ ନେଇ ତାଙ୍କ ବାପା ଦୁର୍ବରଞ୍ଜନ ଦଣ୍ଡସେନା ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ଏଏସ୍ଆଇ ସୁରଥ ମାଝି କହିଛନ୍ତି।

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ସିନାପାଲି,୧୬।୭ (ମନଫୁଲ ମେହେର): ସିନାପାଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା କୁର୍ସୁଡ ଗ୍ରାମର ରାଜ ନାରାୟଣ ନାଏକ (୨୦)। ସୂଚନା ଅନୁଯାୟୀ, ରାଜନାରାୟଣ ଯୁବତୀଙ୍କ ନାମରେ ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଏକ ଫେକ୍ ଆଇଡି ଖୋଲି ତାଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ପୋଷ୍ଟ କରିଥିଲେ। ଏନେଇ ଯୁବତୀ ତଥା ତାଙ୍କ ପରିବାର ଅବଗତ ହେବା ପରେ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ରାଜନାରାୟଣଙ୍କୁ ବରପାଲିଠାରେ ଚଢ଼ାଉ କରି ଗିରଫ କରିଥିଲେ। ଥାନାରେ ଏ ନେଇ ଏକ ମାମଲା (ନଂ.୧୯୧/୨୫) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ମୋବାଇଲ ଦୋକାନରୁ ଚୋରି ଅଭିଯୋଗ

ସିନାପାଲି, ୧୬।୭(ମନଫୁଲ ମେହେର): ସିନାପାଲି ବ୍ଲକ ସିନାପାଲି ଥାନା ଅଧୀନ ଗଣ୍ଡାବାହାଲି ଗ୍ରାମ ଗମ୍ଭାରୀଗୁଡା ଛକଠାରେ ଥିବା ଜଗନ୍ନାଥ ମୋବାଇଲ ଦୋକାନରୁ ଚୋରି ହୋଇଥିବା ନେଇ ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ସିନାପାଲି ଓ ବୋଡେ଼ନ ପୋଲିସ ସମେତ କଳାହାଣ୍ଡି ଫରେନସିକ ଟିମ, ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଜଗନ୍ନାଥ ମୋବାଇଲ ଦୋକାନର ସଟର କାଟି ମୋବାଇଲ ଚୋରି କରିଛନ୍ତି। ପ୍ରାୟ ୫ଲକ୍ଷରୁ ଅଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ନେଇ ଦୋକାନ ମାଲିକ ଦୀନବନ୍ଧୁ ବେହେରା ଏତଲାରେ ଦର୍ଶାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସହର ଭିତରେ କମ୍ପୋଷ୍ଟିଂ କେନ୍ଦ୍ରକୁ ନେଇ ଅସନ୍ତୋଷ

ଭବାନୀପାଟଣା,୧୬।୭(ଉତ୍ତମ କୁମାର ଦାଶ)



ସହର ଭିତରେ ରହିଥିବା କମ୍ପୋଷ୍ଟିଂ କେନ୍ଦ୍ର।

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ କମ୍ପୋଷ୍ଟିଂ କେନ୍ଦ୍ରକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏହାକୁ ସ୍ଥାନାନ୍ତର ପାଇଁ ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ପ୍ରକାଶ ଯେ, ଭବାନୀପାଟଣା ସହରରେ ପ୍ରତିଦିନ ୨୩ ଟିପିଡି (ଟନ୍ ପର୍ ଡେ) ଆବର୍ଜନା ବାହାରୁଥିବା ବେଳେ ମାତ୍ର ୧୬ ଟିପିଡି ମ୍ୟୁନିସିପାଲିଟି ପକ୍ଷରୁ ଉଠାଯାଉଛି। ଏଥିମଧ୍ୟରୁ ମାତ୍ର ୧୨ ଟିପିଡି ପ୍ରୋସେସିଂ କରି ନଷ୍ଟ କରାଯାଇଥାଏ। ଅବଶିଷ୍ଟ ଆବର୍ଜନ ନଷ୍ଟ ହୋଇ ନ ପାରିବା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଭବାନୀପାଟଣା ସହରର ନୂଆପଡ଼ା ନୂଆ ଏଲ୍ଆଇସି ଅଫିସ ନିକଟରେ ଏମ୍ଆର୍ଏଫ୍ (ମେଟେରିଆଲ ରିଟର୍ନ ଫ୍ୟାସିଲିଟି) ୨ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ ଅଟକଳରେ ଆବର୍ଜନା ନଷ୍ଟ ପାଇଁ ବେଲିଂ ମେଶିନ ବସାଯାଇଛି। ହେଲେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏମ୍ଆର୍ଏଫ୍‌ର ଦୁଇ ଟିପିଡି ବର୍ଜ୍ୟବସ୍ତୁ ଦୈନିକ ନଷ୍ଟ କରାଯାଉଛି। ସେହିଭଳି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏଲ୍ଆଇସି ଅଫିସ ନିକଟରେ ୩ ଓ ଜେନାଖାଲଠାରେ ୩ ମୋଟ ୬ ଟିପିଡି ବର୍ଜ୍ୟବସ୍ତୁ ନଷ୍ଟ ପ୍ଲାଣ୍ଟ ସ୍ଥାପନ ହୋଇଛି। ସହରରେ ଗୋଟିଏ ପଟେ ଡ୍ରେନ୍‌ଗୁଡିକ ଠିକ୍ ଭାବେ ସଫା ହେଉ ନ ଥିବାବେଳେ ଅନ୍ୟପଟେ ଆବର୍ଜନା ନଷ୍ଟ ହେଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜନଗହଳିପୂର୍ଣ୍ଣ ନୂଆ ଏଲ୍ଆଇସି ଅଫିସ ନିକଟରେ ଥିବା ବର୍ଜ୍ୟବସ୍ତୁ ପ୍ରୋସେସିଂ କେନ୍ଦ୍ରରୁ ଉତ୍କଟ ଗନ୍ଧ ନିର୍ଗତ ହେଉଥିବାରୁ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ସେହିଭଳି କାମଠଣା ରାସ୍ତାର ମେଡିକାଲ କଲେଜ ନିକଟରେ ଡମ୍ପିଂୟାର୍ଡ ଥିବାବେଳେ ଏହା ନଷ୍ଟ ହେଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଥୁଆମୂଳ ରାମପୁର ରାସ୍ତାର ସିର୍ଲିଗୁଡା ନିକଟରେ ମଧ୍ୟ ସମାନ ସମସ୍ୟା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସହର ବାହାରକୁ କମ୍ପୋଷ୍ଟିଂ କେନ୍ଦ୍ର ସ୍ଥାନାନ୍ତର ପାଇଁ ପୌର ପରିଷଦ ପକ୍ଷରୁ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ଚିନ୍ମୟ ନାୟକଙ୍କୁ ପଚାରିବାରୁ କମ୍ପୋଷ୍ଟିଂ କେନ୍ଦ୍ର ଓ ଡମ୍ପିଂୟାର୍ଡ ବର୍ତ୍ତମାନ ରହିଛି। ଏହାକୁ ସ୍ଥାନାନ୍ତର ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେ କହିଥିଲେ।

# ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଜିଲାପାଳଙ୍କ ସହାୟତା

## କେରଳରେ ଶ୍ରମିକ ଭାବେ କାମ କରୁଥିଲେ

ଭବାନୀପାଟଣା,୧୬।୭(ଉତ୍ତମ କୁମାର ଦାଶ)


ସୁରଜଙ୍କୁ ସହାୟତା କରୁଛନ୍ତି ଜିଲାପାଳ।

ଚଳିତ ମାଟ୍ରିକ ବୋର୍ଡ ପରୀକ୍ଷାରେ ଏ-୨ ଗ୍ରେଡ (୪୯୮) ମାର୍କ ରଖି ଲାଞ୍ଜିଗଡ଼ ବ୍ଲକକୁ ଗୌରାବାନ୍ୱିତ କରିଥିଲେ ସ୍ଥାନୀୟ ବନ୍ଧପାରୀ ପଞ୍ଚାୟତ ଟିମନଭାଡ଼ି ଗାଁ ତଥା ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ର ସୁରଜ ନାଗ। ଏହି ସଫଳତା ପାଇଁ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ସୁରଜ ଓ ଅନ୍ୟ ଦୁଇଜଣ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ହେଲେ ଏଥିରେ ସେମାନେ ସାମିଲ ହୋଇପାରି ନ ଥିଲେ। କାରଣ ସୁରଜଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେ କଲେଜରେ ନାମ ଲେଖାଇ ନ ପାରି ଶ୍ରମିକ ଭାବେ କାମ କରିବା ପାଇଁ କେରଳ ଚାଲିଯାଇଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲାପାଳଙ୍କ ନଜରକୁ ଆସିଥିଲା। ଏହାପରେ ଜିଲାପାଳ ପାୱାର ସଚିନ ପ୍ରକାଶ ସୁରଜଙ୍କୁ କେରଳରୁ ଆଣି ତା'ର ପାଠ ପଢ଼ିବା ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦାରୱାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସହଯୋଗରେ କେରଳରୁ ସୁରଜଙ୍କୁ କଳାହାଣ୍ଡି ଅଣାଯାଇଥିଲା। ସୁରଜ ଫେରିବା ପରେ ଜିଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇଥିଲେ। ଏହାସହ ପାଠ ପଢା ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଥିଲେ। ପରେ ଜିଲାପାଳ ପାଠପଢା ପାଇଁ ଆବଶ୍ୟକ ଆର୍ଥିକ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫୬,୭୨୦ ଟଙ୍କା ମଞ୍ଜୁର କରି ପ୍ରଦାନ କରିଥିଲେ। ସୁରଜ ବର୍ତ୍ତମାନ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଅଧୀନରେ ଯୁକ୍ତ ଦୁଇ କଳା ଶ୍ରେଣୀର ପ୍ରଥମ ବର୍ଷ ଛାତ୍ର ଭାବେ ଆଡ୍‌ମିସନ କରିସାରିଛନ୍ତି। ହଷ୍ଟେଲରେ ରହିବା ସହିତ ସମସ୍ତ ସୁବିଧା ଜିଲା ପ୍ରଶାସନ ତରଫରୁ କରାଯାଇଛି। କଲେଜରେ ପାଠ ପଢ଼ିବାର ସୁଯୋଗ ମିଳିଥିବାରୁ ସୁରଜ ଜିଲାପାଳଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ।

# ବ୍ଲକ କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା


କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ଦଳୀୟ କର୍ମକର୍ତ୍ତା।

ଥୁଆମୂଳ ରାମପୁର, ୧୬।୭(ଦୁର୍ଗା କୀର୍ତ୍ତି)

ଜୀବନ ଯୁଦ୍ଧରେ ହାରିଯାଇଥିବା ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ଆବାହନ କ୍ରମେ ସ୍ଥାନୀୟ ମା' ମାଣିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟି ସଦସ୍ୟ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ଦୋଷୀ ବିରୋଧରେ ରାଜ୍ୟ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲୁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ବ୍ଲକ ସଂଯୋଜକ ପରମେଶ୍ୱର ନାଏକ, ସମ୍ପାଦକ ହେମନ୍ତ ନାଏକ, ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ପୂର୍ବତନ ଯୁବ ସଭାପତି ଜଗାକାଳିଆ ନାଏକ, ତ୍ରିନାଥ ନାଏକ, ଜୟନ୍ତ ନାଏକ, ଈଶ୍ୱର ନାଏକ, ଗୁଞ୍ଜେନ ମାଝୀ, ଅଜିତ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପ୍ରତାରିତା ଯୁବତୀ

ଖଡ଼ିଆଳ,୧୬।୭ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅଞ୍ଚଳର ଜଣେ ପ୍ରତାରିତା ଯୁବତୀ ନ୍ୟାୟ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଅଭିଯୋଗ ଶୁଣିବା ସହ ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି ଦେଇଥିବା ପୀଡ଼ିତା ଜଣକ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ଯୁବକ ଓ ପୀଡ଼ିତାଙ୍କ ମଧ୍ୟରେ ପ୍ରାୟ ୧ବର୍ଷ ହେବ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ ଅଭିଯୁକ୍ତ ଜଣକ କୁଆଡେ ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ୩ମାସର ଗର୍ଭବତୀ ଥିବା ଜାଣି ତାଙ୍କ ଅଜାଣତରେ ଯୁବକ ଜଣକ ଔଷଧ ଦେଇ ଗର୍ଭ ନଷ୍ଟ କରିଦେଇଥିଲେ। ଏହା ଜାଣିବା ପରେ ପୀଡ଼ିତା ପୋଲିସର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ସମାଧାନ ପାଇଁ ଗ୍ରାମରେ ବୈଠକ ଅନୁଷ୍ଠିତ ହୋଇଥିଲେ ସୁଦ୍ଧା ଯୁବକ ଅନୁପସ୍ଥିତ ରହିଥିଲେ। ତାଙ୍କ ମା'ବାପା ଉପସ୍ଥିତ ରହି ପୁଅ ବିଷୟରେ ସେମାନେ କିଛି ଜାଣି ନ ଥିବା କହି ତାଙ୍କୁ ଗ୍ରହଣ କରିବେ ନାହିଁ ବୋଲି ମନା କରିଦେଇଛନ୍ତି।

# କେସିଙ୍ଗା ଏନ୍ଏସି ପକ୍ଷରୁ ସଫେଇ ଅଭିଯାନ



ସଫେଇ ଅଭିଯାନରେ ସାମିଲ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

କେସିଙ୍ଗା,୧୬।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ପକ୍ଷରୁ ୭ନଂ. ୱାର୍ଡ ବୋରିଙ୍ଗପଦରଠାରେ ବୁଧବାର ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ଏସିର ଯନ୍ତ୍ରୀ ନାରାୟଣ ମହାରଣା, କ୍ୟାଶିୟର ଶ୍ରୀନୁ ପଟ୍ଟନାୟକ, କାଉନସିଲର ପ୍ରକାଶ ବନ୍‌ଛୋର, ୭ନଂ. ୱାର୍ଡର ସ୍ୱଚ୍ଛ ସାଥୀ ଓ ସୁପରଭାଇଜର, ସଫେଇ କର୍ମଚାରୀ, ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ବର୍ଷାଋତୁରେ କିପରି ନିଜେ ସଫା ରହିବା, ନିଜ ପରିବେଶ ସଫାସୁତରା ରଖିବା ସହ ଡେଙ୍ଗୁ, ହଇଜା, ମ୍ୟାଲେରିଆ ଭଳି ରୋଗରୁ ନିଜକୁ ସୁରକ୍ଷିତ ରଖିବା ସେଥି ନିମନ୍ତେ ୱାର୍ଡବାସୀଙ୍କୁ ସଚେତନ କରାଯାଇଥିଲା। ସାପ କାମୁଡିଲେ ତୁରନ୍ତ ହସ୍ପିଟାଲ ନେବାକୁ ପରାମର୍ଶ ଦିଆଯାଇଥିଲା। ଘଡଘଡି ମାରିବା ସମୟରେ ଗଛ ତଳେ ନ ରହିବା, ଘରର କବାଟ ଝରକା ବନ୍ଦ ରଖିବା, ବାଟରେ ଯାଉଥିଲେ ଆଣ୍ଠୁ ମାଡି ବସିଯିବା ନେଇ ୱାର୍ଡବାସୀଙ୍କୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ଗୋଷ୍ଠୀ ମଧ୍ୟ ସାମିଲ ହୋଇଥିଲେ।

# ବେଦାନ୍ତ ଆଲୁମିନିୟମ ତରଫରୁ ମେଗା ସ୍ୱାସ୍ଥ୍ୟ ଶିବିର

ଲାଞ୍ଜିଗଡ଼, ୧୬।୭(ରମେଶ ଚନ୍ଦ୍ର ନାୟକ)



ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି ଡାକ୍ତର।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ତରଫରୁ ଗୋବର୍ଦ୍ଧନପୁର ପଞ୍ଚାୟତର ଗୋପାଳପୁରଠାରେ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଖପାଖ ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ଗାଁର ୩୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ଶିଶୁ ଯୋଗଦେଇ ଅଭିଜ୍ଞ ଡାକ୍ତର ଓ ବିଶେଷଜ୍ଞଙ୍କଠାରୁ ଚିକିତ୍ସା, ପରାମର୍ଶ ସେବା ସହିତ ମାଗଣା ଔଷଧ ଗ୍ରହଣ କରିଥିଲେ। ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ପ୍ରହରାଜ, ମେଡିସିନ ବିଶେଷଜ୍ଞ ଡା. ପ୍ରବୀଣ କୁମାର ପତି, ଡା. ପ୍ରଭୁଦତ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ଲିମିଟେଡ ସିଏସ୍ଆର୍ ବିଭାଗ, ଜନ ସମ୍ପର୍କ ବିଭାଗ, ବେଦାନ୍ତ ହସ୍ପିଟାଲର ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଦ୍ୱାରା ଆମେ ଲାଞ୍ଜିଗଡ଼ରେ ସାସ୍ଥ୍ୟସେବା ଜରିଆରେ ଜନ ସାଧାରଣଙ୍କ ଉନ୍ନତି ପାଇଁ ଦୃଢ଼ ପ୍ରତିବଦ୍ଧ। ପ୍ରୋଜେକ୍ଟ ଆରୋଗ୍ୟ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିଛି। କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ୬୬୦ରୁ ଅଧିକ ଗାଁରେ ମୋବାଇଲ ହେଲଥ ୟୁନିଟ ଦ୍ୱାରା ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦିଆଯାଇଛି। ଯାହାଦ୍ୱାରା ୨୦ହଜାର ୫ ଶହରୁ ଅଧିକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସହିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ୧୫ ହଜାରରୁ ଅଧିକ ଲୋକଙ୍କୁ ସ୍ୱଚ୍ଛତା, ସୁସ୍ଥତା ଏବଂ ରୋଗ ନିବାରଣ ଉପରେ ଜରୁରୀ ସୂଚନା ପ୍ରଦାନ କରାଯାଇଥିଲା ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି।

**୩୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ମିଳିଲା ଚିକିତ୍ସା ଓ ପରାମର୍ଶ ସେବା**

# ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

ଖଡ଼ିଆଳ,୧୬।୭ (ସୁଜିତ କୁମାର ପ୍ରଧାନ): ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶରେ ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଛି। ୬ ଜଣିଆ କମିଟିରେ ଅଧ୍ୟକ୍ଷ ଭାବେ ପ୍ରତ୍ନତତ୍ତ୍ୱ ବିଭାଗ ଅଧ୍ୟାପକ ଡ. ରଣବୀର ସିଂହ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରସାୟନ ବିଭାଗ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଶିକ୍ଷା ବିଭାଗ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଇଂରାଜୀ ବିଭାଗ ଅଧ୍ୟାପିକା ନିବେଦିତା ଆଚାର୍ଯ୍ୟ, ରାଜନୀତି ବିଜ୍ଞାନ ଅଧ୍ୟାପିକା ବିଉଟି ଅଗ୍ରୱାଲ ଓ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ଅଶ୍ୱିନୀ କୁମାର ପାଢ଼ୀ ଅଛନ୍ତି।

# ପ୍ରାତଃ ଭ୍ରମଣ ବେଳେ ଗାଡ଼ି ଧକ୍କାରେ ଜଣେ ମୃତ, ୨ ଗୁରୁତର

ନୂଆପଡ଼ା,୧୬।୭ (ମକାରୁ ବେମାଲ)

ନୂଆପଡ଼ା ସଦର ଥାନା ଗୋଡଫୁଲା ପଞ୍ଚାୟତ ହରିପୁର ଛକଠାରେ ବୁଧବାର ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜୁନାନୀ ଗାଁର ନୀଳାମ୍ବର ତାଣ୍ଡି (୫୦)। ଗୁରୁତର ସହଦେବ ପୁଞ୍ଜି (୪୫) ଓ ନୁରଚନ ସରାଫ (୪୭) ଏବେ ଚିକିତ୍ସାଧୀନ ଅଛନ୍ତି। ସୂଚନା ମୁତାବକ ବୁଧବର ଭୋର ପ୍ରାୟ ସାଢେ ୪ଟା ସମୟରେ ଜୁନାନୀ ଗାଁର ନୀଳାମ୍ବର, ସହଦେବ ଓ ନୁରଚନ ପ୍ରାତଃ ଭ୍ରମଣରେ ଆସି ବିଜୁ ଏକ୍ସପ୍ରେସ ୱେରେ ଯାଉଥିବା ସମୟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ନୀଳାମ୍ବରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସହଦେବ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ନୁରଚନଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଛି। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଉଥିବା ସମୟରେ ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି ଓ ଗ୍ରାମବାସୀ ପ୍ରଥମେ ଦୁର୍ଘଟଣା ଘଟାଇଥିବା ଗାଡି, ଡ୍ରାଇଭର ଓ ମାଲିକଙ୍କୁ ଥାନାକୁ ଅଣାଯାଇ ମୃତକ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଗୁରୁତରଙ୍କୁ ଚିକିତ୍ସା ଖର୍ଚ୍ଚ ଦେଲା ପରେ ବ୍ୟବଚ୍ଛେଦ ହେବ ବୋଲି ଅଡି ବସିଥିଲେ। ଦୁର୍ଘଟଣା ଘଟାଇ ଗାଡି ଫେରାର ହୋଇ ଗରିଆବନ୍ଧ ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଇକୋ ଗାଡ଼ି (ସିଜି-୦୪ ପିଏମ୍ ୦୪୦୯)କୁ ଗରିଆବନ୍ଧ ଥାନାରୁ ଜବତ କରି ନୂଆପଡା ଆଣିଛି।

# କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ଡାକରା

## ସମର୍ଥନ କରିବାକୁ ନିବେଦନ

ଭବାନୀପାଟଣା,୧୬।୭(ଉତ୍ତମ କୁମାର ଦାଶ)



ଖବରଦାତା ସମ୍ମିଳନୀରେ ଦଳୀୟ କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାକୁ ନେଇ ସମଗ୍ର ରାଜ୍ୟରେ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଛି। ଏହାର ପ୍ରଭାବ କଳାହାଣ୍ଡି ଜିଲାରେ ଦେଖିବାକୁ ମିଳିଛି। ଗୁରୁବାର ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି। କଳାହାଣ୍ଡି ଜିଲାର ସମସ୍ତ ବ୍ଲକରେ ବନ୍ଦକୁ ଜୋରଦାର କରାଯିବା ନେଇ ବୁଧବାର ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମୟରେ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରଖିବା ସହ କଳାହାଣ୍ଡି ଲୋକେ ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଜିଲା ସଭାପତି ଜଳନ୍ଧର ନାଏକ ନିବେଦନ କରିଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତିବାଦ ସଭା, ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ହେବ ବୋଲି ଜିଲା ସଭାପତି ନାଏକ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ ମହାଖୁଡ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସମ୍ପାଦକ ସରୋଜ ବାଗ, ଛାତ୍ର ସଭାପତି ସୁଶାନ୍ତ ପ୍ରଧାନୀ, ସିପିଏମ୍ ନେତା ନବ କିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମ ବେହେରା, ସିପିଆଇ ଜିଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, ଜିଲା ଉପ ସଭାପତି ପ୍ରୀତମ ବେହେରା, ବ୍ଲକ ସଭାପତି ସୁବାସ ପ୍ରଧାନ, ପୂର୍ବତନ ନଗର ସମ୍ପାଦକ ସନ୍ତୋଷ ପ୍ରଧାନ, ଟାଉନ ସଭାପତି ସୁକାନ୍ତି ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଯୁବତୀଙ୍କୁ ଜାମିନ ମିଳିବା ବିରୋଧରେ ରାସ୍ତାରୋକୋ

ଜଳମପୁର, ୧୬।୭(ଗଣେଶରାମ ବାଗ)


ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି ପୋଲିସ ଟିମ୍।

**କଳମପୁର ଥାନା ଅଞ୍ଚଳରେ କଙ୍ଗାରୁ କୋର୍ଟ ଘଟଣା**

କଳାହାଣ୍ଡି ଜିଲା କଳମପୁର ଥାନା ଅଞ୍ଚଳରେ କଙ୍ଗାରୁ କୋର୍ଟ କରି ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ଅଭିଯୁକ୍ତ ଥିବା ୪ ଯୁବତୀଙ୍କୁ ଜାମିନ ମିଳିବା ଘଟଣାକୁ ବିରୋଧ କରି ବୁଧବାର ପରିବାର ଓ ସମ୍ପର୍କୀୟ ରାସ୍ତାରୋକୋ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ସୋମବାର ପଣ୍ଡିଗାଁଠାରେ କଙ୍ଗାରୁ କୋର୍ଟ କରି ତେନ୍ତୁଲିଖୁଣ୍ଟିର ଜଣେ ଯୁବକଙ୍କୁ କେତେଜଣ ଯୁବତୀଯୁବକ ବିଦ୍ୟୁତ୍ ଖୁଣ୍ଟିରେ ବାନ୍ଧି ନିର୍ଘୁକ ମାଡ଼ ମାରିଥିଲେ। ପରେ ସମ୍ପୃକ୍ତ ଯୁବତୀଯୁବକ ଆକ୍ରମଣର ଦୃଶ୍ୟ ମୋବାଇଲରେ ରେକର୍ଡିଂ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଖବର ପାଇ ପରିବାର ଲୋକେ ଆସି ମାଡ଼ ଖାଇଥିବା ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଛନ୍ତି । ପରେ ଯୁବକଙ୍କ ମା' କଳମପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୪ ଯୁବତୀ ଓ ୨ ଯୁବକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। କିନ୍ତୁ ଅଭିଯୁକ୍ତ ୪ ଯୁବତୀ ଜାମିନରେ ଆସିଥିବା ଜାଣି ପରିବାର ଓ ସମ୍ପର୍କୀୟ ଏହାର ପ୍ରତିବାଦରେ ବୁଧବାର ଗାଁର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ପୋଲିସ ଦଳ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଯେଉଁମାନେ କୋର୍ଟରେ ଜାମିନରେ ଆସିଛନ୍ତି ସେମାନଙ୍କୁ ଛାଡି ଅନ୍ୟ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଜାଣିଲେ ତାଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିବୁ ବୋଲି ଆଇଆଇସି ନୀଳାମ୍ବର ଜାନୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅପରାହ୍ନ ପ୍ରାୟ ୩ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀଠାରେ ବୁଧବାର ମୁଖ୍ୟ ରାସ୍ତା ଛକ ପାଖରେ ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଥିଲା। ବର୍ଷବର୍ଷ ଧରି ଛୋଟ ଦୋକାନ କରି ପରିବାର ଚଳାଉଥିବା ଦୋକାନୀମାନେ ଉଚ୍ଛେଦକୁ ବିରୋଧ କରିଥିଲେ। ପୋଲିସ ସହ ଠେଲାପେଲା କରିବା ସହ ଜେସିବି ମେଶିନ ଆଗରେ ପ୍ରତିବାଦ କରିଥିଲେ। ଉଚ୍ଛେଦ ସମୟରେ ବିନିକା ତହସିଲଦାର ରସ୍ମା ଭୁଏ, ଅତିରିକ୍ତ ତହସିଲଦାର ଦୟାରାମ ମେହେରଙ୍କ ସମେତ ପୋଲିସ ଫୋର୍ସ ମୃତୟନ ହୋଇଥିଲେ।

# ସ୍ୱଚ୍ଛ ପରିବେଶ ପାଇଁ ବୃକ୍ଷରୋପଣ ଜରୁରୀ

## ଆନ୍ତର୍ଜାତିକ ସମବାୟ ବର୍ଷରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ସୋନପୁର,୧୬।୪(ମୃତ୍ୟୁଞ୍ଜୟ ଶତପଥୀ)**

ପରିବେଶର ଅବକ୍ଷୟ ଭବିଷ୍ୟତ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ଆଗାମୀ ପିଢ଼ିର ମଙ୍ଗଳ ପାଇଁ ଆମକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ। ସ୍ୱଚ୍ଛ ଓ ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଜରୁରୀ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ସୁବର୍ଣ୍ଣପୁର ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ଆହ୍ୱାନ ଦିଆଯାଇଛି। ସୁବର୍ଣ୍ଣପୁର ଟାଉନ ହଲରେ ବୁଧବାର ଦିବସ ପାଳନ ହୋଇଥିଲା। ଏହି ଅବସରରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ସଞ୍ଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ।

ସହକାରୀ ବନ ସଂରକ୍ଷକ ଗିରିଧାରୀ ନାଗ ଅତିଥିଭାବେ ଯୋଗଦାନ କରି ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ। ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ଦ୍ୱାରା ମା’ ଧରିତ୍ରୀର ସୁରକ୍ଷା ହୋଇପାରିବ। ବିଡିସିସି ବ୍ୟାଙ୍କର ଏଜିଏମ୍ ଜ୍ୟୋସ୍ନାମୟୀ ପଧାନ ଯୋଗଦେଇ ସମବାୟ ସଶକ୍ତ ହେଲେ ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ନାବାର୍ଡର ଡିଡିଏମ୍ ଡ. ବିଶ୍ୱରଞ୍ଜନ ବେଦାନ୍ତ ଯୋଗଦାନ କରି ଆଗାମୀ ଦିନରେ ସମବାୟ ବିଭାଗର କାର୍ଯ୍ୟକୁ ଆହୁରି ବିସ୍ତାର କରିବା ପାଇଁ ସରକାରଙ୍କ ଯୋଜନା ଥିବା ସୂଚାଇଥିଲେ। ସୋନପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପାଣ୍ଡୁଚରଣ ସାହୁ, ବୀରମହାରାଜପୁର କୃଷି ଜିଲା ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ମାର୍କଫେଡର ଆଞ୍ଚଳିକ ପରିଚାଳକ ଗଣେଶ ମହାପାତ୍ର, ଓମଫେଡର ସହଦେବ ଶତପଥୀ ଓ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଜିଲାର ୭୨ଟି ପାକ୍ସ କାର୍ଯ୍ୟାଳୟ ପରିସର, ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ରାସ୍ତା ପାର୍ଶ୍ୱରେ ଅଧିକାରୀ ଓ କର୍ମଚାରୀମାନେ ନିମ୍ବ, ଜାମୁ, କରଞ୍ଜ, ଅଁଳା, କଦମ୍ବ, ବଉଳ ଓ ଅଶୋକ ଆଦି ଚାରା ରୋପଣ କରି ସେଗୁଡିକୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ। ସମବାୟ ସମିତି ନିରୀକ୍ଷକ ଶାଶ୍ୱତ ଶତପଥୀ, ଜ୍ଞାନରଞ୍ଜନ ସାହୁ, ଲକ୍ଷ୍ମଣ ବାଙ୍କ ଓ ମଳୟ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ସମବାୟ ସମିତିର ସମ୍ପାଦକ, ସହସମ୍ପାଦକ ଓ ସମବାୟ ବିଭାଗର କର୍ମଚାରୀ ମାନେ ସମାରୋହରେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ବୀରମହାରାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପ୍ରେମାନନ୍ଦ ଦୀପ ଧନ୍ୟବାଦ ପ୍ରଦାନ କରିଥିଲେ।



ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ


ଅତିଥିମାନେ ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

**ବୀରମହାରାଜପୁର,୧୬।୭(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁରସୁଣ୍ଢୀଠାରେ ବୁଧବାର ପୂର୍ବାହ୍ନ ୧୦ଟାରେ ୧୬ତମ ସିଏସସି ଦିବସ ପାଳନ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅକ୍ରୁର ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଲବ କୁମାର୍ ସାହୁ, ଜିଲା ସଂଯୋଜକ ରଜନୀ ରଞ୍ଜନ ସାହୁ ଏବଂ ସତ୍ୟ ମୋହନ ବେଦପାଣି ଯୋଗଦେଇ ସିଏସସି ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆୟୋଜିତ ରକ୍ତଦାନ ଶିବିରରେ ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାତାମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ପଞ୍ଚାନନ ଡାଙ୍ଗ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଟେମ୍ପୋ ସହ ଗଞ୍ଜେଇ ଜବତ, ୨ଗିରଫ

**ବୀରମହାରାଜପୁର,୧୬।୭(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବସ୍‌ଷ୍ଟାଣ୍ଡରୁ ଟେମ୍ପୋ ସହ ଗଞ୍ଜେଇ ଚାଲାଣ ବେଳେ ବୁଧବାର ଅବକାରୀ ବିଭାଗ ୨ଜଣଙ୍କୁ ଧରିଛି। ସେମାନେ ହେଲେ ସୁବଳୟା ଥାନା ଜଟେସିଙ୍ଘା ଗାଁର ରାଜୀବ ସିନ୍ଧିଆ ଓ ବୀରମହାରାଜପୁର ଥାନା କମଳପୁର ଗାଁର ସ୍ନେହଲତା ଜଗତ(୩୬)। ବୀରମହାରାଜପୁର ଅବକାରୀ ଥାନାରେ ଏକ ମାମଲା (ନଂ.୭୦/୨୫) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସକାଳ ପ୍ରାୟ ୯ଟାରେ ଏକ ଟେମ୍ପୋ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଅବକାରୀ ଥାନା ଅବକାରୀ ଅଧିକାରୀ ଭରତ ମିଶ୍ର, ଏଏସଆଇ ଦେବେନ୍ଦ୍ର ବରିହା, ରେନୁକାନ୍ତ ଭୋଇ ଏବଂ ସୁଜାତା ଭୋଇ ସରକାରୀ ବସଷ୍ଟାଣ୍ଡରେ ଚଢାଉ କରିଥିଲେ। ଅଟୋ ନମ୍ବର ଓଡି- ସି-୪୫୫୦ରେ ୪କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା।

## ରିଂରୋଡ୍‌ର ଉଭୟପାର୍ଶ୍ୱକୁ ସବୁଜ କରିବା ଲକ୍ଷ୍ୟ

### ବୃକ୍ଷରୋପଣ କଲେ ସୁବର୍ଣ୍ଣପୁରର ବରିଷ୍ଠ ନାଗରିକ

**ସୋନପୁର,୧୬।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରିଂରୋଡ ଉଭୟ ପାର୍ଶ୍ୱରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧୀନରେ ରିଂରୋଡର ଉଭୟ ପାର୍ଶ୍ୱକୁ ସବୁଜ ଓ ସୁନ୍ଦର କରିବା ଲକ୍ଷ୍ୟରେ ମହାନଦୀ ବ୍ରିଜ୍ ପାର୍ଶ୍ୱରୁ ବୃକ୍ଷରୋପଣ ଆରମ୍ଭ ହୋଇଛି। ଏସ୍‌ପି ନାରାୟଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସ୍ୱଚ୍ଛ ପରିବେଶ ପାଇଁ ବରିଷ୍ଠ ନାଗରିକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା, ସଂଘ ଉପଦେଷ୍ଟା ଗୋରେଖନାଥ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଓ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନେ ବର, ଅଶ୍ୱତଥ, କରଞ୍ଜ, ନିମ୍ବ, ଅଁଳା, ଜାମୁ, ପଣସ, କଦମ୍ବ, ରାଧାଚୂଡା, ଡିମିରି ଓ ବଉଳ ଆଦି ଚାରା ରୋପଣ କରିଥିଲେ। ବନ ବିଭାଗ ସହଯୋଗରେ ରିଂରୋଡର ଉଭୟପାର୍ଶ୍ୱରେ ଚଳିତବର୍ଷ ୫୦୦ ବୃକ୍ଷରୋପଣ ସହ ସୁରକ୍ଷା ବାଡା ଓ ଖରାଦିନରେ ପାଣିଦେଇ ବଞ୍ଚାଇବା ପାଇଁ ସମସ୍ତେ ଶପଥ ନେଇଥିଲେ। ସୋନପୁର ବନକ୍ଷେତ୍ରାଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର, ବନପାଳ ଭକ୍ତବନ୍ଧୁ ମିଶ୍ର, ବନରକ୍ଷୀ ସୁଜ୍ଞାନୀ ମିଶ୍ର, ବରିଷ୍ଠ ନାଗରିକ ସଂଘର ଶ୍ରୀବତ୍ସ ମଲ୍ଲିକ, ଆର୍ତ୍ତତ୍ରାଣ ବାବୁ, ଶ୍ରୀଧର ବାଗ, ଦିଲୀପ ରଥ, ସନ୍ତୋଷ ପାଢୀ, ହରିହର ଶତପଥୀ, ଦେବକିଶୋର ଦାନୀ, ଆଦିକନ୍ଦ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ମହାନ୍ତି, ବ୍ରଜମୋହନ ଦାନୀ, ବୈକୁଣ୍ଠ ନାଥ ଶତପଥୀ, ପ୍ରଦୀପ କୁମାର ପୁରୋହିତ, ଯଜ୍ଞେଶ୍ୱର ପୂଜାହାରୀ, ରାଧେଶ୍ୟାମ ମିଶ୍ର, ବିଜୟ କେତନ ରାୟଗୁରୁ, ଦିଲ୍ଲିପ ଭୁକ୍ତା, ମୃତ୍ୟୁଞ୍ଜୟ ଦାସ, ରାଜେନ୍ଦ୍ର କୁମାର ସାହୁ, ବାବୁଲାଲ ଦାସ, ରଘୁମଣି ଦେହୁରୀ ଓ ଉମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରିଥିଲେ। ସ୍ୱଚ୍ଛ ଭାରତ ସଙ୍ଗଠନ, ଗୋପାଳଜୀ ଯୋଗାଳୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ ଓ ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

## ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ

**ଅମରପାଲି,୧୬।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସେଠୀଙ୍କ ସଭାପତିତ୍ୱରେ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୁନିୟର ରେଡ଼କ୍ରସ ସୁବର୍ଣ୍ଣପୁରର ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ, ବିସିସି ବୈକୁଣ୍ଠ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମୂର୍ଚ୍ଛା, ବଜ୍ରପାତ ସତର୍କତା, ଦୁର୍ଘଟଣାରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା, ଆରାମଦାୟକ ସ୍ଥିତି ଆଦି ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଜୁନିୟର ରେଡ଼କ୍ରସ ପରାମର୍ଶଦାତା ଶିକ୍ଷକ ବ୍ରହ୍ମାନନ୍ଦ ପଧାନ ସଭା ସଂଯୋଜନା କରିଥିବାବେଳେ ଶିକ୍ଷକ ସମ୍ବିତ ପଧାନ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରାଥମିକ ଚିକିତ୍ସା କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ଏହି ଶିକ୍ଷାକୁ ପରେ ଘରେ, ପଡୋଶୀ ତଥା ଗାଁରେ ଅନ୍ୟମାନଙ୍କୁ ଶିଖାଇବେ ବୋଲି ପ୍ରତିଜ୍ଞା କରିଥିଲେ। ସ୍କୁଲର ନଟବର ରଣା, ନଟିଆ ଚରଣ ସାହୁ, ଜଗନ୍ନାଥ ସାହୁ, ଗୋବର୍ଦ୍ଧନ ନାଏକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହା ସହିତ ଅମରପାଲି ସରକାରୀ ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ସମସ୍ତ ଛାତ୍ରଛାତ୍ର ତାଲିମ ଗ୍ରହଣ କରିଥିଲେ। ଶିକ୍ଷକ ଯଦୁମଣି ବାଘ, ତପକିରଣ ସାହୁ, ପ୍ରଦୀପ ଜଗଦଲା, ଅମୂଲ୍ୟ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରାଥମିକ ଚିକିତ୍ସା ତାଲିମ ଶିବିରରେ ସମସ୍ତ ଛାତ୍ରମାନେ ତାଲିମ ଗ୍ରହଣ କରିଥିଲେ।


ଅମରପାଲି ହାଇସ୍କୁଲରେ ପ୍ରାଥମିକ ଚିକିତ୍ସା ତାଲିମ ପ୍ରଦାନ କରାଯାଉଛି।

## ଡ୍ରେନ ଅଳିଆ ଆବର୍ଜନାରେ ଭର୍ତ୍ତି


ନୂଆବଜାର଼ଠାରେ ଡ୍ରେନ ଆବର୍ଜନାରେ ଭରି ରହିଛି।

**ବିନିକା,୧୬।୭(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ୱାର୍ଡ ନଂ ୩ ନୂଆବଜାର଼ଠାରେ ପିଡବ୍ଲ୍ୟୁଡି ବିଭାଗ ଦ୍ୱାରା ନିର୍ମିତ ଡ୍ରେନରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ଦୁର୍ଗନ୍ଧ ହେଉଛି। ପିଡବ୍ଲ୍ୟୁଡି କର୍ତ୍ତୃପକ୍ଷ ଏହି ଡ୍ରେନରେ ଢାଙ୍କୁଣୀ ଦେଇ ନ ଥିବାରୁ ଅଳିଆ ଆବର୍ଜନା ରେ ପୋତିହୋଇ ଦୁର୍ଗନ୍ଧ ହେଉଛି। ଏହି ଡ୍ରେନରେ ବିଷାକ୍ତ କିଟ୍ ବାହାରିବା ଦେଖିବାକୁ ମିଳୁଛି। ଜିଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜନସାଧାରଣ ରେ ଦାବୀ ହେଉଛି ।

## ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ଉଦ୍‌ଘାଟିତ

### ସମ୍ବଲପୁର ଓ ବୌଦ୍ଧ ବିଜୟୀ

**ବୌଦ୍ଧ,୧୬।୭(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୬୪ତମ ଆନ୍ତଃଜିଲା ସାହାଣୀ କପ୍ ଫୁଟ୍‌ବଲ ବୁଧବାର ଉଦ୍‌ଘାଟିତ ହୋଇଛି। ବୌଦ୍ଧ ଜିଲା ଷ୍ଟାଡିୟମ୍‌ଠାରେ ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଆୟୋଜିତ ଫୁଟ୍‌ବଲ ମ୍ୟାଚ୍‌ର ଉଦ୍‌ଘାଟନୀ ଦିନ ଗ୍ରୁପ୍ ବି’ର ୨ଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍ ସମ୍ବଲପୁର ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ସମ୍ବଲପୁର ଦଳ ୩ଟି ଗୋଲ ଦେଇ ବିଜୟୀ ହୋଇଥିଲା । ଖେଳକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଉଦ୍‌ଘାଟନ କରିଥିଲେ । ପ୍ରଥମ ମ୍ୟାଚ୍‌ର ଖେଳକୁ ରେଫରି ପ୍ରଶାନ୍ତ କୁମାର ବେହେରା, ଜିତେନ୍ଦ୍ରୀୟ ଥନାପତି, ଦେବାଶିଷ ବାଗ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଖେଳ ନୂଆପଡ଼ା ଓ ବୌଦ୍ଧ ମଧ୍ୟରେ ହୋଇଥିଲା। ଖେଳରେ ବୌଦ୍ଧ ଦଳ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଥିଲା। ଏହି ଖେଳକୁ ଅତିଥିଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସନ୍ତୋଷ ଟ୍ରଫି ଖେଳାଳି ସତ୍ୟପ୍ରକାଶ ଦାସ, କନ୍ଧମାଳ ଏମ୍‌ପି ପ୍ରତିନିଧି ଦୁର୍ଗାମାଧବ ଆଚାର୍ଯ୍ୟ ଯୋଗଦେଇଥିଲେ। ଦ୍ୱିତୀୟ ମ୍ୟାଚକୁ ରେଫରି ରୋଶନ ଖାନ୍, ସୂର୍ଯ୍ୟନାରାୟଣ ମିର୍ଦ୍ଧା, ସୋମନାଥ ମୁର୍ମୁ ପରିଚାଳନା କରିଥିବା ବେଳେ ଓ ଚତୁର୍ଥ ରେଫରି ଭାବେ ଧନେଶ୍ୱର ସର୍କାର ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ପ୍ରଥମ ଖେଳ ବରଗଡ଼ ଓ କଳାହାଣ୍ଡି ମଧ୍ୟରେ ହେବାକୁଥିବା ବେଳେ ଦ୍ୱିତୀୟ ଖେଳ ଦେବଗଡ଼ ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହେବ।


ଖେଳାଳିଙ୍କ ଗହଣରେ ବୌଦ୍ଧ ବିଧାୟକ ଓ ଅନ୍ୟମାନେ।

## ଗୁପ୍ତେଶ୍ୱର ବାବା ବିକାଶ ଟ୍ରଷ୍ଟ ପରିଚାଳନା କମିଟି ଗଠିତ

**ଅମରପାଲି,୧୬।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ଶ୍ରୀ ଗୁପ୍ତେଶ୍ୱର ବାବା ବିକାଶ ଟ୍ରଷ୍ଟ ଦେୱାନପାଲିର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ଉକ୍ତ ଟ୍ରଷ୍ଟର ସଭାପତି ଥିବା ମୁରଲୀଧର ଭୋଇ ଓ କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ସାହୁଙ୍କ ଅକାଳ ବିୟୋଗରେ ଉକ୍ତ ପଦବୀ ଖାଲି ପଡିଥିଲା। ବୁଧବାର ଟ୍ରଷ୍ଟ ସମ୍ପାଦକ ବିଶ୍ୱାମିତ୍ର ନାଏକଙ୍କ ଆବାହକତ୍ୱରେ ଅଞ୍ଚଳର ଶିବ ଭକ୍ତମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତ ମୁରଲୀଧର ଭୋଇ ଓ ସୁଧାଂଶୁ ଶେଖର ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସର୍ବସମ୍ମତିକ୍ରମେ ମୁରଲୀଧର ଭୋଇଙ୍କ ପୁତ୍ର କର୍ଣ୍ଣଦାନି ଭୋଇଙ୍କୁ ସଭାପତି, ପ୍ରମୋଦ ପାତ୍ରଙ୍କୁ କୋଷାଧ୍ୟକ୍ଷ ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଜାନକୀ ରାମ ଦେହେରୀ, ବଦ୍ରିନାରାୟଣ ଶତପଥୀ, ଉତ୍ତର କୁମାର ପାତ୍ର, ନରସିଂହ ପ୍ରଧାନ ଓ ଅଜିତ କୁମାର ପାଣିଗ୍ରାହୀଙ୍କୁ ଚୟନ କରାଯାଇଛି। ଉପସଭାପତିଭାବେ ଅଲିରାମ ମହାକୁର, ସମ୍ପାଦକ ବିଶ୍ୱାମିତ୍ର ପ୍ରଧାନ, ସହସମ୍ପାଦକଭାବେ ନିମାନନ୍ଦ ପଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ୟାମସୁନ୍ଦର ପଧାନ, ଶମ୍ଭୁ ବେହେରାମାଲି, ଗୌର ବେହେରାମାଲି, ରାଜକୁମାର କର୍ମୀ, ଲିଙ୍ଗରାଜ ପଧାନ, ରାମଜୀ ବିଶ୍ୱାଳ, ସତ୍ୟଜିତ ଗଡ୍ଡୁଆ, ବିପିନ ନାଏକ, ଫକିରମୋହନ ପାଢ଼ୀ, ଉମାଶଙ୍କର ଭୋଇ, ପ୍ରଫୁଲ୍ଲ ଅଦରକୁଲିଆ, ସୁରେନ୍ଦ୍ର କର୍ଣ୍ଣ, ପ୍ରଭଞ୍ଜନ ଝାଙ୍କର, ନଳିନୀକାନ୍ତ ବାଘ,ସୁଦାମ ମହାକୁର,ଭୁବନେ ଝାଙ୍କର, ରମେଶ ସାହୁ ପ୍ରମୁଖ ଶ୍ରୀ ଗୁପ୍ତେଶ୍ୱର ବାବା ବିକାଶ ଟ୍ରଷ୍ଟ କାର୍ଯ୍ୟକାରୀ ସଦସ୍ୟଭାବେ ଚୟନ କରାଯାଇଛି।


ଗୁପ୍ତେଶ୍ୱର ବାବା ବିକାଶ ଟ୍ରଷ୍ଟର ସଦସ୍ୟମାନେ।

## ଝାଡ଼ଖଣ୍ଡକୁ ଗଞ୍ଜେଇ ଚୋରାଚାଲାଣ

### ନମ୍ବର ବିହୀନ କାର୍ ଜବତ, ୨ ଗିରଫ

**ସୋନପୁର,୧୬।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ବିନିକା ଅବକାରୀ ଥାନା ପକ୍ଷରୁ ସୋନପୁର-ବିନିକା ରାସ୍ତାର କର୍ତ୍ତଙ୍ଗ ଛକ ନିକଟରେ ବୁଧବାର ଚଢାଉ କରାଯାଇଥିଲା। ଏକ ନମ୍ବର ବିହୀନ ମାରୁତି ସୁଜ୍‌କି କାରକୁ ଅଟକ ରଖି ତନଖି ସମୟରେ ୩୫କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଝାଡଖଣ୍ଡ ପାଲାମୁ ଜିଲା ହରିହରଗଞ୍ଜ ଥାନା ତୁରି ଅଞ୍ଚଳର ରମେଶ କୁମାର(୧୯) ଓ ହୁସେନବାଦ ଥାନା ଜାପଲା ଅଞ୍ଚଳର ନିତେଶ କୁମାର ସିଂ(୧୯)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ବୌଦ୍ଧ ଜିଲାର କଣ୍ଟାମାଳ ଅଞ୍ଚଳରୁ ଝାଡଖଣ୍ଡକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ବିନିକା ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ.୮୩/୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ହେବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ମୋବାଇଲ୍ ୟୁନିଟ୍ ଇନିସପେକ୍ଟର ହରପ୍ରସାଦ ରଣା, ସୋନପୁର ରେଞ୍ଜ ଇନିସପେକ୍ଟର ପ୍ରକାଶ କୁମାର ସା, ଅବକାରୀ ଥାନା ଓଆଇସି ରାମଚନ୍ଦ୍ର ପଟ୍ଟନାୟକ, ଶାନ୍ତନୁ ପଟ୍ଟନାୟକ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ, ଲୋକନାଥ ବେହେରା ଓ ଅଭିଳାଶ ବେହେରା ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।


ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କାର।

# ଖାଲି ସିଲିଣ୍ଡର ଚୋରି

**ବଡ଼ଗାଁ, ୧୬।୭(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବନଗାଁ ନିକଟ ଭୋଇପାଲି ଗ୍ରାମରେ ଥିବା ଇଣ୍ଡେନ ଗ୍ରାମୀଣ ବିତରକ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ୮ଟି ଖାଲି ସିଲିଣ୍ଡର ଚୋରି ହୋଇଛି। ସୂଚନା ଅନୁଯାୟୀ ପ୍ରତିଦିନ ଭଳି ଏହି ଗ୍ରାମୀଣ ଗ୍ୟାସ ବିତରଣ ଦୋକାନ ମାଲିକଙ୍କ ଦ୍ୱାରା ନିୟୋଜିତ ଏକ ଗାଡ଼ିରେ ବିଭିନ୍ନ ଗ୍ରାମରେ ଗ୍ୟାସ ବିତରଣ କରି ଫେରିଥିଲା। ଖାଲି ସିଲିଣ୍ଡର ବୋଝେଇ ଗାଡ଼ି ଦୋକାନ ପାଚେରୀ ଭିତରେ ରଖି ଡ୍ରାଇଭର ଚାଲି ଯାଇଥିଲେ। ବିଳମ୍ବିତ ରାତିରେ ଚୋରମାନେ ପାଚେରୀ ଡେଇଁ ଗାଡ଼ିରେ ଥିବା ୮ଟି ଖାଲି ସିଲିଣ୍ଡର ଚୋରି କରିନେଇ ଯାଇଛନ୍ତି। ଦୋକାନ ମାଲିକ ରବିନ୍ଦ୍ର ପଟେଲ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶଯୋଗ୍ୟ, ବଡ଼ଗାଁ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗତ କିଛିଦିନ ବ୍ୟବଧାନରେ ଚୋରି ହୋଇଆସୁଛି। ଚୋର ଦଳ ଧରାପଡୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।



ଇଣ୍ଡେନ ଗ୍ରାମୀଣ ବିତରକ ଦୋକାନ।


ବଡ଼ଗାଁରେ ମହାବିଦ୍ୟାଳୟ ଛାତ୍ରୀ ଓ ବିଜେଡି କର୍ମକର୍ତ୍ତା ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି।

# ଯୁବ ବିଜେଡି ପକ୍ଷରୁ ବିକ୍ଷୋଭ

**ବଡ଼ଗାଁ, ୧୬।୭(ଅଶୋକ ଷଡଙ୍ଗୀ)**

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ବୁଧବାର ବିକ୍ଷୋଭ କରାଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ମଧ୍ୟାହ୍ନରେ ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟ ନିକଟରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସ୍ନାତକ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶୋକ ପ୍ରକାଶ କରାଯାଇଥିଲା। ଘଟଣାରେ ରାଜ୍ୟ ସରକାରଙ୍କ ଅବହେଳାକୁ ଦାୟୀ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଇସ୍ତଫା ଦାବି କରାଯାଇ ଉଭୟଙ୍କ ଫଟୋଚିତ୍ରକୁ ଦାହ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନରେ ବିଜେଡିର କାର୍ଯ୍ୟକର୍ତ୍ତା ତୁଳାରାମ ହୋତା, ଅରୁଣ କୁମାର ଦୀକ୍ଷିତ,କେଶବ କର୍ସେଲ, ଉତ୍କଳ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ମୃତ ସୌମ୍ୟାଶ୍ରୀ ଙ୍କର ମୃତ୍ୟୁ ପାଇଁ ଦାୟୀ ସମସ୍ତଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରିବାକୁ ଦାବି କରିଛନ୍ତି।

# ସିପିଆଇଏମ୍ ପକ୍ଷରୁ ମହମବତି ଶୋଭାଯାତ୍ରା

**ଲହୁଣୀପଡ଼ା, ୧୬।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବସଷ୍ଟାଣ୍ଡ ଠାରେ ବୁଧବାର ସନ୍ଧ୍ୟାରେ ଲହୁଣୀପଡ଼ା ସିପିଆଇଏମ ଶାଖା ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ଘଟଣା କେବଳ ଓଡିଶା ନୁହେଁ, ସମଗ୍ର ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଲହୁଣୀପଡା ଶାଖା ସିପିଆଇଏମ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର ଘୋର ନିନ୍ଦା କରାଯାଇଛି। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ଲହୁଣୀପଡା ବସଷ୍ଟାଣ୍ଡଠାରେ ସ୍ୱର୍ଗତ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଲହୁଣୀପଡା ସିପିଆଇଏମ୍ ଆଞ୍ଚଳିକ କମିଟିର ସମ୍ପାଦକ ଲାଲ ବାହାଦୂର ମାହାନ୍ତ ଓ କଂଗ୍ରେସ ବ୍ଲକ ସଭାପତି ସଞ୍ଜୟ କୁମାର ନାଏକଙ୍କ ନେତୃତ୍ୱରେ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଲହୁଣୀପଡା ସରପଞ୍ଚ ନେଲସନ ହେମ୍ରମ,ସୁରେଶ ମାହାନ୍ତ, ପ୍ରଶାନ୍ତ କୁମାର ମାହାନ୍ତ, ମନ୍ମଥ ମାହାନ୍ତ, ବାବୁରାମ ମାହାନ୍ତ, ସୌଭାଗ୍ୟ ରଞ୍ଜନ ରାଉତ, ନିକୁଞ୍ଜ ସିଂ,ଭୀମ ମାହାନ୍ତ,ସନାତନ ବେରାଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ ଓ ସିପିଆଇଏମର ଦଳୀୟ କର୍ମୀ ଓ ଜନସାଧାରଣ ସାମିଲ ଥିଲେ।



ସିପିଆଇଏମ ଶାଖା ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଉଛି।

# ବିପର୍ଯ୍ୟୟ ମୁକାବିଲା ସଚେତନତା ଶିବିର

**ସୁନ୍ଦରଗଡ଼,୧୬।୭(ଜୟନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଅପରାହ୍ନରେ କଟକ ମୁଣ୍ଡଳୀସ୍ଥିତ ଏନଡିଆରଏଫ ୩ୟ ବାଟାଲିୟନ ତରଫରୁ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଟାଲିୟନର ଇନସିପେକ୍ଟର ସନ୍ତୋଷ କୁମାର ସାହୁ ଓ ସବ୍‌ଇନିସପେକ୍ଟର ଏମ.କେ ସାହୁଙ୍କ ତତ୍ତ୍ୱାବଧାନରେ ତାଙ୍କ ଟିମ ଛାତ୍ରୀଛାତ୍ରମାନଙ୍କୁ ବିପର୍ଯ୍ୟୟ ସମୟରେ ତତକ୍ଷଣାତ ନିଜକୁ ଏବଂ ଆଖପାଖର ଲୋକମାନଙ୍କୁ ଆସନ୍ନ ବିପଦରୁ ରକ୍ଷା କରିପାରିବେ ସେ ସମ୍ପର୍କରେ ତାଲିମ ଦେଇଥିଲେ। ସ୍ଲାଇଡ ସୋ, ଡେମୋ ଏବଂ ପିଲାମାନଙ୍କୁ ନେଇ ପ୍ରାକ୍ଟିକାଲ କରାଇ ସାପ କାମୁଡା, ରାସ୍ତା ଦୁର୍ଘଟଣା ଓ ହୃଦଘାତ ସମୟରେ ନିଜକୁ ଓ ଅନ୍ୟମାନଙ୍କୁ ବଞ୍ଚାଇ ପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ହୀରାମଣି ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ଏନ୍‌ଡିଆରଏଫ ପକ୍ଷରୁ ସଚେତନ କରାଯାଉଛି।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଓ ଅନ୍ୟମାନେ।

# ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**କୁତ୍ରା, ୧୬।୭(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ଅବସ୍ଥିତ ଡାଲମିଆ ମହାବିଦ୍ୟାଳୟରେ କର୍ମ ସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମ ପ୍ରାଧ୍ୟାପିକା ଡ.ତବସୁମ ବାନୋଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ ପଟେଲ କର୍ମ ସ୍ଥଳରେ ତଥା ବିଭିନ୍ନ ସ୍ଥଳ ବିଶେଷରେ ମହିଳାଙ୍କୁ ଦିଆଯାଉଥିବା ଯୌନ ନିର୍ଯାତନା ସମ୍ପର୍କରେ ଆଲୋଚନା କରିବା ସହ ମହିଳାମାନେ ଏଥିପ୍ରତି କିଭଳି ସଚେତନ ରହିବା ଉଚିତ ସେସମ୍ପର୍କରେ ମତ ସାବ୍ୟସ୍ତ କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ଲକ୍ଷ୍ମୀକଲ୍ୟାଣ ପାଇକରାୟ ମହାବିଦ୍ୟାଳୟ ଇଣ୍ଟରନାଲ କମିଟି ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱାରୋପ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ ବାନୋ ଓ ଡ. ଲତା ନାଏକ କର୍ମଜୀବୀ ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ଥିବା ବେଳେ ଏଭଳି କର୍ମଶାଳା ଅନୁଷ୍ଠିତ କରାଯାଇ ସଚେତନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଅଧ୍ୟାପିକା ଅନିତା କିଶାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପୁରସ୍କାର

**କୁଆଁରମୁଣ୍ଡା,୧୬।୭(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ଅଞ୍ଚଳରେ ଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିର୍ଦ୍ଧାରିତ ସମୟରେ ବିଲ୍ ପୈଠ କରିବା ପାଇଁ ଉତ୍ସାହିତ କରାଯାଉଛି। ଯେଉଁମାନେ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବେ ସେମାନଙ୍କୁ ବିଭାଗ ପକ୍ଷରୁ ପ୍ରତି ମାସରେ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ ବୁଧବାର କୁଆଁରମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟରେ ଠିକ୍ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ବିଡିଓ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦ ଯୋଗଦେଇ ଅଣ୍ଡାଳି ଗ୍ରାମର ବେର୍ତୁଲା ଟେଟେଙ୍କୁ ୧ମ ପୁରସ୍କାରରେ ମୋବାଇଲ୍ ଫୋନ୍, ଲାଙ୍ଗୋଇ ଗ୍ରାମର ପାଉଲୁସ ଲୁଗୁନଙ୍କୁ ୨ୟ ପୁରସ୍କାରରେ ସାରେଗାମା ରେଡ଼ିଓ ଓ ଉଷରା କଲୋନୀର ଜଗନ୍ନାଥ ରଣାଙ୍କୁ ୩ୟ ପୁରସ୍କାରରେ ସୋଲାର ଲାଇଟଦେଇ ପୁରସ୍କୃତ କରିଛନ୍ତି। ଏହା ସହ ଅନ୍ୟ ୩ ଜଣ ଉପଭୋକ୍ତାଙ୍କୁ ମଧ୍ୟ ଏହି ଅବସରରେ ବିଡ଼ିଓ ମହାନନ୍ଦ ପୁରସ୍କୃତ କରିଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଅଶୋକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।


କୁଆଁରମୁଣ୍ଡା ଉପଖଣ୍ଡ କାର୍ଯ୍ୟାଳୟରେ ଉପଭୋକ୍ତାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଲେଫ୍ରିପଡା ବ୍ଲକରେ ସ୍ୱଚ୍ଛ ଗ୍ରାମୀଣ ସର୍ଭେକ୍ଷଣର ପରିସମାପ୍ତି

**ସୁନ୍ଦରଗଡ଼,୧୬।୭(ଜୟନାରାୟଣ ମେଣ୍ଢୁଲି):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକରେ ଚାଲୁଥିବା ସ୍ୱଚ୍ଛ ଗ୍ରାମୀଣ ସର୍ଭେକ୍ଷଣ ବୁଧବାର ଶେଷ ହୋଇଛି। କେନ୍ଦ୍ରୀୟ ଟିମ୍ ଭାବରେ ନୂଆଦିଲ୍ଲୀରୁ ଆସିଥିବା ଏକାଡେମି ଅଫ ମ୍ୟାନେଜମେଣ୍ଟ ଷ୍ଟଡି (ଏ.ଏମ.ଏସ.)ର ବେଣୁଧର ମହାପାତ୍ର, ସୁମନ୍ତ ତିର୍କୀ ଓ ଜୟନ୍ତ ତିର୍କୀ ଲେଫ୍ରିପଡା ବ୍ଲକର ଡୁମାବାହାଲ, ବଡବଙ୍ଗା ଓ ଝୁରିମାଲ ଗ୍ରାମ ପଞ୍ଚାୟତର ବିଭିନ୍ନ ସ୍କୁଲ, ମନ୍ଦିର, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବ୍ୟକ୍ତିଗତ ପାଇଖାନା ତଥା ଅନ୍ୟ ପରିମଳ ବ୍ୟବସ୍ଥା ବୁଲି ବୁଲି ସର୍ଭେ କରିବା ସଙ୍ଗେ ସଙ୍ଗେ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ। ସ୍ୱଚ୍ଛ ସର୍ଭେକ୍ଷଣ ଗ୍ରାମୀଣ ହେଉଛି ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ବାର୍ଷିକ ସର୍ଭେକ୍ଷଣ କାର୍ଯ୍ୟକ୍ରମ। କ୍ଷେତ୍ର ପରିଦର୍ଶନ ତଥା ଲୋକଙ୍କ ମତାମତ ସଂଗ୍ରହ କରିବା ପରେ କେନ୍ଦ୍ରୀୟ ଦଳ ସନ୍ତୋଷ ବ୍ୟକ୍ତ କରିବା ସହ ଲେଫ୍ରିପଡା ବ୍ଲକର ବିଭାଗୀୟ କାର୍ଯ୍ୟଶୈଳୀର ଉଚ୍ଚ ପ୍ରଶଂସା କରିଥିଲେ। ସର୍ଭେକ୍ଷଣ କାର୍ଯ୍ୟକ୍ରମରେ ଡୁମାବାହାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ସା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ପାଣ୍ଡବ ପଟେଲ, ବଡବଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ତୋଷ ସୁରେନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ଶଙ୍କର ସାହୁ, ଝୁରିମାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରମୋଦ ମାଝୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରୀତା ବେହେରା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଲେଫ୍ରିପଡା ବ୍ଲକ ସଂଯୋଜକ ରୋଶନ କୁମାର ଉପାଧ୍ୟାୟ ପରିଚାଳନା କରିଥିଲେଲ। ଏହି ସର୍ଭେକ୍ଷଣ ମାଧ୍ୟମରେ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ବୃଦ୍ଧି, ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହ ଏବଂ ଖୋଲା ସ୍ଥାନକୁ ଶୌଚମୁକ୍ତ ରଖିବା ପାଇଁ ନୂତନ ବାଟ ଫିଟାଇବା ସଙ୍ଗେ ସଙ୍ଗେ ଗୋଷ୍ଠୀ ସଚେତନତା ବୃଦ୍ଧି କରାଯାଇଛି।

# ଟ୍ରକ୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**ହେମଗିର,୧୬।୭(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ ଓସିପିଏଲ୍ ଯିବା ରାସ୍ତାରେ ବୁଧବାର ସକାଳ ସମୟରେ ଏକ ଟ୍ରକ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ନାବାଳକ ଗୁରୁତର ଭାବରେ ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଅଲବାହାଲର ବଦିବାହାଲ ଗ୍ରାମର ସାମନ୍ତ ଗଉଡ (୩୫)। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ କୋଇଲା ପରିବହନ ବନ୍ଦ ରହିଥିଲା। ଗୁରୁତର ନାବାଳକଙ୍କୁ ପ୍ରଥମେ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ମୃତ ଛାତ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ବନ୍ଧମୁଣ୍ଡା, ୧୬।୭(ସୁବ୍ରତ ଦେ)**

ବାଲେଶ୍ୱର ଏଫ୍.ଏମ୍. କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ବିୟୋଗ ଉପରେ ଶୋକବ୍ୟକ୍ତ କରିବାକୁ ବନ୍ଧମୁଣ୍ଡା ସି ସେକ୍ଟର ସ୍ଥିତ ବଙ୍ଗ ଭାରତୀଠାରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି। ଏହି ସଭାରେ ବନ୍ଧମୁଣ୍ଡା ଅଞ୍ଚଳର ବିଭିନ୍ନ ରାଜନୈତିକ ସଙ୍ଗଠନ ସମେତ ସାମାଜିକ କର୍ମୀମାନେ ଉପସ୍ଥିତ ହୋଇ ମୃତ ଛାତ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସଭାର ଆରମ୍ଭରେ ଦୀପ ପ୍ରଜ୍ୱଳନ ଓ ମୌନ ପାଳନ ମାଧ୍ୟମରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ତା'ପରେ ଉପସ୍ଥିତ ଲୋକମାନେ ହାତରେ ମହମବତୀ ଧରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ମୃତ ଛାତ୍ରୀ ଏବଂ ତାଙ୍କର ପରିବାରକୁ ଉଚିତ ନ୍ୟାୟ ପ୍ରଦାନ କରିବା ଏବଂ ଦୋଷୀଙ୍କୁ ଉଚିତ ଦଣ୍ଡ ଦେବା ପାଇଁ ଦାବି କରିଥିଲେ। ଏହା ସହିତ ରାଜ୍ୟର ସମସ୍ତ ଛାତ୍ରୀଙ୍କୁ ଉଚିତ ସୁରକ୍ଷା ଦେବା ପାଇଁ ମଧ୍ୟ ଦାବି କରାଯାଇଛି। ଏହି ଅବସରରେ ସୁପ୍ରିୟା ତନ୍ତୀ, ସୋମା ଦେ, ମଞ୍ଜୁ ସିଂ, ରୋଷଣୀ ମୁଖୀ, ପୂର୍ଣ୍ଣିମା ସେନ, ଭାରତୀ ସିଂ, ଲିନା ନାଇଡୁ, ଜୟା ସିଂ, ଚନ୍ଦନ ତରାଇ, ନୀତିଶ ମୁଖୀ, ରିଶବ୍ ଘୋଷ, ବିକାଶ ଏକ୍କା, ଧରମବୀର ରାମ, ଗୁଲସନ ଚୌଧୁରୀ, ମଧୁମିତା ଦାସ, ସ୍ନେହା କାଳନ୍ଦୀ ଉପସ୍ଥିତ ଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଜନସାଧାରଣ।

# ଓଡ଼ିଶା ବନ୍ଦକୁ ସଫଳ ପାଇଁ ଆହ୍ୱାନ

**ସୁନ୍ଦରଗଡ଼,୧୬।୭(ଜୟ ନାରାୟଣ ମେଣ୍ଢୁଲି)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ସହକାରୀ ପ୍ରଫେସରଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସରକାରଙ୍କୁ ଦାୟୀ କରି ୧୭ତାରିଖ ଓଡିଶା ବନ୍ଦ ପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଡାକରା ଦେଇଛି। ଏହି ବନ୍ଦ ଡାକରାକୁ ସଫଳ କରିବାକୁ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ନିବେଦନ କରାଯାଇଛି। ବୁଧବାର ଅପରାହ୍ନରେ ଜିଲା କଂଗ୍ରେସ କମିଟିର ସଂଯୋଜକ ନିର୍ମଳ ନାଏକ ଏକ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଏଥିପାଇଁ ସରକାରଙ୍କ ହୁଗୁଳା ଶାସନ ବ୍ୟବସ୍ଥା ହିଁ ଦାୟୀ ବୋଲି କହିଛନ୍ତି। ଛାତ୍ରୀ ଜଣକ ସମସ୍ତଙ୍କୁ ନ୍ୟାୟ ମାଗି ବିଫଳ ହେବାପରେ ପରିଶେଷରେ ନିଜ ଜୀବନ ହାରିବା ଘଟଣା ଦୁଃଖର ବିଷୟ। ଗୁରୁବାର ସକାଳ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସୁନ୍ଦରଗଡରେ ଶାନ୍ତିପୂର୍ଣ୍ଣ ଭାବେ ଏହି ବନ୍ଦ ପାଳନ କରାଯିବ। ସମସ୍ତ ଦୋକାନ ବଜାର, ଅଫିସ କଚେରୀ, ସ୍କୁଲ କଲେଜ, ବ୍ୟାଙ୍କ ବ୍ୟବସାୟ ପ୍ରତିଷ୍ଠାନ ଓ ଯାନବାହନ ଚଳାଚଳ ବନ୍ଦ ରହିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ପର୍ଶୁରାମ ସରାଫ,ପୂର୍ବତନ କାଉନସିଲର ଶ୍ୟାମ ନନ୍ଦନ ସହାୟ ,ଦେବାଶିଷ ଦାସ,ଏମଡି ସୋହେଲ, ଚଗନି ସାହୁ, ମନସୁର ଅଲୀ, ମନୋଜ ମହାରଣା, ଦିଲୀପ କୁମୁରା ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଂଗ୍ରେସ କାର୍ଯ୍ୟକର୍ତ୍ତା।

# ନର୍ଦ୍ଦମା ପାଣି: ରାସ୍ତାରେ ଜମୁଛି, ଘରେ ପଶୁଛି


ରାସ୍ତା ଓ ଘରେ ଜମିରହିଥିବା ନର୍ଦ୍ଦମା ପାଣି।

**ଦେବଗଡ଼,୧୬।୭ (ଶଶାଙ୍କ ଶେଖର ଝାଙ୍କର)**

ରାସ୍ତା ଉପରେ ଅନବରତ ପ୍ରବାହିତ ହେବା ସହ ଘର ଭିତରେ ପଶୁଛି ନର୍ଦ୍ଦମା ପାଣି। ତେବେ ଏହା କୌଣସି ଗ୍ରାମ କିମ୍ବା ଗଳିରାସ୍ତାରେ ନୁହେଁ, ବରଂ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଦେବଗଡ଼ ପୌରାଞ୍ଚଳର ମୁଖ୍ୟ ବଜାର ଓ ଗୋପାଲ୍‌ଜୀ ମନ୍ଦିର ଦେଇ ଦେବଗଡ଼ ମହାବିଦ୍ୟାଳୟ, ଜିଲା ନ୍ୟାୟାଳୟ, ଜିଲା ପରିଷଦ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ହାତୀଶାଳ ଛକ(୬ ନମ୍ବର ୱାର୍ଡ) ନିକଟ ରାସ୍ତାରେ। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷେ ଜଣେ ଅସାଧୁ ବ୍ୟକ୍ତି ଘର ପଛପାର୍ଶ୍ୱରେ ଥିବା ସରକାରୀ ଜମିକୁ ଦଖଲକରି ପୂର୍ବରୁ ଥିବା ଅସ୍ଥାୟୀ ଡ୍ରେନ୍‌କୁ ବେଆଇନ ଭାବେ ଅବରୋଧ କରିଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ରାସ୍ତା ଉପରେ ବର୍ଷାପାଣି ଲହଡ଼ି ଭାଙ୍ଗିବା ସହ ଘର ଭିତରେ ପଶୁଛି। ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ କୁମାର ପାଢ଼ୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ସମାଧାନ ପାଇଁ ଦାବି କରିଛନ୍ତି। ଏଭଳି ପରିସ୍ଥିତିରେ ପୂର୍ତ୍ତ ବିଭାଗ ଉକ୍ତ ରାସ୍ତାପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବା ସହ ପୌର ପରିଷଦ କର୍ତ୍ତୃପକ୍ଷ ଜମି ରହିଥିବା ବର୍ଷାଜଳ ନିଷ୍କାସନ କରି ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି।

## କମ୍ପାନୀରେ ଡ୍ରାଇଭରଙ୍କୁ ମାଡ଼

**ଝାରସୁଗୁଡ଼ା, ୧୬।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ହିର୍ମାଠାରେ ଥିବା ଏକ କମ୍ପାନୀରେ ଜଣେ ଡ୍ରାଇଭରଙ୍କୁ କମ୍ପାନୀର ଠିକାଦାର ମାଡ଼ ମାରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ବଡ଼ମାଳ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ବଡ଼ମାଳ ଥାନା ଅନ୍ତର୍ଗତ ହିର୍ମା ଗ୍ରାମର ରାଜେଶ ନାଇକ(୨୪) ଉକ୍ତ କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ କୌଣସି କାରଣରୁ ସେ କମ୍ପାନୀକୁ କାର୍ଯ୍ୟ କରିବାକୁ ଆସି ନ ଥିଲେ। ଫଳରେ କମ୍ପାନୀ କର୍ତ୍ତୃପକ୍ଷ ଓ କମ୍ପାନୀର ଜଣେ ଠିକାଦାର ବୁଧବାର ରାଜେଶଙ୍କୁ କମ୍ପାନୀ ଭିତରକୁ ଡାକିବା ସହ ଗାଡ଼ି ଚଲାଇବାକୁ କାହିଁକି ଆସୁନୁ ବୋଲି ପଚାରିଥିଲେ। ତୁମ ପାଇଁ କମ୍ପାନୀର କେତେ କ୍ଷତି ହୋଇଛି ବୋଲି କହି ମାଡ଼ ମାରିଥିଲେ। ଚିକିତ୍ସା ଲାଗି ରାଜେଶଙ୍କୁ ଝାରସୁଗୁଡା ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସିଟିସ୍କାନ କରିବା ପରେ ତାଙ୍କର ଗୋଡ଼ ଭାଙ୍ଗିଯାଇଥିବା ରିପୋର୍ଟରୁ ଜଣାପଡିଥିଲା। ଏନେଇ ବଡ଼ମାଳ ଥାନାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ରାଜେନ୍ଦ୍ର ଶିଆଳ କହିଛନ୍ତି।

## ବିଦ୍ୟାଳୟରେ ୨ ଛାତ୍ରୀଙ୍କୁ ଅସଦାଚରଣ ଘଟଣା: ଶିକ୍ଷକ ନିଲମ୍ବିତ

**ଲଇକେରା, ୧୬।୭(ରଞ୍ଜନ କୁମାର ମେହେର)**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳର ଏକ ହାଇସ୍କୁଲରେ ୨ ଜଣ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ସ୍କୁଲର ଶିକ୍ଷକ ତ୍ରୈଲୋକ୍ୟନାଥ ମହାପାତ୍ର। ଏହାପରେ ଲଇକେରା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ହିମାଂଶୁ ବାଗ୍ ସମ୍ପୃକ୍ତ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ତ୍ରୈଲୋକ୍ୟନାଥ କ୍ଲାସ୍‌ରୁମ୍‌ରେ ପାଠ ପଢାଉଥିବାବେଳେ ୨ ଜଣ ଛାତ୍ରୀଙ୍କୁ ପାଖକୁ ଡାକି ଅସଦାଚରଣ କରିଥିଲେ। ଛାତ୍ରୀ ଦ୍ୱୟ ଘରକୁ ଯାଇ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଛାତ୍ରୀ ଦ୍ୱୟଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା(ନଂ.୨୨୦/୨୫) ରୁଜୁ କରିଥିଲା। ସେହିପରି ଛାତ୍ରୀ ଦ୍ୱୟଙ୍କ ବାପା ଘଟଣା ସମ୍ପର୍କରେ ବିଇଓଙ୍କୁ ଜଣାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। ତଦନ୍ତ ପରେ ଘଟଣାର ସତ୍ୟତା ଥିବା ଜଣାପଡିବାରୁ ତ୍ରୈଲୋକ୍ୟନାଥଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

## ଇଏସ୍‌ଆଇ ହସ୍ପିଟାଲ ପାଇଁ ଜମି ଚିହ୍ନଟ


ହସ୍ପିଟାଲ ପାଇଁ ଜମି ଚିହ୍ନଟ କରାଯାଉଛି।

**ଝାରସୁଗୁଡ଼ା, ୧୬।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ାରେ ୧୦୦ ୱାର୍ଡ ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ନିର୍ମାଣ କରାଯିବ। ଏଥିପାଇଁ ଇଡ୍‌କୋ ପକ୍ଷରୁ ବୁଧବାର ଜମି ଚିହ୍ନଟ କରାଯାଇ ଇଏସ୍‌ଆଇସି ବିଭାଗକୁ ହସ୍ତାନ୍ତର କରାଯାଇଛି। ଝାରସୁଗୁଡ଼ା ୟୁନିଟ୍-୨ସ୍ଥିତ ପଞ୍ଚପଡ଼ାଠାରେ ଥିବା ଖାତା ନମ୍ବର ୮୭୮, ପ୍ଲଟ୍ ନମ୍ବର ୨୦୬୦/୬୪୩୦(ପି), ଏରିଆ ୫ ଏକରକୁ ଇଡ୍‌କୋର ଲ୍ୟାଣ୍ଡ ଅଫିସର ଅମୂଲ୍ୟ ବାଗ୍ ଇଏସ୍‌ଆଇସି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇଡ୍‌କୋ, ଇଏସ୍‌ଆଇସି ବିଭାଗର ଅଧିକାରୀଙ୍କ ସହିତ ପ୍ରେମ୍‌ସେନ ରାୟ, ଅରବିନ୍ଦ ପାଠକ ଏବଂ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

## ଦୋକାନ ସମ୍ମୁଖରୁ ସ୍କୁଟି ଚୋରି

**ଝାରସୁଗୁଡ଼ା,୧୬।୭(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ଥାନା ଅଧୀନ କକ୍ସ କଲୋନୀର ଏକ ଦୋକାନ ସମ୍ମୁଖରୁ ସ୍କୁଟି ଚୋରି ହୋଇଥିବା ଅଭିଯୋଗ ହୋଇଛି। କକ୍ସ କଲୋନୀ ବବୁଆ ବଗିଚା ଅଞ୍ଚଳର ଆକାଶ କୁମାର ଯାଦବ ଉକ୍ତ ଦୋକାନ ସମ୍ମୁଖରେ ନିଜ ସ୍କୁଟି ରଖି ଜେରକ୍ସ କରିବା ପାଇଁ ଭିତରକୁ ଯାଇଥିଲେ। ସେଠାରୁ ଫେରିବା ପରେ ସ୍କୁଟି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଆକାଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ୬ ବିଦ୍ୟୁତ୍ ଉପଭୋକ୍ତା ପୁରସ୍କୃତ


କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଗହଣରେ ପୁରସ୍କୃତ ଉପଭୋକ୍ତା।

**ଝାରସୁଗୁଡ଼ା,୧୬।୭(ଆଶିଷ ରଞ୍ଜନ ଦାଶ)**

### ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଖୁଲ୍‌ଜା ସିମ୍‌ସିମ୍ ଯୋଜନା

ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଖୁଲ୍‌ଜା ସିମ୍‌ସିମ୍ ବା ପେ' ଆଣ୍ଡ ୱିନ୍ ଯୋଜନାରେ ପ୍ରତି ମାସରେ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଟିପିଡବ୍ଲ୍ୟୁଓଡିଏଲ୍ ବ୍ରଜରାଜନଗର ବିଦ୍ୟୁତ୍ ସବ୍‌ଡିଭିଜନ ପକ୍ଷରୁ ବୁଧବାର ବୁଢୀପଦରସ୍ଥିତ ଗ୍ରୀଡ୍ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏପ୍ରିଲ ମାସର ବିଲ୍ ପଇଠ କରିଥିବା ୬ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଛି। ବ୍ରଜରାଜନଗର ସେକ୍ସନର ଧର୍ମେନ୍ଦ୍ର ଯାଦବ ଓ ଗାନ୍ଧୀଛକ ସେକ୍ସନର ମୋହନ ପାଣ୍ଡେଙ୍କୁ ପ୍ରଥମ, ଲମ୍ଟିବାହାଲ ସେକ୍ସନର ଖଗେଶ୍ୱର ରାଉତ ଓ ବ୍ରଜରାଜନଗର ସେକ୍ସନର ଧର୍ମେନ୍ଦ୍ର କୁମାରଙ୍କୁ ଦ୍ୱିତୀୟ ଏବଂ ଗାନ୍ଧୀଛକ ସେକ୍ସନର ସୁଧାକର ବିଶ୍ୱାଳ ଓ ଲମ୍ଟିବାହାଲ ସେକ୍ସନର ରାମଚନ୍ଦ୍ର ପାଶ୍ୱାନଙ୍କୁ ତୃତୀୟ ବିଜେତା ଭାବେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ସବ୍‌ଡିଭିଜନାଲ ଅଧିକାରୀ ସୁକାନ୍ତ କୁମାର ପାଢ଼ୀ କହିଛନ୍ତି, ଠିକ୍ ସମୟରେ ବିଲ୍ ପଇଠ କରୁଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉତ୍ସାହିତ କରିବା ଏହି ଯୋଜନାର ଲକ୍ଷ୍ୟ। ତଦନୁଯାୟୀ, ଲକି ଡ୍ର ମାଧ୍ୟମରେ ଚୟନ କରାଯାଇ ଉପରୋକ୍ତ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଛି। ତେଣୁ ପ୍ରତି ମାସରେ ବିଦ୍ୟୁତ୍ ବିଲ୍ ପଇଠକରି ଏହି ଯୋଜନାରେ ସାମିଲ ହୋଇ ଉପହାର ଜିତିବାର ସୁଯୋଗ ନେବାକୁ ପାଢ଼ୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଦ୍ୟୁତ୍ ଡିଭିଜନ ନିର୍ବାହୀଯନ୍ତ୍ରୀ ସୁଜିତ୍ ବେହେରା ଅତିଥି ଭାବେ ଯୋଗଦେଇ ପ୍ରତି ମାସରେ ବିଦ୍ୟୁତ୍ ବିଲ୍ ପଇଠ କରିବା ପାଇଁ ଗ୍ରାହକଙ୍କୁ ଅନୁରୋଧ କରିଥିଲେ। ଏଥିରେ ବ୍ରଜରାଜନଗର ବିଦ୍ୟୁତ୍ ଡିଭିଜନ ଏବଂ ସବ୍‌ଡିଭିଜନର ଅନେକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶିବିରରେ ୧୪୪ ଜଣଙ୍କ ଚକ୍ଷୁ ପରୀକ୍ଷା


ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

**ଝାରସୁଗୁଡ଼ା/ବେଲପାହାଡ଼,୧୬।୭ (ଆଶିଷ ରଞ୍ଜନ ଦାଶ/ ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆରଏଲ୍ କ୍ରୋସାକି କମ୍ପାନୀ ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ବେଲପାହାଡ଼ର ଠୁଙ୍ଗିଆଡେରା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୪୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପରେ ୪୩ ଜଣଙ୍କୁ ଚଷମା ପ୍ରଦାନ ସହ ୧୭ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁରସ୍ଥିତ ତ୍ରିଲୋଚନ ନେତ୍ରାଳୟକୁ ନିଆଯାଇଛି। ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସିଏସ୍‌ଆର୍ ବିଭାଗର କର୍ମଚାରୀ ଜ୍ୟୋତିର୍ମୟୀ ପଟ୍ଟନାୟକ, ଭାସ୍କର ରଣା, ଅକ୍ଷୟ ସିଂ, ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ବିଶେଷଜ୍ଞ ଡା. କୁମାର ଉତ୍କର୍ଷ, ସ୍ୱାସ୍ଥ୍ୟ କର୍ମଚାରୀ ଶ୍ରୀ ଚାଟାର୍ଜୀ, ପରିତୋଷ ବାରିକ, ତିଥି ମହାତୋ, ସୁନନ୍ଦା ଡିଲା, ନମିତା ଓରାମ, ଲକ୍ଷ୍ମୀପ୍ରିୟା ଭୋଇଙ୍କ ସମେତ ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ୧ରେ ପଦାର୍ପଣ ସମାରୋହ

**ସମ୍ବଲପୁର,୧୬।୭(ବି.ଶଙ୍କର)**

ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ବାର୍ଷିକ ପଦାର୍ପଣ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ବିଦ୍ୟାଳୟର ବାଳକ ବର୍ଗରେ ସଂସ୍କାର କୁମାର ଏବଂ ବାଳିକାରେ ଅନ୍ୱେଷା ପୂଜାରୀଙ୍କୁ ସ୍କୁଲ କ୍ୟାପ୍ଟେନଭାବେ ଘୋଷଣା କରାଯାଇଥିଲା । ସେହିପରି ଶୁଭମ ମହାରଣା ଏବଂ ପାୟଲ ବାବୁଙ୍କୁ ସ୍କୁଲ ଭାଇସ କ୍ୟାପଟେନଭାବେ ନିଯୁକ୍ତ କରାଯାଇଛି। ଏଥିସହ ବିଦ୍ୟାଳୟ ଛାତ୍ର ଅନିମେଶ ଦାରୱାନ ଏବଂ ଛାତ୍ରୀ ସିଦ୍ଧି ପଣ୍ଡା କ୍ରୀଡା କ୍ୟାପଟେନଭାବେ ଚୟନ କରାଯାଇଛି।

ପ୍ରଧାନଶିକ୍ଷକ ରଣରଞ୍ଜନ ସିଂହ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ବଳରାମ ମିଶ୍ର ଏବଂ କ୍ରୀଡା ଶିକ୍ଷୟିତ୍ରୀ ସୁଶ୍ରୀ ସୋନାଲି କିସ୍ପୋଟା ସମ୍ମାନୀତ ଅତିଥିଭାବେ ଯୋଗଦେଇ ହାଉସ ମାଷ୍ଟର୍ସ ଏବଂ ଆସୋସିଏଟ ହାଉସ ମାଷ୍ଟର୍ସଙ୍କୁ ଆନୁଷ୍ଠାନିକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ନବନିଯୁକ୍ତ ନେତାମାନଙ୍କୁ ସ୍କୁଲ ଏବଂ ଘର ପତାକା, ସାଶ ଏବଂ ବ୍ୟାଜ ବଣ୍ଟନ କରାଯାଇଥିଲ । ସ୍କୁଲର ଶିବାଜୀ, ଟାଗୋର, ଅଶୋକ ଏବଂ ରମଣ ହାଉସର ଛାତ୍ରୀଛାତ୍ରମାନେ ସମାରୋହରେ ସାମିଲ ହୋଇଥିଲେ । ଶିବାଜୀ ହାଉସ ମହେନ୍ଦ୍ର ବରାଇଙ୍କ ସହ ଆସୋସିଏଟ୍ ହାଉସ ମାଷ୍ଟର ଶ୍ରୀମନ୍ତ କୁମାର ତ୍ରିପାଠୀ, ଟାଗୋର ହାଉସର ଗଣ୍ଡାରାମ ମେହେର ଏବଂ ଆସୋସିଏଟ୍ ହାଉସ ମାଷ୍ଟର ସୁବ୍ରତ କୁମାର ବାରିକ୍, ଅଶୋକ ହାଉସର ମାର୍ଗଦର୍ଶିକା ସରୋଜ କୁମାର ବିଶ୍ୱାଳ ଏବଂ ଆସୋସିଏଟ୍ ହାଉସ ମାଷ୍ଟର ପ୍ରିୟଙ୍କା, ରମଣ ହାଉସର ବାସୁଦେବ ଦଳବେହେରା ଏବଂ ଆସୋସିଏଟ୍ ହାଉସ ମାଷ୍ଟର ଦେବାଶିଷ ସାମଲଙ୍କ ତତ୍ତ୍ୱାଧାନରେ ସମାରୋହ ହୋଇଥିଲା। ପ୍ରଧାନଶିକ୍ଷକ ସିଂହ ବିଦ୍ୟାଳୟ ପରିଷଦର ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ । ପରିଷଦକୁ ଏକତା, ଶୃଙ୍ଖଳା ଏବଂ ସେବାର ମୂଲ୍ୟବୋଧକୁ ଗ୍ରହଣ କରିବାକୁ ଉଚିତ। ଏଥିସହ ଛାତ୍ର ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନଙ୍କୁ ବିଦ୍ୟାଳୟ ଏବଂ ସମାଜର ପ୍ରଗତି ପାଇଁ ଏକାଠି କାମ କରିବାକୁ ସିଂ ଅନୁରୋଧ କରିଥିଲେ। ସମାରୋହକୁ ପ୍ରମୋଦ କୁମାର ସାହୁ ସଂଯୋଜନା କରିଥିବାବେଳେ ମନପ୍ରୀତି ସାହୁ ଉଦ୍‌ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ କମଳ ଲୋଚନ ଦେହୁରୀ, ସୁଧାଂଶୁ ନାଏକ, ଅଜନ୍ତା ପଣ୍ଡା ଏବଂ ସୁବ୍ରତ ବାରିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।


ପଦାର୍ପଣ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**କୁଚିଣ୍ଡା,୧୬।୭(ବିରଞ୍ଚି ଦର୍ବା)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଗୋଛରାରେ ପଞ୍ଚାୟତ ଜିପିଏଲଫ ଘର ନିର୍ମାଣ ସମୟରେ ନିୟୋଜିତ ବଙ୍ଗାଳୀ ଶ୍ରମିକଙ୍କ ବିଦ୍ୟୁତ୍‌ଆଘାତଜନିତ ମୃତ୍ୟୁ ଘଟିଛି। ମୃତକ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜିଲା ଶିକାରପୁର(ଫାରକା)ଥାନା ସହରଣପୁର ଗ୍ରାମର ସାମାୟୁନ ସେଖ(୩୫)। କୁଚିଣ୍ଡା ପୋଲିସ ଏନେଇ ଥାନାରେ ଏକ ମାମଲା(ନଂ.୩୦/୨୫) ରୁଜୁ କରିଛି। ମୃତକଙ୍କ ପରିବାର ଲୋକ ଆସିଲେ ଗୁରୁବାର ମୃତଦେହ ବ୍ୟବଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି। ମୃତଦେହକୁ କୁଚିଣ୍ଡା ମେଡିକାଲ ମେଡିକାଲ ଫ୍ରିଜରରେ ରଖାଯାଇଛି। ସୂଚନା ଅନୁଯାୟୀ, କୁଚିଣ୍ଡା ବ୍ଲକ ପକ୍ଷରୁ ମହୁଲପାଲି ଥାନା ଗୋଛରାରେ ଜିପିଏଲଏଫ ଘର ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। କୁଚିଣ୍ଡାର ଜୟ ପଟ୍ଟନାୟକ ଟେଣ୍ଡର ନେଇ କାମ କରୁଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଶ୍ରମିକ ସାମାୟୁନ ପାଣି ପାଇଁ ଲଗାଯାଇଥିବା ଟୁଲୁ ପମ୍ପର ମୋଟର ସୁଇଚ ଅନ କରିଥିଲେ। କୌଣସି କାରଣରୁ ସୁଇଚରେ କରେଣ୍ଟ ଆସିଯାଇଥିଲା। ଫଳରେ ଶ୍ରମିକ ଜଣକ ଚେତାଶୂନ୍ୟ ହୋଇପଡିଥିଲେ। ସାଥିରେ ଥିବା ଅନ୍ୟମାନେ ସାଙ୍ଗେ ସାଙ୍ଗେ ତାଙ୍କୁ ଗୋଛରାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଜଣେ ହେଲେ ଡାକ୍ତର ନଥିବାରୁ ତାଙ୍କୁ କୁଚିଣ୍ଡା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା
## ଏଲ୍‌ଏନ୍ କଲେଜ ସମ୍ମୁଖରେ ବିକ୍ଷୋଭ


ଏଲ୍‌ଏନ୍ କଲେଜ ଫାଟକ ସମ୍ମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଛାତ୍ରୀଛାତ୍ର।

**ଝାରସୁଗୁଡ଼ା,୧୬।୭(ଆଶିଷ ରଞ୍ଜନ ଦାଶ)**

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାକୁ ନେଇ ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ(ଏଲ୍‌ଏନ୍) କଲେଜ ସମ୍ମୁଖରେ ବୁଧବାର ପୂର୍ବାହ୍ନରେ ଜିଲା ଛାତ୍ର ସାମ୍ମୁଖ୍ୟ ଲକ୍ଷ୍ମୀନାରାୟଣ କଲେଜ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ ଘଟଣାର ନ୍ୟାୟିକ ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଦାବି କରାଯାଇଛି। ନାରୀ ନିର୍ଯାତନା ବନ୍ଦ କରିବା, ନିର୍ଯାତିତା ଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଭଳି ବିଭିନ୍ନ ସ୍ଲୋଗାନ୍ ଦିଆଯାଇଥିଲା। ଜିଲା ଛାତ୍ର ସାମ୍ମୁଖ୍ୟ ସଂଯୋଜକ ରବି ରୋହିଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଏଲ୍.ଏନ୍. କଲେଜ ଫାଟକ ସମ୍ମୁଖରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ କଲେଜରେ ଉକ୍ତ ଘଟଣାର ପୁନରାବୃତ୍ତି ନ ହେବା ଦିଗରେ ଜାଗ୍ରତ ରହିବା ସହିତ ରାଜ୍ୟ ସରକାର ଛାତ୍ରୀଙ୍କ ସୁରକ୍ଷା ପାଇଁ ନୂତନ ନିୟମାବଳୀ ଲାଗୁ କରିବାକୁ ଦାବି କରାଯାଇଛି।

## 'ରାଜଯୋଗ ମନରେ ସ୍ଥିରତା ଆଣିଥାଏ'

**ଝାରସୁଗୁଡ଼ା/ବେଲପାହାଡ଼, ୧୬।୭ (ଆଶିଷ ରଞ୍ଜନ ଦାଶ/ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ବ୍ରହ୍ମାକୁମାରୀ ପକ୍ଷରୁ ରାଜଯୋଗ ଶିବିର ଗୁମାଡେରା ମାଳିପଡ଼ାସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ମୁଖ୍ୟାଳୟ ମାଉଣ୍ଟଆବୁର ରାଜଯୋଗୀ ଭଗବାନ ଭାଇ ଯୋଗଦେଇ କହିଛନ୍ତି, ରାଜଯୋଗ ଦ୍ୱାରା ମନରେ ସ୍ଥିରତା ଆଣିବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ। ଆଶ୍ରମର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଶିଖାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ବିଜୟ ଦୀକ୍ଷିତ, ଲବ ପଧାନ, ପ୍ରଦୀପ ବିଶ୍ୱାଳ, ପୀତବାସ, ଦୟାନିଧି, ପ୍ରଭାତ, ବ୍ରହ୍ମାକୁମାରୀ କମଳା, ମୋନା, ସୀମା ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ଅନୁଗାମୀ ଭଉଣୀ, ଭାଇ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

## ଏମ୍‌ସିଏଲ୍‌ରେ ଓବିସିଙ୍କୁ ୨୭% ସଂରକ୍ଷଣ ଦାବି

**ବ୍ରଜରାଜନଗର, ୧୬।୭ (ବିଜୟ ବରାଡ଼)**

ଓବିସି କୋଇଲା ଖଣି କର୍ମଚାରୀ କଲ୍ୟାଣ ସଂଘର କେନ୍ଦ୍ରୀୟ ସଭାପତି ଗୋଲାପ ସିଂହ ଓ ସାଧାରଣ ସମ୍ପାଦକ ଜୟ ବାହାଦୂର ସିଂହ ଯାଦବ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଇବ୍ ଭ୍ୟାଲି କୋଇଲା କ୍ଷେତ୍ର ଗେଷ୍ଟ ହାଉସ୍‌ରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେମାନେ ଯୋଗଦେଇ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ରେ ଓବିସିଙ୍କୁ ୨୭% ସଂରକ୍ଷଣ ଦେବା ପାଇଁ କୋଲ୍ ଇଣ୍ଡିଆ ନିକଟରେ ଦାବି କରିଛନ୍ତି। ସେହିପରି କୋଲ୍ ଇଣ୍ଡିଆ ଅଧୀନରେ ଥିବା ଅନ୍ୟ କୋଇଲା କମ୍ପାନୀରେ ୨୭% ସଂରକ୍ଷଣ ଲାଗୁ କରାଯାଇଥିବାବେଳେ ଏମ୍‌ସିଏଲ୍‌ରେ ୧୨% ଲାଗୁ କରାଯାଉଛି। ଏହାକୁ ବିରୋଧ କରିବା ସହ କଲ୍ୟାଣ ସଂଘର କେନ୍ଦ୍ରୀୟ ସଭାପତି ଓ ସାଧାରଣ ସମ୍ପାଦକଙ୍କ ସମେତ ସ୍ଥାନୀୟ କର୍ମକର୍ତ୍ତା ୨୭% ସଂରକ୍ଷଣ ଲାଗୁ କରିବା ପାଇଁ ଗଣମାଧ୍ୟମ ଜରିଆରେ ଦାବି କରିଛନ୍ତି। କେନ୍ଦ୍ରୀୟ ପ୍ରତିନିଧିମାନେ ବିଭିନ୍ନ କୋଇଲା ଖଣି ଅଞ୍ଚଳ ବୁଲିବା ସହ ଓବିସି କୋଇଲା ଖଣି କର୍ମଚାରୀ କଲ୍ୟାଣ ସଂଘକୁ ମଜଭୁତ କରିବା ପାଇଁ କହିଥିଲେ। ଆଗାମୀ ଦିନରେ ଜିଲା ଓ ସହରସ୍ତରରେ ଏହି ସଙ୍ଗଠନ ସୁଦୃଢ଼ ହୋଇ କାର୍ଯ୍ୟ କରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଏମ୍‌ସିଏଲ୍ ପ୍ରଭାରୀ ପ୍ରକାଶ ରାଏ, ମିଥିଲେଶ ସିଂହ, ମକରଧ୍ୱଜ ପ୍ରଧାନ, ସୂର୍ଯ୍ୟନାରାୟଣ ପଟେଲ, ମନୋଜ ପ୍ରଧାନ, ଅଶୋକ ନାୟକ, ବୀରେନ୍ଦ୍ର ସିଂହ, ବିଶ୍ୱନାଥ ସାହୁ, ଚନ୍ଦନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଓବିସି କୋଇଲା ଖଣି କର୍ମଚାରୀ କଲ୍ୟାଣ ସଂଘର କେନ୍ଦ୍ରୀୟ ସଭାପତି ଗୋଲାପ ସିଂହ, ସାଧାରଣ ସମ୍ପାଦକ ଜୟ ବାହାଦୂର ସିଂହ ଯାଦବ ଓ ଅନ୍ୟମାନେ।

# ମେଟ୍ରୋ ପ୍ରକଳ୍ପର ପରବର୍ତ୍ତୀ ପଦକ୍ଷେପ ନେଇ ବୈଠକ

**ଭୁବନେଶ୍ୱର,୧୬।୭(ସୁନିତ୍ ମିଶ୍ର)**

**ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହ ଆଲୋଚନାକଲେ ସରକାର**

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନ କନ୍ଫରେନ୍ସ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା, ଯାହାର ଅଧ୍ୟକ୍ଷ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଅଛନ୍ତି। ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ ସେନେଇ ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି। ଏଥିସହ ଭୁବନେଶ୍ୱର ସହରର ଦୃଢ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ୍ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ୍, ରେଳ-ସଡ଼କ ପରିବହନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଜନସାଧାରଣଙ୍କ ହିତ ଓ ଟ୍ରାଫିକ୍ ଡିକ୍ଞ୍ଜେକ୍ସନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା ହୋଇଛି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଛନ୍ତି।

# ଯୁକ୍ତ୩ ସ୍ୱଟ୍ ନାମଲେଖା ୩ ଦିନ ବଢ଼ିଲା

**ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)**

ଚଳିତ ଶିକ୍ଷାବର୍ଷର ସ୍ନାତକ (ଯୁକ୍ତ୩) ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହୋଇଯାଇଛି। ଏଥିସହ ସ୍ୱଟ୍ ନାମଲେଖା ମଧ୍ୟ ଚାଲିଛି। ବୁଧବାର ସ୍ୱଷ୍ଟ ନାମଲେଖାର ଶେଷଦିନ ଥିବାବେଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାକୁ ଆଉ ୩ ଦିନ ବୃଦ୍ଧି କରାଯାଇଛି। ନାମଲେଖା ପ୍ରକ୍ରିୟାର ଫେଜ୍-୧ ତୃତୀୟ ପର୍ଯ୍ୟାୟ ଶେଷହେବା ପର୍ଯ୍ୟନ୍ତ ୧,୬୦,୨୫୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ତେବେ ଫେଜ୍-୧ ସ୍ୱଟ୍ ନାମଲେଖା ପ୍ରକ୍ରିୟା ୧୬ ତାରିଖରେ ଶେଷହେବାକୁ ଥିଲା। ହେଲେ ଏହି ଅବଧିକୁ ଆସନ୍ତା ୧୯ ତାରିଖକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବୃଦ୍ଧି କରାଯାଇଛି। ସାମ୍ସ ଅଧୀନରେ ସ୍ନାତକ ପାଠ୍ୟକ୍ରମ ପ୍ରଦାନ କରୁଥିବା ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ୱଟ୍ ନାମଲେଖା ପ୍ରକ୍ରିୟାକୁ ବର୍ଦ୍ଧିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

# ସେବକ/ସେବିକା, ଟିଏଲ୍‌ଟି ପ୍ରିଲିମ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର,୧୬।୭(ସୁଚିସ୍ମିତା ସାହୁ)**

ଓଏସ୍ଏସ୍ଏସ୍‌ସି ପକ୍ଷରୁ ୧୭ ତାରିଖ ଗୁରୁବାର ହେବାକୁ ଥିବା ସେବକ/ସେବିକା ଓ ଟ୍ରାଇବାଲ ଲାଙ୍ଗୁଏଜ୍ ଟିଚର(ଟିଏଲ୍‌ଟି) ପ୍ରିଲିମନାରୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଓଡିଶା ବନ୍ଦ ଡାକରା ଦିଆଯାଇଥିବାରୁ ପରୀକ୍ଷାର୍ଥୀମାନେ ଯାତାୟାତଜନିତ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏଥିସହ ବିଦ୍ୟାର୍ଥୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପରୀକ୍ଷା ସ୍ଥଗିତ ନିଷ୍ପତ୍ତି ନିଆଯାଇଛି। ପୁନଃ ପରୀକ୍ଷା ତାରିଖ ଜାଣିବା ପାଇଁ ୱେବ୍‌ସାଇଟ୍ ଯାଞ୍ଚ କରିବାକୁ କୁହାଯାଇଛି।

## OFFICE OF THE NOTIFIED AREA COUNCIL, KUCHINDA

Letter No.1818/ NAC, Dated 14.07.2025

**QUOTATION CALL NOTICE**

No.C-Quotations in Sealed Covers are invited by the Executive Officer, NAC Kuchinda from intending Regd. Firms/ Manufactures/Authorized Dealers/ Suppliers dealing with Sanitary SWM Articles for Supply of Sanitary Materials as per the list contained in the Quotation Schedule to NAC, Kuchinda for current FY 2025-26 in the prescribed format attached with the Quotation Schedule which can be obtained from NAC Kuchinda on payment of cost of Tender Paper (non refundable) amounting to 6,000/- in shape of Demand Draft/ Banker's Cheque drawn in favour of Executive Officer, NAC Kuchinda during office hour from Dt.16.07.2025 to 28.07.2025 up 5.30 PM. The quotations must be accompanied with GSTIN Certificate, PAN, Up-to-date Dealership Authorization, Valid Company Price List & EMD of Rs.10,000/- in shape of Demand Dial Banker's Cheque drawn in favour of Executive Officer, NAC, Kuchinda. All Quotations should reach to the undersigned through Speed Post/ Regd. Post/ Courier/ Box Drop by Dt.28.07.2025 within 05.30 P.M. which will be opened on Dt.29.07.2025 at 11.00 AM. in presence of the quotationers or their authorized representatives. The quotation received beyond the above period shall not be entertained. The price quoted should be valid till end of FY 2025-26. The rate should be inclusive all charges and transportation exclusive of taxes.

Sd./- Executive Officer,
Notified Area Council, Kuchinda

OIPR-13121/11/0014/2526

## GOVERNMENT OF ODISHA "e"-PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
## WORKS DEPARTMENT

**TENDER CALL NOTICE**

E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-04/2025-26
Memo No.1866, Dt.10.07.2025

**No.B-301:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:

1. Nature of Work : Building Works
2. No. of Work : 2 Nos.
3. Tender Cost : Rs.10000.00 (On-line)
4. Class of Contractor : Special, A Class & B Class
5. Available of Bid document in the Website : From 10.00 AM of Dt.18.07.2025 upto 05.00 PM of Dt.04.08.2025 upto 5.00 P.M.
6. Date of Opening of Bid : Dt.05.08.2025 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Sd./- Chief Construction Engineer
Khordha (R&B) Circle, Khordha

OIPR-34127/11/0041/2526

## ODISHA UNIVERSITY OF TECHNOLOGY AND RESEARCH
## P.O.:MAHALAXMI VIHAR, BHUBANESWAR-751029

No.KK-

**CORRIGENDUM**

In inviting to Notice No. OUTR/Transport/2025-26/08, Date:12.06.2025 for providing Light Commercial Vehicle (AC) on monthly/ daily basis to **OUTR, Bhubaneswar"** the last date and time of submission of Bid is hereby extended upto 28.07.2025 upto 03.00 P.M.

For details: Please visit: http://www.outr.ac.in

For any query please contact: Prof. Bishnu Narayan Mohapatra Phone No.-7735430820, Email: bnm@outr.ac.in

Sd./- REGISTRAR

OIPR-16005/11/0103/2526

## idco | ODISHA NEW OPPORTUNITIES

No.CAD-1071

## OFFICE OF THE DIVISIONAL HEAD, WS & EC DIVISION-II, IDCO, IDCO TOWERS, BHUBANESWAR-751022

Tender Call Notice No-WS&EC-II/D-1875/01/2025-26/1241
Dated: 07.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | Providing, Laying, Testing of D.I. S/S (K-9) Pipe in water supply distribution system of Rairangpur MSME Park, Dist-Mayurbhanj | Rs.83.25 Lakhs | 04 (Four) Calendar Months |

**1. Other details**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Divisional Head, WS & EC Division-II, IDCO, IDCO Towers, Bhubaneswar-751022 | Bid ID No. WS & EC-II/D-1/ 2025-26 | 17.00 Hours of Dt.24.07.2025 | 17.00 Hours of Dt.11.08.2025 |

**Further details can be seen from the e-Procurement portal: www.tendersodisha.gov.in.** Corrigendum or Addendum if any will not be published in newspapers and can only be seen in **e-Procurement portal www.tenderodisha.gov.in** as well as IDCO website **www.idco.in**

Sd./-Divisional Head WS&EC
Division-II, IDCO, Bhubaneswar

OIPR-14003/11/0201/2526

## GOVERNMENT OF ODISHA
## DEPARTMENT OF AGRICULTURE & FARMER'S EMPOWERMENT
## DIRECTORATE OF HORTICULTURE, ODISHA
## KRUSHI BHAWAN, BHUBANESWAR

DHO-SECII-MISC-0006-2025- 7226 Dt.14.07.2025

**CORRIGENDUM**

No.L-38:In partial modification to the Request for Proposal (RFP) uploaded in www.tendersodisha.gov.in, www.odisha.gov.in vide Advt. No.DHO-SEC-II-MISC-0006-2025-63 under the title "Engagement of professional agencies for setting up of Project Management Unit in Odisha" it is to inform that:-
The following particulars have been updated in the Bidder's data sheet.

**BIDDER DATA SHEET**

| Sl. No. | Particulars | Details |
|---|---|---|
| 7 | Publication of Pre-Bid clarification through Website | 19.07.2025 |
| 8 | Last Date and Time for submission of Bid | 06.08.2025 |
| 9 | Date of Opening of Technical Proposal | To be notified |

As per the above notification, the date of submission of application alongwith all documents mentioned in the RFP has been postponed to 06.08.2025. The same alongwith pre-bid clarification will be published on 19.07.2025 vide corrigendum in the following websites.
**https://agri.odisha.gov.in**
**www.odisha.gov.in**

Sd./- Director of Horticulture
Odisha, Bhubaneswar

OIPR-01425/11/0009/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR

Mail ID: sepwdbalangir@gmail.com
e-Procurement Notice
BID IDENTIFICATION No. CCE(R&B) BGR/09/2025-26

Letter No. 1361 Dtd.09.07.2025

No. B-288: The Chief Engineer, Balangir (R&B) Circle, Balangir on behalf of Governor of Odisha invites percentage rate bid in Double Cover System in ONLINE MODE for the construction of works detailed in the table below from "B" & "A" Class contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building Work
2. No. of Tender : Building Work - 12 Nos.
3. Tender Cost : Rs.10,000/-
4. Class of Contractor : "B" & "A" Class
5. Date & Time of sale & receipt of Bids : From Dt.22.07.2025, 05.00 P.M. to Dt.05.08.2025 upto 05.00 P.M.
6. Date of opening Bid : Dt.06.08.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

Sd./- Chief Construction Engineer
Balangir (R&B) Circle, Balangir

OIPR-34131/11/0019/2526

## ODISHA POLICE, OISF, HEADQUARTERS

Plot No. 139(P), Keshari nagar, Unit - V, Bhubaneswar

**ବିଜ୍ଞାପନ**

କନେଷ୍ଟେବଳ – ୩୮୫ ଶକ୍ତି ପ୍ରସାଦ ସାହୁ
ପିତା – ରବୀନ୍ଦ୍ରନାଥ ସାହୁ
ଗ୍ରାମ/ପୋଷ୍ଟ – ବରଦା
ଥାନା – କିଶନନଗର
ଜିଲ୍ଲା – କଟକ
ପିନ୍ – ୭୫୪୧୩୧

No. D-: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓ.ଶି.ସୁ.ବ., ଏମ୍.ସି.ଏଲ୍., ତାଳଚେର ଶିବିରରେ ସୁରକ୍ଷା ଡିୟୁଟିରେ ଥିବା ସମୟରେ ତା୨୭।୦୩।୨୦୨୫ରିଖ ଅପରାହ୍ନଠାରୁ ତା୦୩।୦୪।୨୦୨୫ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୭ଦିନ ସାମୟିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା୦୪।୦୪।୨୦୨୫ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିରେ ରହିଥିଲେ। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଏ ପର୍ଯ୍ୟନ୍ତ ଯୋଗ ଦେଲେ ନାହିଁ। ଆପଣଙ୍କ ଏତାଦୃଶ୍ୟ ଅନୁପସ୍ଥିତ ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।
ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ତଥା ଓ.ଶି.ସୁ.ବ., ଏମ୍.ସି.ଏଲ୍., ତାଳଚେର ଶିବିରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ନିଆଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ଏକତରଫା ଭାବେ ବିଚାର କରାଯିବ।

ସ୍ୱା./– ଭାରପ୍ରାପ୍ତ ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

OIPR-12029/11/0093/2526

See Career Appointment on every Wednesday & Saturday

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR (MAYURBHANJ)

No. O-

E-Mail ID: eerwrairangpur@yahoo.com

Letter No. 3436 Date: 14.07.2025

**"e" Procurement Notice for Building Works**
Bid Identification No. - RWDRRP-02/2025-26

| | | |
|---|---|---|
| 1. | Name of the Work | Construction of Health Building for the year 2025-26 |
| 2. | Estimated Cost | From Rs.57.51 lakhs to 76.06 lakhs (approximately) |
| 3. | Class of Contractor | 'B' Class or relevant Class of works licence |
| 4. | Period of Completion | 09 (Nine) Calendar Months |
| 5. | Tender paper cost | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W. Division, Rairangpur | RWDRRP-02/2025-26 | 17.07.2025 at 11.00 A.M. | 28.07.2025 upto 5.00 P.M. | 25.07.2025 upto 5.00 P.M. | 29.07.2025 at 11.30 A.M. | 04.08.2025 at 11.30 A.M. |

Further details can be seen from the website **www.tendersodisha.gov.in**.

Sd./- Er. Sanjeet Naik
Executive Engineer, R.W. Division, Rairangpur

OIPR-25107/11/0022/2526

## ODISHA PUBLIC SERVICE COMMISSION, CUTTACK

**NOTICE**

No.5027/PSC Dt.15.07.2025
(1R-13-24/25) (DR-V)

**Assistant Professor (Stage-I) in Logic & Philosophy (Advertisement No. 27 of 2023-24)**

No. D-: It is for information of all concerned that, document verification of **78 (Seventy eight)** candidates having **PPSAN** mentioned below for the post of **Assistant Professor (Stage-I) in "Logic & Philosophy",** pursuant to advertisement No. 27 of 2023-24 shall be held from **28.07.2025 to 30.07.2025** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 28.07.2025 | 10.30 A.M. | P240304827, P240306516, P240309248, P240307951, P220068211, P240296637, P240307004, P240290618, P240298005, P240304297, P240302890, P240281793, P240304876 & P240302295 = **14 Candidates** |
| | 02.30 P.M. | P240301909, P230125478, P230139269, P240306725, P240299098, P240305297, P240305815, P240304933, P240304932, P240292358, P230147440 & P240312459 **= 12 Candidates** |
| 29.07.2025 | 10.30 A.M. | P240304402, P230132885, P230099500, P240310956, P240289832, P240303376, P240262847, P240301465, P240311393, P240308879, P240302449, P240306346, P240305141 & P240300885 = **14 Candidates** |
| | 02.30 P.M. | P240306245, P240306431, P240307831, P240275108, P240300402, P240308103, P240311499, P240307039, P240261511, P240279626, P240282909 & P240304519 **= 12 Candidates** |
| 30.07.2025 | 10.30 A.M. | P230140236, P240311548, P240301506, P220084911, P240279609, P240300516, P240301705, P240284497, P230152751, P240304461, P240272362, P240264946, P240261396 & P240262555 = **14 Candidates** |
| | 02.30 P.M. | P240302587, P240252350, P240299188, P230155459, P240309762, P240300205, P240297992, P240284514, P230112885, P230123512, P240305515 & P220082425 **= 12 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0270/2526 Sd./- Secretary

## ODISHA PUBLIC SERVICE COMMISSION, CUTTACK

**NOTICE**

No. 5023/ PSC Dt.15.07.2025
PF-1E-27-2025/26 (DR - III)

**Recruitment to the Post of Post Graduate Teacher in Discipline - GEOGRAPHY (Advertisement No. 25 of 2023-24)**

No. D-: In continuation to this Office Notice No. 4984/PSC, Dtd.14.07.2025, it is for information of all shortlisted candidates that the **Document Verification and Interview/personality Test** for recruitment to the post of **Post Graduate Teacher** in **Geography Discipline**, pursuant to Advertisement No. 25 of 2023-24 will be held from **28.07.2025 to 30.07.2025** in the office of OPSC 19, Dr. P.K. Parija Road, Cuttack - 753001 as per the programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll Nos. of Candidates |
|---|---|---|---|
| 28.07.2025 | 08.30 A.M. | 10.30 A.M. | 102014, 102017, 102026, 102028, 201383, 304721, 304725, 304734, 304737 & 304739 **= 10 Candidates** |
| | 12.30 P.M. | 02.30 P.M. | 304743, 304747, 304749, 304750, 304751, 304753 & 304755 **= 07 Candidates** |
| 29.07.2025 | 08.30 A.M. | 10.30 A.M. | 304761, 304766, 304780, 304781, 304783, 304793, 402018, 402022, 402029 & 402030 **= 10 Candidates** |
| | 12.30 P.M. | 02.30 P.M. | 402031, 402038, 402041, 502673, 502681, 502684 & 502685 **= 07 Candidates** |
| 30.07.2025 | 08.30 A.M. | 10.30 A.M. | 502687, 502695, 502703, 502707, 502708, 502710, 502712 & 502728 **= 08 Candidates** |

**N.B.:** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that, the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via **www.opscechayan.in**)
2. Four **(04)** 'passport size photographs' (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate .
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the 'competent authority'.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., Dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports Persons issued by the Director of Sports Odisha.
14. Any proof of identity .
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0269/2526 Sd./ - Secretary

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

No.O-424

**"e" Procurement Notice for Road Work**

**Identification No.-Online Tender-Road N.C.B. No.381 for 2024-25**
**Letter No.2878/ Date 11.07.2025**

1. Name of the Work : Post DLP Maintenance of PMGSY Road Works in the District of Mayurbhanj for the year 2024-25.
2. Total No. of Work : 01 No. (One).
3. Estimated Cost : Rs.110.80 Lakhs (approximately).
4. Eligible Class of Contractor : As per Annexure.
5. Period of Completion : As per Annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.381 | Dt.17.07.2025 at 11.00 A.M. | Dt.30.07.2025 upto 5.00 P.M. | Dt.29.07.2025 upto 5.00 P.M. | Dt.31.07.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

OIPR-25130/11/0041/2526 **Sd./-Chief Construction Engineer, R.W.Circle, Baripada**

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH

No. O-425

E.Mail: rw_rourkela@yahoo.co.in

**TENDER CALL NOTICE**

**BID IDENTIFICATION NO. ONLINE-EERKL-04 of 2025-26**

1. Name of the Work : Building Works
2. Total No. of Works : 03 (Three) Nos.
3. Estimated Cost : Rs.69.69 to 81.09 Lakhs
4. Class of Contractor : "B" Class
5. Period of Completion : 09 (Nine) Months
6. Type of Tender : Double Cover
7. Other details :

| Procurement officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-II, Sundargarh | Online - SERKL-04 of 2025-26 | 14.07.2025 from 11.00 A.M. | 21.07.2025 upto 05.00 P.M. | 20.07.2025 upto 5.00 P.M. | 22.07.2025 at 11.00 A.M. | Will be intimated separately |

Further details can be seen from the website **www.tendersorissa.gov.in** & for more information please visit the office.

Sd./- Executive Engineer
RW Division-II, Sundargarh

OIPR-25193/11/0078/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଟୋମୋଟିଭ୍ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ

## ଏମ୍ଏନ୍ଏସ୍ ଇଣ୍ଡିଆରେ ଅତ୍ୟାଧୁନିକ ସିଜିଏଲ୍ କାର୍ଯ୍ୟକ୍ଷମ



**ଭୁବନେଶ୍ୱର,୧୬।୭**

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ(ଏଏମ୍ଏନ୍ଏସ୍) ଇଣ୍ଡିଆର ଗୁଜରାଟର ହାଜିରାଠାରେ ଥିବା ଉତ୍ପାଦନ ୟୁନିଟ୍‌ରେ ଏକ ନୂତନ, ଅତ୍ୟାଧୁନିକ ନିରନ୍ତର ଗାଲ୍‌ଭାନାଇଜିଂ ଲାଇନ (ସିଜିଏଲ୍) କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏଏମ୍ଏନ୍ଏସ୍ ଇଣ୍ଡିଆ ନିଜକୁ ଏକ ଆଧୁନିକ ସିଜିଏଲ୍ ଲାଇନ ଥିବା ଭାରତର ଏକମାତ୍ର କମ୍ପାନୀ ଭାବେ ପ୍ରତିଷ୍ଠା କରିଛି। ଏହା ୧୧୮୦ ମେଗାପାସ୍କାଲ୍ (ଏମ୍‌ପିଏ) ସ୍ତରର ଦୃଢ଼ତା ସହ ଉନ୍ନତ ଉଚ୍ଚ-ଶକ୍ତି ଇସ୍ପାତ (ଏଏଚ୍ଏସ୍ଏସ୍) ଉତ୍ପାଦନ କରିବାରେ ସକ୍ଷମ ରହିଛି, ଯାହା ବିକଶିତ ଅଟୋମୋଟିଭ୍ ପ୍ରୟୋଗରେ ଅସାଧାରଣ ସୁରକ୍ଷା, ସ୍ଥାୟିତ୍ୱ ଏବଂ ସ୍ଥିରତା ପାଇଁ ନିହାତି ଆବଶ୍ୟକ ରହିଛି। ଏହି ନୂତନ ପଦକ୍ଷେପ କମ୍ପାନୀ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ କମ୍ପାନୀର ଅପ୍‌ଷ୍ଟ୍ରିମ୍, ଡାଉନଷ୍ଟ୍ରିମ୍ ଏବଂ ଅନ୍ୟାନ୍ୟ ସହାୟକ ୟୁନିଟ୍‌ର ବିକାଶ ପାଇଁ ୬୦,୦୦୦ କୋଟି ଟଙ୍କାର ଏକ ମହତ୍ୱାକାଂକ୍ଷୀ ସମ୍ପ୍ରସାରଣ ପ୍ରକଳ୍ପ ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରୁଛି। ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ସମନ୍ୱିତ ଇସ୍ପାତ କାରଖାନା ସମ୍ପ୍ରସାରଣ ପ୍ରକଳ୍ପର ଲକ୍ଷ୍ୟ ହେଉଛି ବିଭିନ୍ନ ପ୍ରକାର ଗ୍ରେଡ୍‌ର ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା। ଏହାଦ୍ୱାରା ବର୍ଦ୍ଧିତ ଚାହିଦା ପୂରଣ ହୋଇପାରିବ। ନୂତନ ସିଜିଏଲ୍ ଏହାର ମୂଳ କମ୍ପାନୀ ଆର୍ସେଲର ମିତ୍ତଲ ଏବଂ ନିପ୍ପନ ଷ୍ଟିଲ୍‌ର ବିଶ୍ୱସ୍ତରୀୟ ବିଶେଷଜ୍ଞତାରୁ ପ୍ରାପ୍ତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏବଂ ଏହା ଅଟୋମୋଟିଭ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ରହିଛି। ଏ ସମ୍ପର୍କରେ ଏଏମ୍ଏନ୍ଏସ୍ ଇଣ୍ଡିଆର ସିଇଓ ଦିଲୀପ ଉମେନ୍ କହିଛନ୍ତି, ଏଭଳି ପ୍ରଥମ ପ୍ରକାର ସିଜିଏଲ୍ କାର୍ଯ୍ୟକ୍ଷମ ହେବା ଆମର ସମ୍ପ୍ରସାରଣ ପ୍ରକଳ୍ପରେ ଆଉ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ, ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପର ପ୍ରୟାସ ବର୍ତ୍ତମାନ ସଫଳ ହେବାକୁ ଯାଉଛି ଏବଂ ଆମେ ଗର୍ବର ସହିତ କହିପାରିବା ଯେ ଏହି ନୂତନ ଲାଇନ ଏବଂ ଆଗାମୀ ୟୁନିଟ୍‌ଗୁଡ଼ିକ ଏପରି ଇସ୍ପାତ ଉତ୍ପାଦନ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ବର୍ତ୍ତମାନ ବିକଶିତ ଦେଶଗୁଡ଼ିକରେ ଉପଲବ୍ଧ ଇସ୍ପାତର ଗୁଣବତ୍ତା ସହିତ ସମାନ ରହିଛି। ଆଧୁନିକ ପରିବେଶଗତ ପ୍ରଯୁକ୍ତିବିଦ୍ୟା ସହ ଏହି ୟୁନିଟ୍‌ରେ ପାରମ୍ପରିକ ସିଜିଏଲ୍ ତୁଳନାରେ ଅଙ୍ଗାରକାମ୍ଳ ନିର୍ଗମନ ତୀବ୍ରତାକୁ ଯଥେଷ୍ଟ ହ୍ରାସ କରିବାର କ୍ଷମତା ରହିଛି, ଯାହା ଅଭିନବ ଅପଚୟ ତାପ ପୁନରୁଦ୍ଧାର, ଉନ୍ନତ ତାପଜ ଶକ୍ତି ନିୟନ୍ତ୍ରଣ, ପୁନଃ ଉତ୍ପନ୍ନ ବୈଦ୍ୟୁତିକ ଅଭିଯାନ ଏବଂ ଇଲେକ୍ଟ୍ରୋଲାଇଟିକ୍ ଏଚ୍୨ ବ୍ୟବହାର ଉପରେ ଆଧାରିତ ରହିଛି। ଏହା ଏଏମ୍ଏନ୍ଏସ୍ ଇଣ୍ଡିଆର ସବୁଜ ଷ୍ଟିଲ୍ ବର୍ଗୀକରଣ ଏବଂ ବ୍ୟାପକ ଦୀର୍ଘ ସ୍ଥାୟିତ୍ୱ ଲକ୍ଷ୍ୟ ଅନୁପାଳନକୁ ବଳ ପ୍ରଦାନ କରିବ। ଫଳରେ ଉତ୍ପାଦନ କ୍ଷମତା ବାର୍ଷିକ ୯ନିୟୁତ ଟନ୍‌ରୁ ୧୫ନିୟୁତ ଟନ୍‌କୁ ବୃଦ୍ଧି କରିବା ପାଇଁ କମ୍ପାନୀର ସମ୍ପ୍ରସାରଣ ପ୍ରକଳ୍ପ ସୁଚାରୁ ରୂପେ ଅଗ୍ରଗତି କରୁଛି। ଭବିଷ୍ୟତରେ ହାଜିରା ପ୍ଲାଣ୍ଟର କ୍ଷମତା ବାର୍ଷିକ ୨୪ ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ଉଭୟ ଅପ୍‌ଷ୍ଟ୍ରିମ୍ ଏବଂ ଡାଉନଷ୍ଟ୍ରିମ୍ ଇସ୍ପାତ ଉତ୍ପାଦନ କ୍ଷମତା ଅନ୍ତର୍ଭୁକ୍ତ ରହିଛି।

# ଜିନ୍ଦଲ ଫାଉଣ୍ଡେସନକୁ ସିଏସ୍‌ଆର୍ ଟାଇମ୍ସ ଆୱାର୍ଡ



**ଭୁବନେଶ୍ୱର,୧୬।୭**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ ତଥା ଜିନ୍ଦଲ ଫାଉଣ୍ଡେଶନକୁ ନିକଟରେ ଆଉ ଏକ ସମ୍ମାନ 'ସିଏସ୍‌ଆର୍ ଟାଇମ୍ସ ଆୱାର୍ଡ' ମିଳିଛି। ବିଶେଷକରି ତୃଣମୂଳସ୍ତରରେ କ୍ରୀଡାର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେଶନକୁ ସିଏସ୍‌ଆର୍ ଟାଇମ୍ସ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ଦ୍ୱାଦଶ ଜାତୀୟ ସିଏସ୍‌ଆର୍ ସମ୍ମିଳନୀ ଅବସରରେ ଜିନ୍ଦଲ ଫାଉଣ୍ଡେଶନକୁ ଏହି ପୁରସ୍କାର ଦିଆଯାଇଛି। ଏହି ଅବସରରେ ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତାଙ୍କୁ ରୱାଣ୍ଡା ଗଣରାଜ୍ୟର ହାଇ କମିଶନର ଜ୍ୟାକଲିନ୍ ମୁକାଙ୍ଗିରା ଏହି ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଉସୁ, ତୀରନ୍ଦାଜୀ, ଫୁଟ୍‌ବଲ୍, କ୍ରିକେଟ୍, କବାଡି, ହକି, ଖୋ ଖୋ ଏବଂ ଅନ୍ୟାନ୍ୟ ବିଭାଗରେ ଉଚ୍ଚ ପ୍ରଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ଜିନ୍ଦଲ ଫାଉଣ୍ଡେଶନକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇଁ ଜୁରିଙ୍କୁ ଧନ୍ୟବାଦ ଜଣାଇ ଜିନ୍ଦଲ ଫାଉଣ୍ଡେଶନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଯୁବକଙ୍କୁ ନିଜ କ୍ରୀଡା କୌଶଳ ଦେଖାଇବାର ସୁଯୋଗ ମିଳିବା ଉଚିତ। କ୍ରୀଡା କେବଳ ଶାରୀରିକ ଉତ୍କର୍ଷ ପାଇଁ ଏକ ପ୍ଲାଟ୍‌ଫର୍ମ ନୁହେଁ, ଏହା ସଶକ୍ତୀକରଣ, ଶୃଙ୍ଖଳା ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ।

# ଆଇସିଏଆଇ ପକ୍ଷରୁ ଜାତୀୟ ସିଏ ଛାତ୍ର ସମ୍ମିଳନୀ

**ଭୁବନେଶ୍ୱର,୧୬।୭**

ଆଇସିଏଆଇ ପକ୍ଷରୁ ଆୟୋଜିତ ୨ଦିନିଆ ଜାତୀୟ ସିଏ ଛାତ୍ର ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଚାର୍ଟାର୍ଡ ଅକାଉଣ୍ଟାଣ୍ଟସ ସଂସ୍ଥା (ଆଇସିଏଆଇ)ର ବୋର୍ଡ ଅଫ୍ ଷ୍ଟଡିଜ୍ (ଅପରେଶନ୍ସ) ଓ ଆଇସିଏଆଇର ପୂର୍ବ ଭାରତ ଅଞ୍ଚଳ ପରିଷଦର ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ଏହି ଜାତୀୟ ସିଏ ଛାତ୍ର ସମ୍ମିଳନର ପ୍ରଥମ ଦିନ ରେଲୱେ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଆର୍‌ଏଆଇଡି ରିଇମାଜିନ, ଆସେଲେରଟ, ଇନୋଭେଟ, ଡେଲିଭର୍ ଶୀର୍ଷକ ବିଷୟବସ୍ତୁ ରହିଥିଲା। ଏହି ଦୁଇଦିନିଆ ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସିଏ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟିକା ଉପାସନା ମହାପାତ୍ର, ସିଏ ଦୀପକ କୁମାର କେଡିଆ ଓ ସିଏ ପ୍ରଶାନ୍ତ ପାଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସିଏ ସଞ୍ଜୀବ ସାଂଘୀ, ଉପସଭାପତି, ବିଓଏସ୍, ସିଏ ମହେନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ, ଭୁବନେଶ୍ୱର, ସିଏ ସୌମ୍ୟ ସୁନୀଲ ସାହୁ, ଅଧ୍ୟକ୍ଷ, ଇଆଇସିଏଏସ୍‌ଏ ଏବଂ ସତ୍ୟପ୍ରକାଶ ସେନା, ଉପାଧ୍ୟକ୍ଷ, ଇଆଇସିଏଏସ୍‌ଏ ଯୋଗଦେଇଥିଲେ। ଉପସଭାପତି ସିଏ ଡ. ଗୌତମ ଲେଙ୍କାଙ୍କ ସମେତ ସିଏ ଗଗନ ବିହାରୀ ଦାସ, ସିଏ ପ୍ରଣବ କିଶୋର ଦାସ, ସିଏ ଶାଶ୍ୱତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଆର୍. ଦୋରାଇସ୍ୱାମୀ ଏଲ୍‌ଆଇସିର ନୂଆ ସିଇଓ ଆଣ୍ଡ ଏମ୍‌ଡି

**ମୁମ୍ବାଇ,୧୬।୭ (ଅଭୟ ଦାଶ)**



ଆର୍. ଦୋରାଇସ୍ୱାମୀ

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏବଂ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଆର୍. ଦୋରାଇସ୍ୱାମୀ ନିକଟରେ ନିଯୁକ୍ତ ହୋଇଛନ୍ତି। ବିଶେଷକରି ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ, ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ୨୦୨୫ ଜୁଲାଇ ୧୪ରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ଦୋରାଇସ୍ୱାମୀଙ୍କୁ ଏଲ୍‌ଆଇସିର ନୂଆ ସିଇଓ ଆଣ୍ଡ ଏମ୍‌ଡି ଭାବେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ସେ ଏଲ୍‌ଆଇସିର ଭିନ୍ନ ପଦବୀରେ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି।

# ଆଇସିଆରଆଇଏସ୍‌ଏଟି ସହ ଟାଫେର ବୁଝାମଣା

**ଭୁବନେଶ୍ୱର,୧୬।୭**

ଦି ଇଣ୍ଟରନ୍ୟାଶନାଲ୍ କ୍ରପ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଫର୍ ଦି ସେମି-ଆରିଡ୍ ଟ୍ରପିକ୍ସ (ଆଇସିଆରଆଇଏସଏଟି) ଏବଂ ଟ୍ରାକ୍ଟର ଆଣ୍ଡ ଫାର୍ମ ଇକ୍ୱିପମେଣ୍ଟ ଲିମିଟେଡ୍ (ଟାଫେ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ହାଇଦ୍ରାବାଦର ପାଟନଚେରୁ ଆଇସିଆରଆଇଏସଏଟି କ୍ୟାମ୍ପସରେ ଜେଫାର୍ମ ଅନୁକୂଳନ କୃଷି ଗବେଷଣା ଏବଂ ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଉଭୟ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏ ସମ୍ପର୍କରେ ଟାଫେ ବୋର୍ଡର ସଦସ୍ୟ ତଥା ଗ୍ରୁପ୍ ପ୍ରେସିଡେଣ୍ଟ ଡ. ଟି ଆର କେଶବନ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଜମି ଏବଂ ଜଳସମ୍ପଦକୁ ସୁରକ୍ଷିତ ରଖି ସଠିକ୍ କୃଷି କାର୍ଯ୍ୟକାରୀ କରିବା। ଚାଷୀମାନଙ୍କର ବିବିଧ ଆବଶ୍ୟକତା ବିଷୟରେ ଆମର ଗଭୀର ଜ୍ଞାନ ରହିଛି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୧୬।୭**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୬୩.୫୭ ପଏଣ୍ଟ ବୃଦ୍ଧି ଘଟି ୮୨,୬୩୪.୪୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬.୨୫ ପଏଣ୍ଟ ବଢି ୨୫,୨୧୨.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## Classified Everyday
0674-2580101, 9692975378



REAL ESTATE

SALE

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241

ଗୃହୋପଯୋଗି Single ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ 2100sqft. area ବିକ୍ରିହେବ। 6370469894. D-76292

1BHK, 15 lakhs Patia, 1BHK 25 lakhs Khandagiri AIIMS. For sale 9777097322 D-1319

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft.5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740. D-75391




Newly open health benefits SPA by expert therapist. Contact- 8280961126. D-76928

Positively health benefits SPA expert female therapist homely atmosphere. 9114559860. D-1310

All types hair cutting Body Massage by Smart lady one hour 700/-, room Services Available contact- 7788888200. D-76301

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

I, Sasanka Sekhar Parida, S/o- Sanatan Parida, resident of Chintamaniswar Area, Plot No. 4141/H, Bhubaneswar, Odisha, declare by this affidavit No. 65AA 106469 dtd.- 26/06/2024 that now onwards I shall be known as SASANKA SHEKHAR PARIDA for all future purposes. D-1313

I, Sanshkruti Parida, D/o- Sasanka Shekhar Parida, resident of Chintamaniswar Area, Plot No. 4141/H, Bhubaneswar, Odisha declare by this affidavit No. 78AA 837487 dtd.- 09/07/2025 that now onwards I shall be known as SANSKRUTI PARIDA for all future purposes. D-1314

By virtue of an affidavit sworn before Executive Magistrate Begunia, dated- 14.07.2025. I, Kamrun Nisa W/o- Late Sk. Abdul Jalil, Address: At/P.O.- Rautapada, P.S.- Begunia, Dist.- Khordha, Odisha, PIN- 752062, declare that I have changed my name from Kamrun Bibi to Kamrun Nisa. Henceforth, I shall be known as Kamrun Nisa for all purposes.
Kamrun Nisa.
D-1312

I, Kishor Kumar Das, S/o- Madan Mohan Das of Biripata, Mangalpur, Jajpur, sworn before the Notary Public, Jajpur No.- 73AA 093105, date- 09.07.25, my name is mentioned as my son Birth certificate Kishore Kumar Das. I, confirm that Kishore Kumar Das and Kishor Kumar Das refer to the same individual D- 1322

ମୁଁ ବୈଦେହୀ ଚନ୍ଦେ, ପିତାଙ୍କ ନାମ ପ୍ରବୀଣ ଦିଙ୍କର ଚନ୍ଦେ, ବାସିନ୍ଦା- ୬୦୮, ବ୍ଲକ୍- ୫, କ୍ଲବ୍ ଟାଉନ୍ ଆପାର୍ଟମେଣ୍ଟ, ଡମଣା ଛକ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୧୬, ଏହିପରି ଘୋଷଣା କରୁଛି ଯେ, ଏହିପରେରୁ ମୋ ନାମ ବୈଦେହୀ ପ୍ରବୀଣ ଚନ୍ଦେ ବୋଲି ପରିଚିତ ହେବ। ଏହି ସମ୍ପର୍କରେ ମୁଁ ଏକ ଶପଥପତ୍ର (affidavit) ସି. ଇ. ନମ୍ବର ୪୧, ଯାହା ୧୧।୦୭।୨୦୨୫ ତାରିଖରେ ଭୁବନେଶ୍ୱରରେ କାର୍ଯ୍ୟରତ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ନେଇ ସ୍ୱୀକୃତ କରିଛି। D-୧୩୧୬

By virtue of an affidavit sworn before the Notary Public, Cuttack on 16.07.2025, I, Prachi Buchcha, presently living at Josoda Niwas, Near Handpump Ganga Mandir, Cuttack, Odisha, declare that I have changed my name from Prachi Hirawat to Prachi Buchcha. Henceforth, I shall be known as Prachi Buchcha for all future purposes. D-76840

By virtue of an affidavit No.- 1341, dtd- 25.06.25, sworn before Notary Magistrate, Bhadrak, I Sudhir Kumar Dixit, S/o- Prahallad Dixit, At/P.O.- Kaupur, P.S.- Bhadrak, Dist.- Bhadrak, Odisha, PIN- 756113, declare that changed my son's name from Suvrangsu Dixit to Shubhranshu Dixit. Henceforth he shall be known as Shubhranshu Dixit for all future purposes. D- 1320

I, Dinesh Pandey, S/o Late Sh. Mathura Dutt Pandey, Resident of Plot No. 125, Suanga, Near Radhe Krishna Temple, P.O.- Sarakantara, Dist. Khordha, Odisha, PIN- 751019, declare by this affidavit No.- 27383 dtd.- 15/07/2025 that now onwards I shall be known as DINESH CHANDRA PANDEY for all future purposes. D- 1317

By virtue of an affidavit sworn before the Executive Magistrate, Belpada, No.100 date- 19.06.25, I, Hrudaya Kumar Das, R/o. At/P.O.- Nahanga, P.S.- Khaira, Dist.- Balasore, Odisha, PIN- 756059 do hereby declare that I have changed my daughter's name from Sushree Suhana Das to Suhana Das. Henceforth she will be known as Suhana Das for all purposes instead of Sushree Suhana Das.
Hrudaya Kumar Das.
D-1321

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମାଧବୀଲତା ମହାରଣା
ତିରୋଧାନ: ୧୨.୦୭.୨୦୨୦
(୫ମ ଶ୍ରାଦ୍ଧ ବାର୍ଷିକୀ)

୰ଧ୍ରୁବାନନ୍ଦ ମହାରଣା
ତିରୋଧାନ: ଜୁଲାଇ ୧୯୬୬
(୫୯ତମ ଶ୍ରାଦ୍ଧ ଦିବସ)
ଯାଜପୁର ଟାଉନ

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ

ଧ-୧୩୧୧

### ଦଶାହ ଶ୍ରଦ୍ଧାଞ୍ଜଳି



୰ସନ୍ଧ୍ୟାରାଣୀ ମିଶ୍ର
ସ୍ୱାମୀ: ଶ୍ରୀ ସଦାଶିବ ମିଶ୍ର
ଦ୍ୱାରକାନାଥ ଦାସ ଲେନ୍, ମାଟିମଣ୍ଡପ ସାହି, ପୁରୀ- ୧
ଆବିର୍ଭାବ: ୦୩ ଜୁଲାଇ ୧୯୫୪
ତିରୋଧାନ: ୦୮ ଜୁଲାଇ ୨୦୨୫
ଦଶାହ ତିଥିରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:-
ସଞ୍ଜୀବ କୁମାର ମିଶ୍ର, ସଞ୍ଜୟ କୁମାର ମିଶ୍ର- ହତଭାଗ୍ୟ ପୁତ୍ର, ଦୀପ୍ତି ଓ ଲିପ୍ସିତା- ଦୁଇ ବୋହୂ, ସାନଲୀ ଓ ସାଇନୀ- ନାତୁଣୀ, ଶୈଳେଶ- ନାତି, ପରିବାର ଅନ୍ୟ ସଦସ୍ୟ, ଆତ୍ମୀୟ ସ୍ୱଜନ ଓ ବନ୍ଧୁବର୍ଗ।

ଧ-୧୩୧୫

## କେବଳ ଅପେକ୍ଷା


'ଶମ୍ଭୁ' ଫିଲ୍ମର ପୋଷ୍ଟର

ନିର୍ଦ୍ଦେଶକ ଦିଲୀପ ପଣ୍ଡା ସବୁବେଳେ ଭିନ୍ନଧରଣର କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟିଏ ପ୍ରସ୍ତୁତ କରନ୍ତି। 'ରସିକ ନାଗର'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ ପରଦାରେ ନିର୍ଦ୍ଦେଶନା କ୍ୟାରିୟର। ଆଉ ଏକ ତାଙ୍କ ନିର୍ଦ୍ଦେଶିତ ଆକ୍ସନଭିତ୍ତିକ ଫିଲ୍ମ 'ଶମ୍ଭୁ' ରିଲିଜ ଅପେକ୍ଷାରେ ରହିଛି। ଅନୁପମା ମୁଭିଜ ବ୍ୟାନରରେ ଏହାକୁ ପ୍ରଯୋଜନା କରିଛନ୍ତି ବିଭୂତି ଭୂଷଣ ଜେନା। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, ''ଏହି ସିନେମାଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସବୁ ବର୍ଗର ଦର୍ଶକଙ୍କୁ ଲକ୍ଷ୍ୟ କରି ଏହାକୁ ପ୍ରସ୍ତୁତ କରାଯାଇଛି।'' ଏହାର କାହାଣୀ ରଚନା କରିଛନ୍ତି ଅନୁପମ ଜେନା। ଖାସ୍ କଥା ହେଲା ଏହି ଫିଲ୍ମର ଟାଇଟଲ ଭୂମିକାରେ ନବାଗତ ନାୟକଙ୍କୁ ଦେଖିବାକୁ ମିଳିବ। ସେ ହେଲେ ଶୁଭମ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଚିତ୍ରଟିର ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଏଥିରେ ଶୁଭମଙ୍କ ନାୟିକା ତମନ୍ନା ସାଜିଥିବା ବେଳେ ଜଲିଉଡ୍‌ର ଲୋକପ୍ରିୟ ବ୍ୟାଡ୍‌ମ୍ୟାନ୍ ପୀୟୁଷ ତ୍ରିପାଠୀ, ଜୀବନ ପଣ୍ଡା ,ଡିସ୍କୋ ରେଢ୍ଢୀ ,ଚିନ୍ତାମଣି,ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

## ଚାଲିଛି ଦିନ ଗଣା

ଯେ କୌଣସି ସିନେମାଟିଏ ରିଲିଜ ହେବା ପୂର୍ବରୁ ଶୁଭ ଦିନଟିଏ ସ୍ଥିର ହୋଇଥାଏ। ବାସ୍, ସେହି ଦିନ ହିଁ ଫିଲ୍ମଟିକୁ ଦର୍ଶକ ଦେଖିବାର ସୁଯୋଗ ପାଇଥାଆନ୍ତି। ଆଉ ଏବେ ସେଭଳି ଏକ ଶୁଭ ଦିନ ସନ୍ଧାନରେ ଅଛନ୍ତି ପ୍ରଯୋଜକ ପ୍ରମୋଦ ସ୍ୱାଇଁ। ତାଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ସିନେମା 'ଆଶୀକ ଦିୱାନା' ରିଲିଜ ଅପେକ୍ଷାରେ ରହିଛି। ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନ ଏବଂ କମେଡି ରହିଛି। ମହାଦେବ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ସହ-ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମର ନାୟକ ସାଜିଛନ୍ତି ଦୀପକ ଏବଂ ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା। ଦୁହେଁ ନିଜ ଭୂମିକା ସହ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ଏହି ଫିଲ୍ମରୁ ଦର୍ଶକ ଏକ ଡିଫରେଣ୍ଟ ଚାର୍ମ ପାଇବେ। ସେହି ଅନୁସାରେ ସଂଳାପ ମଧ୍ୟ ରଚନା କରାଯାଇଛି। ସବୁ ବର୍ଗର ଦର୍ଶକ ଏହାକୁ ମନଭରି ଦେଖିପାରିବେ।'' ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏନ. ପଦ୍ମା। କେବଳ ସେତିକି ନୁହେଁ, ଏହି ବ୍ୟାନରରେ ସୁଧାଂଶୁ ସାହୁଙ୍କ ନିର୍ଦ୍ଦେଶନାରେ ଆଉ ଏକ ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଉକ୍ତ ସିନେମାର ନାୟକ ଭୂମିକାରେ ଅଭିନୟ କରିବେ ଅମ୍ଲାନ।


ରିୟା

## ରହସ୍ୟ ଖୋଲିଲେ ରାଜକୁମାର



ରାଜକୁମାର ରାଓ ବର୍ତ୍ତମାନ ବଲିଉଡ୍‌ରେ ଜଣେ ଅନ୍ୟତମ ବ୍ୟସ୍ତ ଅଭିନେତା। ୨୦୧୦ରେ ନିର୍ଦ୍ଦେଶକ ରାମ ଗୋପାଳ ବର୍ମା ତାଙ୍କୁ ପ୍ରଥମେ ବ୍ରେକ୍ ଦେଇଥିଲେ। ଚଳଚ୍ଚିତ୍ରଟି ଥିଲା 'ରନ୍'। ଏଥିରେ ସେ ଜଣେ ନ୍ୟୁଜରିଡର ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ପରେ ନିଜ ଅଭିନୟ ଦକ୍ଷତା ବଳରେ ସେ ଗତ ୧୫ ବର୍ଷ ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ତେବେ ଗୋଟିଏ ଇଂଲିଶ ଅକ୍ଷରକୁ ଲକି ବୋଲି ଗ୍ରହଣ କରିଆସିଛନ୍ତି। ତାହା ହେଲା 'ଏମ୍'। ସେ ମଧ୍ୟ ନିଜ ନାମ ମଝିରେ ଏହାକୁ ଯୋଗ କରିଛନ୍ତି। ଏଥିପାଇଁ ତାଙ୍କୁ 'ରାଜକୁମ୍ମାର' ବୋଲି ମଧ୍ୟ ସମ୍ବୋଧନ କରାଯାଇଥାଏ। ଏକଦା ସେ ଜଣେ ସାଧୁଙ୍କ ନିକଟକୁ କିଛି ପରାମର୍ଶ ପାଇଁ ଯାଇଥିଲେ। ସେହି ସମୟରେ ଜଣେ ସାଧୁ ତାଙ୍କୁ ନିଜ ନାମ ମଝିରେ 'ଏମ୍' ଯୋଡିବାକୁ ପରାମର୍ଶ ଦେଇଥିଲେ। ଆଉ ତା'ପରେ ନିଜ ଅଭିନୟ ଜୀବନରେ ରାଜକୁମାର ଅନେକ ସଫଳତା ହାସଲ କରିଛନ୍ତି ବୋଲି କହନ୍ତି। ସେ ମଧ୍ୟ ଜଣେ ଟାଏକୋଣ୍ଡୋ ଖେଳାଳି। ଦିବାକର ବାନାର୍ଜୀଙ୍କ 'ଲଭ୍ ସେକ୍ସ ଔର ଧୋକା' (୨୦୧୦)ରେ ତାଙ୍କର ଅଭିନୟକୁ ଦର୍ଶକ ଗ୍ରହଣ କରିଥିଲେ। ଆଉ ତା'ପରେ ସେ ପଛକୁ ଫେରି ଚାହିଁ ନାହାନ୍ତି। ରାଜକୁମାର ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଲା–'ରାଗିଣୀ ଏମଏମଏସ', 'ଗ୍ୟାଙ୍ଗସ ଅଫ ୱାସେପୁର ୨', 'କାଇ ପୋ ଚେ', 'ରବ୍‌ତା', 'ମେଡ୍ ଇନ୍ ଚାଇନା', 'ଶିମଲା ମିର୍ଚି', 'ବଧାଇ ଦୋ' ଏବଂ 'ସ୍ତ୍ରୀ ୨'।

## ଅନୁଭବ


ପିଙ୍କି ପ୍ରଧାନ–ଚୌଧୁରୀ ଜୟ ପ୍ରକାଶ ଦାସ

ପରିବାରରେ ଖୁସିର ମାହୋଲ ରଖିବାକୁ କିଏ ବା ନ ଚାହେଁ ? ହେଲେ ସବୁବେଳେ ତାହା କ'ଣ ସମ୍ଭବ ହୁଏ ? ମାତା-ପିତା ଏବଂ ପିଲାମାନଙ୍କ ମଧ୍ୟରେ ଯଦି ସମ୍ପର୍କ ସୁମଧୁର ରହିଲା ତେବେ ସେହି ପରିବାର ହସଖୁସିରେ ଭରି ଉଠେ। ଏକ ମଧ୍ୟବିତ୍ତ ପରିବାରରେ ବାପା-ପୁଅ ଭିତରେ ଘଟିଥିବା ଘଟଣାକୁ ଆଧାର କରି ପବିତ୍ର କୁମାର ଗୌଡଙ୍କ ଦ୍ୱାରା ରଚିତ କାହାଣୀ ଆଗେଇଛି। ବାପା ଜଣେ ସରକାରୀ କର୍ମଚାରୀ। ହେଲେ ପୁଅ ତା' ଜନ୍ମଦିନରେ ଯେଉଁ ଜିଦ୍ ଧରିଛି ତାହା ପୂରଣ ହେଉଛି ତ ? ଏହାର ଉତ୍ତର ରହିଛି ୧୮ ମିନିଟ୍ ଅବଧି ବିଶିଷ୍ଟ କ୍ଷୁଦ୍ର ଚଳଚ୍ଚିତ୍ର 'ଅନୁଭବ'ରେ। ବାପା ଭୂମିକାରେ ଚୌଧୁରୀ ଜୟ ପ୍ରକାଶ ଦାସଙ୍କ ଅଭିନୟ ଚଳଚ୍ଚିତ୍ରଟିକୁ ବେଶ୍ ମାଇଲେଜ ଦେଇଛି। ଖାସ୍ କଥା ହେଲା, ଏହି ଫିଲ୍ମଟିରୁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି ଅଭିନେତ୍ରୀ ପିଙ୍କି ପ୍ରଧାନ। ନିକଟରେ ବର୍ଲିନରେ ଅନୁଷ୍ଠିତ ଇଣ୍ଡୋ-ଜର୍ମାନ ଫିଲ୍ମ ଉଇକ୍‌ରେ ଏହି ଚଳଚ୍ଚିତ୍ରଟି ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛି।

## ଯାହା ଭାବୁଥିଲେ ଦେବରାଜ...

କଥାରେ ଅଛି–ଏମନ ଭାବୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ସେ ଏଭଳି ଏକ ଭିନ୍ନ ଧରଣର ଚରିତ୍ରରେ ଅଭିନୟ କରିବାକୁ ଚାହୁଁଥିଲେ ଯାହା ତାଙ୍କ କ୍ୟାରିୟରକୁ ବେଶ୍ ମାଇଲେଜ ଦେବ। ହଁ, ସେ ହେଲେ ଦେବରାଜ। ଆଉ ସେ ଅଭିନୟ କରିଥିବା ଏହି ଡ୍ରିମ୍ ସିନେମାର ଟାଇଟଲ ରହିଛି 'ମୁନ୍ନାଭାଇ ବିବିଏସଆର'। କାହାଣୀ ଅନୁସାରେ ଏକଦା ଭୁବନେଶ୍ୱରରେ ରହୁଥିବା ଜଣେ ବ୍ଲଗର ହିମାଚଳ ପ୍ରଦେଶ ଯାଇଛି। ସଂଯୋଗ ବଶତଃ ସେହି ରାଜ୍ୟର ଜଣେ ଝିଅକୁ ପ୍ରେମ କରି ବସିଛି। ହେଲେ ସେଠାକାର ନିୟମ କିଛି ଅଲଗା। ତେବେ ସେହି ନିୟମଗୁଡିକ କ'ଣ ଆଉ ଏହି ପ୍ରେମ କାହାଣୀର ଶେଷ ପରିଣତି କ'ଣ ହେଉଛି ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମୁନ୍ନାଭାଇ ବିବିଏସଆର'। ନିଓ ପ୍ଲାଷ୍ଟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରୁ ଓଲିଉଡ୍‌ରେ ନିଜ ପ୍ରଯୋଜନା ଆରମ୍ଭ କରୁଛନ୍ତି ନବାଗତ ବିରଞ୍ଚି ମୁଦୁଲି। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ପୂର୍ବରୁ ବେଶ୍ କେତୋଟି ହିଟ୍ ସିନେମାର ନିର୍ଦ୍ଦେଶନା ଦେଇସାରିଥିବା ରମେଶ ରାଉତ। ଏହାର ଅଧିକାଂଶ ସୁଟିଂ ହିମାଚଳ ପ୍ରଦେଶର ବିଭିନ୍ନ ମନୋରମ ଲୋକେଶନରେ କରାଯାଇଛି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ତାରିକ ଅଜିଜ ଏବଂ ସୌମ୍ୟ ପାଢ଼ୀ। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବରାଜ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆର୍ଲିନ ଅଙ୍କିତା। ଏଥିରେ ବବି ମିଶ୍ର, ଶ୍ୱେତା ଆଚାର୍ଯ୍ୟ ଏବଂ କୋରାପୁଟ କଟପାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଦୃଢ଼ ଆଶାବାଦୀ ତ୍ରିପ୍ତି


ତ୍ରିପ୍ତି

କଥାରେ ଅଛି ଆଶା ଅସୁମାରି। ହେଲେ ସବୁ ଆଶା କ'ଣ ସଫଳ ହୁଏ ? କିନ୍ତୁ ନିଜ ପରିଶ୍ରମ ଉପରେ ଶତ ପ୍ରତିଶତ ଭରସା ରଖିଛନ୍ତି ତ୍ରିପ୍ତି ଡିମରି। କଥା କ'ଣ କି ସେ ଅଭିନୟ କରିଥିବା ନୂଆ ହିନ୍ଦୀ ସିନେମା 'ଧଡକ ୨' ଆସନ୍ତା ମାସ ୧ ତାରିଖରେ ପରଦା ଉପରକୁ ଆସିବ। ହେଲେ ଏବେଠାରୁ ଏହାର ସଫଳତାକୁ ନେଇ ଦିନ ଗଣିବା ଆରମ୍ଭ କରିଦେଲେଣି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସେ କହନ୍ତି, ''କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକଙ୍କ ଫିଲ୍ମରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। 'ଧଡକ ୨'ରେ ଅଭିନୟ କରିବାକୁ ମୋତେ ଯେତେବେଳେ ଅଫର ମିଳିଲା ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। ଯାହାହେଉ ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ। ହେଲେ ମୋର ଦୃଢ଼ ଆଶା ଅଛି ଯେ ଏହି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। ତା'ସହ ଏଥିରେ ମୁଁ ଯେଉଁ ଭୂମିକାରେ ଅଭିନୟ କରିଛି ତାହା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ।'' ଧରମ ପ୍ରଡକ୍ସନସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ତ୍ରିପ୍ତିଙ୍କ ନାୟିକ ସାଜିଛନ୍ତି ସିଦ୍ଧାନ୍ତ ଚତୁର୍ବେଦୀ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସାଜିଆ ଇକବାଲ୍। ଏହି ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ତଞ୍ଜୁ ଟିକୁ। ତେବେ ଫିଲ୍ମଟି ବକ୍ସ ଅଫିସରେ କେତେ ବିଜନେସ୍ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।

## ସାନ୍ୟାଙ୍କ ଟାଇଟଲ ମିଶନ


ସାନ୍ୟା

ସାନ୍ୟା ମାଲହୋତ୍ରା ୨୦୧୬ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଆମିର ଖାନ୍‌ଙ୍କ ଅଭିନୀତ 'ଦଙ୍ଗଲ' ଥିଲା ତାଙ୍କ ଅଭିନୀତ ପ୍ରଥମ ସିନେମା। ଏଥିରେ ବବିତା ପୋଘଟ ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଇତିମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ନିକଟରେ ସାନ୍ୟା ଏକ ଆକ୍ସନ-କମେଡି ଫିଲ୍ମ ସାଇନ୍ କରିଛନ୍ତି। ହେଲେ ଏହାର ଟାଇଟଲ କ'ଣ ରହିବ ସେ ବିଷୟରେ ମାନସ ମନ୍ଥନ ଚାଲିଛି। ଏ ନେଇ ସାନ୍ୟାଙ୍କ ଆଗ୍ରହକୁ ଲକ୍ଷ୍ୟ କରି ପ୍ରଯୋଜନା ସଂସ୍ଥା ତାଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଛି। କେବଳ ସେତିକି ନୁହେଁ,ସେପଟୁ ଗ୍ରୀନ୍ ସିଗନାଲ ପାଇବା ପରେ ସେ ନେଇ ସାନ୍ୟା ନିଜର ମିଶନ ଆରମ୍ଭ କରିଦେଇଛନ୍ତି। ଏ ବିଷୟରେ ସେ କହନ୍ତି, ''ଆଗାଜ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମଟିକୁ ପ୍ରସ୍ତୁତ କରାଯାଉଛି। ସବୁଠାରୁ ଖାସ୍ କଥା ହେଲା, ଏହାର ଟାଇଟଲ ବାଛିବା ଦାୟିତ୍ୱ ପ୍ରଯୋଜନା ସଂସ୍ଥା ମୋ ଉପରେ ନ୍ୟସ୍ତ କରିଛି। ତେଣୁ ଏ ନେଇ ମୁଁ ଏବେ ବ୍ୟସ୍ତ ଅଛି। ଏଥିପାଇଁ ମୋତେ ଦୁଇ ସପ୍ତାହ ସମୟ ଦିଆଯାଇଛି। ଆଶା ରଖିଛି ଏହି ସମୟ ଭିତରେ ମୁଁ ଏକ ମନଲାଖି ଟାଇଟଲଟିଏ ପାଇଯିବି।'' ଏହି ଫିଲ୍ମ ବ୍ୟତୀତ ସାନ୍ୟା ଏବେ 'ସନ୍ନି ସଂସ୍କାରୀ କି ତୁଲସୀ କୁମାର' ଫିଲ୍ମରେ ଅଭିନୟ କରୁଛନ୍ତି। ଏହାବ୍ୟତୀତ ଅନୁରାଗ କାଶ୍ୟପଙ୍କ ଆଗାମୀ ଚଳଚ୍ଚିତ୍ରରେ ସେ ମଧ୍ୟ ନାୟିକା ସାଜୁଛନ୍ତି।

## ଯଦି ଶ୍ରେୟା ରାଜି ହୋଇନଥାନ୍ତେ...


ଶ୍ରେୟା ଘୋଷାଲ

ସଙ୍ଗୀତ ଜଗତର ଅନ୍ୟତମ ଆଗଧାଡିର ଗାୟିକା ହେଉଛନ୍ତି ଶ୍ରେୟା ଘୋଷାଲ। ସବୁଠାରୁ ଖାସ୍ କଥା ହେଲା ଇତିମଧ୍ୟରେ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବରେ ପାଞ୍ଚ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛନ୍ତି। ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ଦେବଦାସ'ରୁ ସେ ବଲିଉଡ୍‌ରେ ନିଜସ୍ୱ ଗାୟିକା ଜୀବନ ଆରମ୍ଭ କରିଥିଲେ। ଏ ବିଷୟରେ ଶ୍ରେୟା କହନ୍ତି, ''ଏକଦା ସେ ଏକ ଟିଭି ଶୋ'ରେ ଗୀତ ଗାଉଥାଆନ୍ତି। ଏହି କାର୍ଯ୍ୟକ୍ରମରେ ସଞ୍ଜୟ ଲୀଲା ଭଁସାଲି ସାମିଲ ଥିଲେ। ପ୍ରୋଗ୍ରାମ ଶେଷ ହେବା ପରେ ସଞ୍ଜୟ ସାର୍ ମୋ ପାଖକୁ ଆସି କହିଲେ, 'ତୁମେ ତ ଭଲ ଗାଉଛ। ମୋ ଆଗାମୀ ସିନେମା 'ଦେବଦାସ' ପାଇଁ ଗାଇବ ?' ଏକଥାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ହଁ ଭରିଲି। ସେତେବେଳେ ମୋତେ ହୋଇଥାଏ ମାତ୍ର ୧୮ ବର୍ଷ। ଏହି ଫିଲ୍ମଟି ମୋତେ ଯେଉଁ ସଫଳତା ଦେଲା ତାହା ସମସ୍ତେ ଜାଣନ୍ତି। ଆଉ ଯଦି ସେତେବେଳେ ମୁଁ ସେହି ଅଫରକୁ ଗ୍ରହଣ କରି ନ ଥାନ୍ତି ତେବେ ହୁଏତ ଆଜି ମୁଁ ଏ ସ୍ଥାନରେ ପହଞ୍ଚି ପାରି ନ ଥାନ୍ତି।'' ଏହି ଫିଲ୍ମ ପାଇଁ ସେ ଗାଇଥିବା ଗୀତଗୁଡିକ ହେଲା–'ସିଲ୍‌ସିଲା ଏ ଚାହତ୍ କା', 'ବୈରି ପିୟା', 'ଛଲକ୍ ଛଲକ୍' ଏବଂ ବେଶ୍ ଶ୍ରୋତାଦୃତ 'ଡୋଲା ରେ ଡୋଲା'। ଶ୍ରେୟା ଇତିମଧ୍ୟରେ ବଲିଉଡ୍‌ରେ ୨୩ ବର୍ଷ ପୂରଣ କରିସାରିଛନ୍ତି।

# ଓଡ଼ିଶାରୁ ଭାଗନେବେ ୩୭ ପ୍ରତିଯୋଗୀ


ବିହାରର ପାଟ୍‌ନାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସ।

**ଭୁବନେଶ୍ୱର, ୧୬।୭(ତପନ ସ୍ୱାଇଁ)**

### ଇଣ୍ଡିଆନ ଓପନ୍ ଆଥ୍‌ଲେଟିକ୍ସ

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ଆନୁକୂଲ୍ୟରେ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍ ଆସନ୍ତା ୧୯ ତାରିଖରେ ବିହାରର ପାଟ୍‌ନାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏଥିରେ ଦେଶର ୨୫୦ରୁ ଊର୍ଦ୍ଧ୍ୱ ଟପ୍-ଟିୟର ଆଥଲେଟ୍ ଅଂଶଗ୍ରହଣ କରିବେ। ଇତିହାସରେ ପ୍ରଥମଥରପାଇଁ ବିହାରରେ ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ୍ ଅନୁଷ୍ଠିତ ହେବାକୁ ଯାଉଛି। ଆଗକୁ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ହେବାକୁ ଥିବାରୁ ଏହି ପ୍ରତିଯୋଗିତାର ଗୁରୁତ୍ୱ ବଢ଼ିଛି। କାରଣ ଏଥିରେ ପ୍ରଦର୍ଶନ ଭିତ୍ତିରେ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ମନୋନୀତ ହେବ। ଏଏଫ୍‌ଆଇ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ଏହି ସମ୍ମାନଜନକ ଆଥ୍‌ଲେଟିକ୍ସ ମିଟ୍‌ରେ ଓଡ଼ିଶାରୁ ମୋଟ ୩୭ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ଆଥ୍‌ଲେଟ୍‌ମାନେ ହେଲେ ସୁଖୀ ବାସ୍କେ, ବିନତି ବେହେରା, ପୂର୍ଣ୍ଣିମା ହେମ୍ବ୍ରମ୍, ଶୁଭମ୍ ଜ୍ୟୋତି ସିଂ, ଲକ୍ଷ୍ମୀପ୍ରିୟା କିଶାନ, ବୋନିତା ଲାକ୍ରା, ମନୀଷା ମେରେଲ, ଶ୍ରାବଣୀ ନନ୍ଦ, ଜିତା ପାତ୍ର, ନମିତା ପ୍ରଧାନ, ମୌସୁମୀ ଉତ୍ତମ ରୟ, ବିଷ୍ଣୁପ୍ରିୟା ସେଠୀ, ମଳୟ ବାରିକ, ସ୍ୱାଗତ ବେହେରା, ଯଶବୀର ବିଲୁଙ୍ଗ, ଆର୍ଯ୍ୟନ ଏକ୍କା, ଅଶୋକ କୁମାର ବେହେରା, ଅଲେଖ କୁମାର ଜେନା, କିଶୋର କୁମାର ଜେନା, ଅମିୟ କୁମାର ମଲିକ, ଶାଶ୍ୱତ କୁମାର ସାହୁ, ପ୍ରତୀକ ମହାରଣା, ପଙ୍କଜ ମଣ୍ଡଳ, ଦୟାନିଧି ମୁଣ୍ଡା, ମନୋଜ ଓରାମ୍, ହରିଶଙ୍କର ପାଣିଗ୍ରାହୀ, ଦେବାଶିଷ ପଟ୍ଟନାୟକ, ସୁନୀତ ପଲ୍ ସୋରେଙ୍ଗ, ସରୁନ ପାୟାସିଂ, ଆସ୍ତିକ ପ୍ରଧାନ, ଅବିନାଶ ସାହୁ, ଜନ୍ମେଜୟ ସାହୁ, ମହେନ୍ଦ୍ର ସାନ୍ତା, ଭୀମ ସର୍ଦ୍ଦାର, ଅମିତ ସାସ୍‌ମଲ, ସାଇସ୍ୱରୂପ ରାଉତ ଓ ଟିଙ୍କୁ ତିର୍କୀ। ଉତ୍ତର ପ୍ରଦେଶରୁ ସର୍ବାଧିକ ୬୭ ପ୍ରତିଯୋଗୀ ଏଥିରେ ଭାଗନେବାକୁ ଯାଉଥିବା ସୂଚନା ରହିଛି।

### ୧୨ ଇଭେଣ୍ଟରେ ହେବ ପ୍ରତିଯୋଗିତା

| ଇଭେଣ୍ଟ ମହିଳା | ଏଣ୍ଟ୍ରି ଷ୍ଟାଣ୍ଡାର୍ଡ | ଇଭେଣ୍ଟ ପୁରୁଷ | ଏଣ୍ଟ୍ରି ଷ୍ଟାଣ୍ଡାର୍ଡ |
|---|---|---|---|
| ୧୦୦ମି. | ୧୨.୯୦ ସେ. | ୧୦୦ମି. | ୧୧.୦୦ ସେ. |
| ୨୦୦ମି. | ୨୫.୩୦ ସେ. | ୨୦୦ମି. | ୨୨.୫୦ ସେ. |
| ୪୦୦ମି. | ୫୮.୦୦ ସେ. | ୪୦୦ମି. | ୪୯.୦୦ ସେ. |
| ୮୦୦ମି. | ୨:୧୫.୦୦ସେ. | ୮୦୦ମି. | ୧:୫୫.୦୦ସେ. |
| ୧୫୦୦ମି. | ୪:୨୫.୦୦ ସେ. | ୧୫୦୦ମି. | ୩:୫୮.୦୦ ସେ. |
| ୫୦୦୦ମି. | ୧୭:୫୦.୦୦ ସେ. | ୫୦୦୦ମି. | ୧୫:୦୦.୦୦ ସେ. |
| ୧୦୦୦୦ମି | ୩୭:୫୦.୦୦ ସେ. | ୧୦୦୦୦ମି | ୩୧:୦୦.୦୦ ସେ. |
| ଲଙ୍ଗ୍ ଜମ୍ପ | ୫.୦୦ମି. | ଲଙ୍ଗ୍ ଜମ୍ପ | ୬.୯୦ମି. |
| ଟ୍ରିପଲ ଜମ୍ପ | ୧୧.୩୦ମି. | ଟ୍ରିପଲ ଜମ୍ପ | ୧୪.୦୦ମି. |
| ଶଟ୍‌ପୁଟ୍ | ୧୧.୫୦ମି. | ଶଟ୍‌ପୁଟ୍ | ୧୫.୦୦ମି. |
| ଡିସ୍କସ୍ ଥ୍ରୋ | ୪୦.୦୦ମି. | ଡିସ୍କସ୍ ଥ୍ରୋ | ୪୮.୦୦ମି. |
| ଜାଭେଲିନ୍ ଥ୍ରୋ | ୪୩.୦୦ମି. | ଜାଭେଲିନ୍ ଥ୍ରୋ | ୬୨.୦୦ମି. |

# ନଂ.୧କୁ ଫେରିଲେ ରୁଟ୍

**ଦୁବାଇ,୧୬।୭(ପି.ଟି.)**

ଇଂଲଣ୍ଡର ଷ୍ଟାର ବ୍ୟାଟର ଜୋ ରୁଟ୍ ଆଇସିସି ପୁରୁଷ ଟେଷ୍ଟ ବ୍ୟାଟରଙ୍କ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷକୁ ଫେରିଛନ୍ତି। ସେହିଭଳି ଭାରତୀୟ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ବ୍ୟାଟରଙ୍କ ର୍‍ୟାଙ୍କିଙ୍ଗ୍‌ରେ ୩୪ତମ ସ୍ଥାନରେ ରହିଥିବା ନେଇ ଆଇସିସି ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ଟେଷ୍ଟ ର୍‍ୟାଙ୍କିଙ୍ଗ୍ସ ତାଲିକାରେ ଦର୍ଶାଯାଇଛି।

ରୁଟ୍ ଭାରତ ବିପକ୍ଷ ତୃତୀୟ ଟେଷ୍ଟର ଉଭୟ ଇନିଂସ୍‌ରେ ଯଥାକ୍ରମେ ୧୦୪ ଓ ୪୦ ରନ୍ କରିଥିଲେ। ଏହି ମ୍ୟାଚ୍‌କୁ ଘରୋଇ ଇଂଲଣ୍ଡ ଦଳ ୨୨ ରନ୍‌ରେ ଜିତିନେଇଥିଲା। ଏଭଳି ପ୍ରଦର୍ଶନ ଯୋଗୁ ରୁଟ୍ କ୍ୟାରିୟରରେ ଅଷ୍ଟମଥର ପାଇଁ ଟେଷ୍ଟ ବ୍ୟାଟରଙ୍କ ତାଲିକାର ଶୀର୍ଷକୁ ଉଠିଛନ୍ତି।




# ଦୀପିକାଙ୍କୁ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ

**ନୂଆଦିଲ୍ଲୀ,୧୬।୭(ପି.ଟି.)**




ଭାରତୀୟ ମହିଳା ହକି ଦଳର ଷ୍ଟ୍ରାଇକର ଦୀପିକା ଶେରାୱତଙ୍କୁ ଭୁବନେଶ୍ୱରରେ ଖେଳାଯାଇଥିବା ନେଦରଲାଣ୍ଡ ବିପକ୍ଷ ୨୦୨୪-୨୫ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ରେ କରିଥିବା ଫିଲ୍ଡ ଗୋଲ ଯୋଗୁ ପଲିଗ୍ରାସ ମ୍ୟାଜିକ୍ ସ୍କିଲ୍ ପୁରସ୍କାର ଦିଆଯାଇଛି। ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ପୁରସ୍କାର ପ୍ରୋ ଲିଗ୍‌ରେ ସବୁଠାରୁ ସୃଜନଶୀଳ ଓ ଦକ୍ଷତାପୂର୍ଣ୍ଣ ମୁହୂର୍ତ୍ତ ଲାଗି ଦିଆଯାଏ ଏବଂ ଏହାକୁ ସମଗ୍ର ବିଶ୍ୱର ପ୍ରଶଂସକମାନେ ଭୋଟ ଦ୍ୱାରା ଚୟନ କରନ୍ତି। ୨୧ ବର୍ଷୀୟା ଷ୍ଟ୍ରାଇକର ନେଦରଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ୩୫ତମ ମିନିଟ୍‌ରେ ଏକ ଦର୍ଶନୀୟ ଫିଲ୍ଡ ଗୋଲ କରିଥିଲେ, ଯାହାଫଳରେ ୦-୨ ଗୋଲରେ ପଛରେ ଥିବା ଭାରତୀୟ ଦଳ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ ଶେଷରେ ମ୍ୟାଚ୍ ୨-୨ରେ ଡ୍ର ରହିଥିଲା। ପରେ ଶୁଟ୍‌ଆଉଟ୍ ଜରିଆରେ ୱାର୍ଲ୍ଡ ନଂ.୧ ନେଦରଲାଣ୍ଡ ବିଜୟୀ ହୋଇଥିଲା।

ଏହି ପୁରସ୍କାର ପାଇ ମୁଁ ଖୁବ୍ ସମ୍ମାନିତ ଅନୁଭବ କରୁଛି। ନେଦରଲାଣ୍ଡ ଭଳି ଦଳ ବିପକ୍ଷରେ ସେହି ଗୋଲ୍ କରିବା ସତରେ ମୋ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ ଥିଲା। ସେଥିଲାଗି ବର୍ତ୍ତମାନ ସମ୍ମାନ ପାଇବାର ଅର୍ଥ ମୋ ପାଇଁ ବହୁତ କିଛି। ମୋତେ ପ୍ରତିଦିନ ପ୍ରେରଣା ଦେଉଥିବା ସାଥୀ ଖେଳାଳି, କୋଚ୍, ପରିବାରବର୍ଗ ଓ ବନ୍ଧୁମାନଙ୍କୁ ଧନ୍ୟବାଦ ଦେଉଛି। ଏହି ପୁରସ୍କାର କେବଳ ମୋର ନୁହେଁ, ବରଂ ଏହା ପୂରା ଭାରତୀୟ ଦଳର ବୋଲି ଦୀପିକା କହିଛନ୍ତି। ଦୀପିକାଙ୍କ ଗୋଲ୍ ବ୍ୟତୀତ ସ୍ପେନ୍‌ର ପାଟ୍ରିସିଆ ଆଲଭାରେଜ ଓ ଅଷ୍ଟ୍ରେଲିଆର ମହିଳା ଦଳ କରିଥିବା ଏକ ଗୋଲ୍ ମଧ୍ୟ ପୁରସ୍କାର ଦୌଡ଼ରେ ଥିଲା। ପୁରୁଷ ବିଭାଗରେ ଏହି ପୁରସ୍କାର ବେଲ୍‌ଜିୟମର ଭିକ୍ଟର ୱେଗ୍‌ନେଜଙ୍କୁ ସ୍ପେନ୍ ବିପକ୍ଷରେ କରିଥିବା ଗୋଲ୍ ଲାଗି ଦିଆଯାଇଛି।

# ପ୍ରଥମଥରପାଇଁ ସାଙ୍ଗ୍ରୁର ମିଟ୍ ୨ ଦିନିଆ ହେବ

**ନୂଆଦିଲ୍ଲୀ, ୧୬।୭ (ପି.ଟି.)**

ପଞ୍ଜାବର ସାଙ୍ଗ୍ରୁରଠାରେ ଜୁଲାଇ ୨୭ରେ ହେବାକୁଥିବା ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ୍‌କୁ ଆଉ ଗୋଟିଏ ଦିନ ବଢ଼ାଇ ଦିଆଯାଇଛି। ଅର୍ଥାତ୍ ପ୍ରତିଯୋଗିତା ୨୭ ଓ ୨୮ ତାରିଖ ଦୁଇଦିନ ବିଶିଷ୍ଟ ହେବ। ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା କାରଣରୁ ଏପରି ନିଷ୍ପତ୍ତି ନିଆଯାଇଛି। ଘରୋଇ ସର୍କିଟରେ ଏହି ପ୍ରତିଯୋଗିତା ୨ ଦିନ ବିଶିଷ୍ଟ ହେବା ଏହା ପ୍ରଥମ। ପାଖାପାଖି ୯୦୦ ପ୍ରତିଯୋଗୀ ଏଣ୍ଟ୍ରି ପଠାଇ ସାରିଲେଣି। ଫଳରେ ପ୍ରତିଯୋଗିତାକୁ ୨ ଦିନ ବିଶିଷ୍ଟ କରାଯିବା ଜରୁରୀ ହୋଇପଡ଼ିଛି ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ସିଜନରେ ଏଏଫ୍‌ଆଇ ଦେଶର ବିଭିନ୍ନ ଭାଗରେ ମୋଟ ୮ଟି ଇଣ୍ଡିଆନ ଓପନ ମିଟ୍ ଆୟୋଜନ କରୁଛି। ପ୍ରତିଯୋଗିତାରେ ଅଧିକରୁ ଅଧିକ ପ୍ରତିଯୋଗୀଙ୍କ ଅଂଶଗ୍ରହଣ ଏହାର ଉଦ୍ଦେଶ୍ୟ। ଚଳିତ ସିଜନ ପ୍ରାରମ୍ଭରେ ଏପ୍ରିଲ ୧ରେ ସଙ୍ଗ୍ରୁରଠାରେ ଇଣ୍ଡିଆନ ଓପନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩୦ ଆଥ୍‌ଲେଟ୍ ଭାଗ ନେଇଥିଲେ। ଦ୍ୱିତୀୟ ଥରପାଇଁ ସେଠାରେ ଏହି ପ୍ରତିଯୋଗିତା ହେବାକୁଯାଉଛି।

# ଆଜିଠୁ ଆଇସିସି ଏଜିଏମ୍

**ସିଙ୍ଗାପୁର, ୧୬।୭ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ(ଆଇସିସି)ର ୪ଦିନିଆ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଚର୍ଚ୍ଚାରେ ରହିଆସିଥିବା ଟୁ-ଟିଅର ଟେଷ୍ଟ ସିଷ୍ଟମ, ଟି୨୦ ବିଶ୍ୱକପ୍‌ରେ ଅଧିକ ଦଳର ସମ୍ପୃକ୍ତି ଏବଂ ନୂଆ ସଦସ୍ୟଙ୍କୁ ଅନୁସମର୍ଥନ ଆଦି ପ୍ରସଙ୍ଗ ଆଲୋଚନାର କେନ୍ଦ୍ରରେ ରହିବ। ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ଚକ୍ର(୨୦୨୫-୨୭) ଆରମ୍ଭ ହୋଇସାରିଛି। ତେଣୁ ପ୍ରମୋଶନ ଓ ରେଲେଗେଶନକୁ ନେଇ ପ୍ରସ୍ତାବିତ ଟୁ-ଟିଅର ଟେଷ୍ଟ ଫର୍ମାଟ୍ ଏବେ ଲାଗୁହେବାର ସମ୍ଭାବନା ନାହିଁ। ତେଣୁ ଯଦି ଏହା ଅନୁମୋଦନ ଲାଭକରେ ତେବେ ୨୦୨୭ ପରେ ଲାଗୁ ହୋଇପାରେ। ଆଇସିସି ଚେୟାରମ୍ୟାନ୍ ଜୟ ଶାହା ଓ ନବନିଯୁକ୍ତ ସିଇଓ ସଂଯୋଗ ଗୁପ୍ତାଙ୍କ ନେତୃତ୍ୱରେ ହେବାକୁଥିବା ବୈଠକରେ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନିଆଯିବ। କାରଣ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ଏହାକୁ ଦୃଢ଼ଭାବେ ସମର୍ଥନ କରିଆସୁଛନ୍ତି। ୫୦ ଓଭରବିଶିଷ୍ଟ ବିଶ୍ୱକପ୍‌ରେ ଅଧିକ ଦଳକୁ ସାମିଲ କରାଯିବାର କୌଣସି ପ୍ରସ୍ତାବ ନାହିଁ। ତେବେ ଆଇସିସି ଟି୨୦ ବିଶ୍ୱକପ୍‌ରେ ଅଧିକ ଦଳକୁ ସାମିଲ କରି ସମ୍ଭବତଃ ଏହାକୁ ୨୪ରେ ପହଞ୍ଚାଇପାରେ। ତେବେ ଆସନ୍ତାବର୍ଷ ପୂର୍ବରୁ ସେପରି କିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ଆଶା କରାଯାଉନାହିଁ। ଗତବର୍ଷ ୪ଟି ଦଳକୁ ସାମିଲ କରାଯିବା ପରେ ବର୍ତ୍ତମାନ ଟି୨୦ ବିଶ୍ୱକପ୍‌ରେ ୨୦ ଦଳ ଅଂଶଗ୍ରହଣ କରୁଛନ୍ତି।

# ଲକ୍ଷ୍ୟ, ସାତ୍ୱିକ-ଚିରାଗ ୨ୟ ରାଉଣ୍ଡରେ

**ଟୋକିଓ,୧୬।୭(ପି.ଟି.)**

### ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନରୁ ସିନ୍ଧୁ ଆଉଟ

ଭାରତର ଟପ୍ ପୁରୁଷ ସିଙ୍ଗଲ୍ସ ଖେଳାଳି ଲକ୍ଷ୍ୟ ସେନ୍, ପୂର୍ବତନ ନଂ.୧ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ଶେଟ୍ଟି ବିଜୟ ସହ ଏଠାରେ ଚାଲିଥିବା ଜାପାନ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଦୁଇଥରର ଅଲିମ୍ପିକ୍ ପଦକଧାରୀ ପିଭି ସିନ୍ଧୁ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ବୁଧବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ପୂର୍ବତନ ୱାର୍ଲ୍ଡ ଚାମ୍ପିୟନ ୩୦ ବର୍ଷୀୟ ସିନ୍ଧୁ ୧୫-୨୧, ୧୪-୨୧ ଗେମ୍‌ରେ କୋରିଆର ସିମ୍ ୟୁ ଜିନ୍‌ଙ୍କଠାରୁ ପରାଜିତ ହୋଇଛନ୍ତି। ଏହାକୁ ମିଶାଇ ଚଳିତବର୍ଷ ସେ ପଞ୍ଚମ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ପୁରୁଷ ଡବଲ୍ସରେ ସାତ୍ୱିକ-ଚିରାଗ ୨୧-୧୮, ୨୧-୧୦ ସିଧାସଳଖ ଗେମ୍‌ରେ କୋରିଆର କାଙ୍ଗ ମିନ୍ ହ୍ୟୁକ୍ ଓ କିମ୍ ଡଙ୍ଗ ଜୁଙ୍କୁ ପରାସ୍ତ କରିଛନ୍ତି। ଏଥିଲାଗି ସେମାନଙ୍କୁ ୪୨ ମିନିଟ୍ ସମୟ ଲାଗିଥିଲା। ଚଳିତ ସିଜନରେ ଫର୍ମ ସହ ସଂଘର୍ଷ କରୁଥିବା ଲକ୍ଷ୍ୟ ୨୧-୧୧, ୨୧-୧୮ ଗେମ୍‌ରେ ଚାଇନାର ୱାଙ୍ଗ୍ ଝେଙ୍ଗ୍‌ଙ୍କୁ ହରାଇଦେଇଛନ୍ତି। ବିଶ୍ୱରେ ୧୮ତମ ମାନ୍ୟତାପ୍ରାପ୍ତ ଲକ୍ଷ୍ୟ ପରବର୍ତ୍ତୀ ମ୍ୟାଚ୍‌ରେ ସପ୍ତମ ସିଡ୍ ତଥା ସ୍ଥାନୀୟ ଫେଭରାଇଟ୍ କୋଦାଇ ନାରାଓକାଙ୍କୁ ଭେଟିବେ।




# ସାହାଣୀ କପ୍ ଫୁଟ୍‌ବଲ ଉଦ୍‌ଘାଟିତ


କେନ୍ଦୁଝର ଜୋନ୍‌ରେ ବୁଧବାର ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

**କେନ୍ଦୁଝର,୧୬।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

### କେନ୍ଦୁଝର ଜୋନ୍‌ରେ ରାଉରକେଲା, କେନ୍ଦୁଝର ବିଜୟୀ

କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା, ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ ଆୟୋଜିତ ୬୪ତମ ସାହାଣୀ କପ୍ ସିନିୟର ଆନ୍ତଃ ଜିଲା ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତା କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ବୁଧବାର ଏଠାରେ ଅନୁଷ୍ଠିତ ୨ଟି ମ୍ୟାଚରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୪-୧ ଗୋଲରେ ଯାଜପୁରକୁ ଏବଂ ଦ୍ୱିତୀୟ ମ୍ୟାଚରେ କେନ୍ଦୁଝର ୧-୦ ଗୋଲରେ ଅନୁଗୋଳକୁ ହରାଇଛି।

ପ୍ରଥମ ଖେଳରେ ସୁବ୍ରତ ପୁରୋହିତ ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଲାଇନ୍‌ରେ ବାପୁନ ମହାନ୍ତ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚକ୍ରଧର ଚାଟାର ଚତୁର୍ଥ ରେଫରି ଥିଲେ। ଦ୍ୱିତୀୟ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଉତ୍କଳମଣି ବେହେରା ଓ ଶୁଭମ ପାତ୍ର ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ। ମହେଶ ପ୍ରଧାନ ଚତୁର୍ଥ ରେଫରି ଥିଲେ। ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।ଜିଲା ଅଥଲେଟିକ ଆସୋସିଏଶନର ସମ୍ପାଦକ, ରାଜ୍ୟ ଉପସଭାପତି ଡ. ଜନାର୍ଦ୍ଦନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା କ୍ରୀଡ଼ା ସଂସ୍ଥାର ସଭାପତି ଜିଲାପାଳ ବିଶାଳ ସିଂହ, ଉପସଭାପତି ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ଆଇଏଏସ ପ୍ରଭେସନର ପବନ କୁମାର, ଓଡ଼ିଶା ଆଥଲେଟିକ ଆସୋସିଏଶନର ରାଜ୍ୟ ଉପସଭାପତି ଡ. ଗୌରଗୋବିନ୍ଦ ସାମନ୍ତ, ଟୁର୍ଣ୍ଣାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲା କ୍ରୀଡ଼ା ସଂଘ ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସହ ସମ୍ପାଦକ ରବୀନ୍ଦ୍ର ପାଢ଼ି ପ୍ରମୁଖ ମଞ୍ଚାସିନ ଥିଲେ।

**ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ**

**ବୌଦ୍ଧ**
ସମ୍ବଲପୁର-୩, କନ୍ଧମାଳ-୦
ବୌଦ୍ଧ-୧, ନୂଆପଡ଼ା-୦

**କେନ୍ଦ୍ରାପଡ଼ା**
ଝାରସୁଗୁଡ଼ା-୨, ଜଗତ୍‌ସିଂହପୁର-୧
ଭଦ୍ରକ-୨, କେନ୍ଦ୍ରାପଡ଼ା-୦

**ବ୍ରହ୍ମପୁର**
ଭୁବନେଶ୍ୱର-୩, ନବରଙ୍ଗପୁର-୦
ଗଞ୍ଜାମ-୦, ଗଜପତି-୦

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ